# ଏବ୍ରୀ, ଅଧ୍ୟାୟ ଛଅ 2

…ତାହାଙ୍କର ବହୁମୂଲ୍ୟ ବାକ୍ୟକୁ ଅଧ୍ୟୟନ କରିବା ହେତୁ।

ମୁଁ କିଛି ସମୟ ପୂର୍ବରୁ, ଭିତରକୁ ଆସିଲି, ଏବଂ ମୁଁ ଦୁଇଟି ବାଇବଲ ଧରିଥିଲି। ଏବଂ ମୋର ଏଠାରେ ପଛରେ ଥିବା ଜଣେ ମହିଳାଙ୍କ ସହିତ ଏକ ଛୋଟ ସାକ୍ଷାତକାର ହୋଇଥିଲା, ଏବଂ ମୁଁ ତାଙ୍କୁ କହିଲି ଯଦି ମୁଁ ଉଭୟ ମଧ୍ୟରୁ ପ୍ରଚାର କରେ, ତାହାହେଲେ ଏହା ଏକ ଅତି ଉତ୍ତମ ମୂଳପାଠ ହେବ। ମାତ୍ର ଏହା ଏକ ଗ୍ରୀକ୍ ଲେକ୍ସିକନ୍ ଅଟେ, ଯେଣୁ ଆଜି ରାତିରେ, ମୁଁ ଏଥିରୁ କିଛି ପାଠ କରିବାକୁ ଚାହେଁ। ଏହା ଏକ—ଏହା ଏକ…ମୂଳ ଗ୍ରୀକ୍ ଭାଷାରୁ, ଇଂରାଜୀକୁ, ଏହା ଶବ୍ଦ ପରେ ଶବ୍ଦର ବ୍ୟାଖ୍ୟା ଅଟେ। ଏବଂ ଏହା ମୋ ପାଇଁ ଏହି ସେବାକାର୍ଯ୍ୟରେ ବହୁତ ଅଧିକ ସାହାଯ୍ୟ ରହି ଆସିଛି। ଏବଂ ମୁଁ ଏଥିରୁ କିଛି ପାଠ କରିବାକୁ ଚାହେଁ, କାରଣ ବର୍ତ୍ତମାନ ଆମେ ଏହି ଏବ୍ରୀ ପୁସ୍ତକରେ ଅଧ୍ୟୟନ କରୁଅଛୁ, ଏବଂ ଆମେ ବର୍ତ୍ତମାନ ଠିକ ପ୍ରକୃତ ଗଭୀର ଅର୍ଥକୁ ଆସୁଅଛୁ।

219 ଏବଂ କିଛି ମିନିଟ୍ ପୂର୍ବରୁ, ମୁଁ ଭାଇ ନେଭିଲ୍‌ଙ୍କୁ କହିଥିଲି, "ଆମେ ସେହି ଅଂଶକୁ ଆସୁଅଛୁ ଯେଉଁଠାରେକି ଲୋକମାନେ ସେମାନଙ୍କର ମୁଣ୍ଡକୁ ଆଉଁସିବେ ଏବଂ କହିବେ, 'ମୁଁ ତାହା ବିଶ୍ୱାସ କରେ ନାହିଁ।'" ବୁଝିଲେ? ସେହି ପ୍ରକାର ବିଷୟ ମଧ୍ୟକୁ ଆମେମାନେ ଯାଉଅଛୁ। ସେହିଠାରେ ହିଁ ଆମେ ଏହାକୁ ପସନ୍ଦ କରୁ।

220 କୌଣସି ସେବକ ମୋତେ କହିଥିଲେ, ସେ କହିଲେ, "ତେବେ, ମୁଁ ଅନୁମାନ କରୁଛି ଯେ ସେଠାରେ ବହୁତ ଅଧିକ ମୁଣ୍ଡ-ଆଉଁସିବା ବିଷୟ ହେବ।"

221 ମୁଁ କହିଲି, "ତାହାହିଁ ଅଟେ ଯାହାକି ଆମେମାନେ କରିବାକୁ ଚାହୁଁ।" ବୁଝିଲେ?

222 ବାଇବଲର କେବଳ ଗୋଟିଏ ଅର୍ଥ ହୋଇପାରେ। ଏହାର ଦୁଇଟି ଅର୍ଥ ହୋଇପାରେ ନାହିଁ। ଏବଂ ଯଦି ବାଇବଲର ଗୋଟିଏ ଅଂଶ ଗୋଟିଏ କଥା କୁହେ, ଏବଂ ବାଇବଲର ଅନ୍ୟ ଅଂଶଟି ଅନ୍ୟ କିଛି ବିଷୟ କୁହେ, ତାହାହେଲେ କିଛି ଗୋଟାଏ ଭୁଲ୍ ଅଛି। ବୁଝିଲେ? ଏହାକୁ ତ ସବୁ ସମୟରେ, ସେହି ସମାନ କଥା ହିଁ କହିବା କଥା। ମାତ୍ର, ମନେରଖନ୍ତୁ, ବାଇବଲ ଅଧ୍ୟୟନରେ, "ଏହା ଜ୍ଞାନୀ ଏବଂ ପଣ୍ଡିତ ଲୋକମାନଙ୍କ ଆଖିରୁ ଲୁକ୍କାୟିତ ରହିଅଛି, ଏବଂ ଶିଶୁମାନଙ୍କ ନିକଟରେ ପ୍ରକଟିତ ହୋଇଅଛି," କାରଣ ଏହା ଏକ ଆତ୍ମିକ ପୁସ୍ତକର ଅଟେ।

223 ଏବଂ ଏହା ଏକ ପାଶ୍ଚାତ୍ୟ ପୁସ୍ତକ ନୁହେଁ। ଏହା ଏକ ପୂର୍ବ ପ୍ରାନ୍ତୀୟ ପୁସ୍ତକ ଅଟେ। ଏବଂ ସେଠାରେ କେବଳ ଗୋଟିଏ ବିଷୟ ଅଛି ଯାହାକି ଏହାକୁ ବ୍ୟାଖ୍ୟା କରିପାରେ, ଏବଂ ତାହା ହେଉଛି ପବିତ୍ରଆତ୍ମା। ମୁଁ ଜାଣେ ଯେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ତାହା କହିବାକୁ ଚାହୁଁ, ଯଥା, "ପବିତ୍ରଆତ୍ମା ଆମକୁ ତାହା କହୁଅଛନ୍ତି ଯାହା ଆମେ ଏଥିରେ ବିଶ୍ୱାସ କରୁ।" ତେବେ, ବର୍ତ୍ତମାନ, ଯଦି ପ୍ରତ୍ୟେକ ଶାସ୍ତ୍ର ସେହି ସମାନ ଭାବରେ ସହମତିରେ ଥାଏ,

ତାହାହେଲେ ତାହା ପବିତ୍ରଆତ୍ମା ଅଟେ। ଯଦି ଏହା ସହମତ ନ ହୁଏ, ଏବଂ *ଏଠା*ରେ ଏକ ଫାଙ୍କ ରୁହେ, ଏବଂ *ଏଠା*ରେ ଏକ ଫାଙ୍କ ରୁହେ, ତାହାହେଲେ ସେଠାରେ ଆମ ବିଶ୍ୱାସ ସହିତରେ କିଛି ଗୋଟାଏ ଭୁଲ ଅଛି। ଏବଂ, ଓଃ, ଏହା ଏକ ଅତ୍ୟନ୍ତ ଚମତ୍କାର ପୁସ୍ତକ ଅଟେ।

224 ତେବେ, ମୁଁ ଚାହୁଁଛି ଯେ ଆମେ ଅଧ୍ୟୟନ କରୁଥିବା ସମୟରେ ଆପଣ ଏହା କରନ୍ତୁ। ବର୍ତ୍ତମାନ, ପ୍ରଭୁଙ୍କ ଇଚ୍ଛା ହେଲେ, ଆମେମାନେ ଅତି ପ୍ରଭାତରେ ୱାୟୋମିଙ୍ଗ ପାଇଁ ଯାତ୍ରା କରିବା। ଆମ ପାଇଁ ପ୍ରାର୍ଥନା କରିବେ।

ଏବଂ ଏହି ପରବର୍ତ୍ତୀ ସପ୍ତାହରେ, ଭାଇ ଗ୍ରାହାମ୍ ସ୍ନେଲିଙ୍ଗ୍, ଏଠାରେ...ସେ ଉପସ୍ଥିତ ଅଛନ୍ତି। ମୁଁ ତାଙ୍କ କଥା ଶୁଣିଲି, କିଛି ମିନିଟ୍ ପୂର୍ବରୁ, ସେ ଘୋଷଣା କରୁଥିଲେ। ଏବଂ ଏହି ମଣ୍ଡଳୀ ତାଙ୍କର ଉଦ୍ଦୀପନା ସଭା ସହିତ ସମ୍ପୂର୍ଣ୍ଣ ଭାବରେ ସହଯୋଗରେ ଅଛି। ଏବଂ ଆମେମାନେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଯେ ତାଙ୍କୁ ଏକ ଅତ୍ୟଧିକ ବଡ଼, ପ୍ରଚୁର ମାତ୍ରାରେ, ମହାନ ଉଦ୍ଦୀପନା ସଭା ଦିଅନ୍ତୁ। ଭାଇ ଗ୍ରାହାମ୍ ଏଠାରେ ଉପରେ ଚାର୍ଲଷ୍ଟାଉନ୍‌ଠାରେ...ଭାଇଙ୍କ ପାଇଁ, ଭାଇ ଜୁନିୟର୍ କ୍ୟାଶ୍ ପାଇଁ ଉଦ୍ଦୀପନା ସଭା କରିଥିଲେ, ଏବଂ ମୁଁ ବିଶ୍ୱାସ କରେ ଯେ, ଠିକ ସେଠାରେ ଶହେ ଜଣ ମନ ଫେରଣକାରୀଙ୍କ ଉପରେ ଥିଲା। [ଜଣେ ଭାଇ କୁହନ୍ତି, "ଚୌରା-ଅଶି।"—ସମ୍ପା।] ଚୌରା-ଅଶି ଜଣ ମନ ଫେରଣକାରୀ। ତେଣୁ, ତାହା ପାଇଁ, ଆମେ ପରମେଶ୍ୱରଙ୍କୁ ପ୍ରଶଂସା କରୁ। ଏବଂ ଆମେମାନେ ଭରସା କରୁ ଯେ ତାହା ଏଠାରେ ଉପରେ, ଏହି ସ୍ଥାନରେ ପାଞ୍ଚ ଶହ ଚୌରା-ଅଶି ଜଣ ହେବେ।

225 ଭାଇ ଗ୍ରାହାମ୍ ଆଜି ମୋତେ ଭେଟିଲେ, ଏବଂ ସେ କହିଲେ, "ତେବେ, ଭାଇ ବିଲ୍, ମୁଁ ସୁନିଶ୍ଚିତ ଅଟେ ଯେ ଆପଣ ବୁଝୁଛନ୍ତି ଯେ ମୁଁ ଏଠାରେ ଏହି ଆରାଧନାଳୟ ବିରୋଧରେ ଅନ୍ୟ ଏକ କାର୍ଯ୍ୟ ଆରମ୍ଭ କରିବା ପାଇଁ ନୁହେଁ, କାରଣ ମୁଁ ଏହି ଆରାଧନାଳୟର ଅଂଶ ଅଟେ।" ସେ ତ କେବଳ ଏଠାରେ ଅଛନ୍ତି...ସେ ନିଜ ହୃଦୟରେ ଏହା ଅନୁଭବ କରନ୍ତି ଯେ ସେ ଏକ ଉଦ୍ଦୀପନା ସଭା କରିବାକୁ ଚାହୁଁଛନ୍ତି, ଏବଂ ପ୍ରଭୁ ହିଁ ତାଙ୍କୁ ଏହା କରିବା ପାଇଁ କଢ଼େଇ ନେଉଛନ୍ତି। ଏବଂ—ଏବଂ ସେ ମନ ଫେରଣକାରୀମାନଙ୍କୁ ନିମନ୍ତ୍ରଣ କରନ୍ତି, ଏବଂ ସେମାନଙ୍କୁ ରଖିବା ପାଇଁ, ଏକ ଗୀର୍ଜାଘର ନିଅନ୍ତି, "ଏଠାରେ ଏକ ମଣ୍ଡଳୀ ଘର ଅଛି, ଯଦି ଆପଣ ଭିତରକୁ ଆସିବେ, ମନ ଫେରଣ କରନ୍ତୁ।"

226 ଏବଂ ଖ୍ରୀଷ୍ଟିଆନ ଭାବରେ, ଏହା ଆମର କର୍ତ୍ତବ୍ୟ ଅଟେ, ଯେ ଆମ ପାଖରେ ଯାହା ଅଛି ତାହା ସହିତ ଆମେ ତାଙ୍କୁ ସମର୍ଥନ କରୁ। ଏବଂ ପ୍ରଭୁ ଭାଇ ଗ୍ରାହାମ୍‌ଙ୍କୁ ଆଶୀର୍ବାଦ କରନ୍ତୁ। ଏବଂ ଆପଣ, ପ୍ରତ୍ୟେକ ଜଣ, ଏଠାରେ ଉପରେ ଭାଇ ଗ୍ରାହାମ୍‌ଙ୍କ ସଭା ନିମନ୍ତେ ସାଦର ଆମନ୍ତ୍ରିତ ଅଟନ୍ତି, ହଜିଯାଇଥିବା ପ୍ରାଣଗୁଡିକ ପାଇଁ ଏବଂ ପରମେଶ୍ୱରଙ୍କ ରାଜ୍ୟ ପାଇଁ, ଏହି ମଣ୍ଡଳୀରୁ ସମ୍ପୂର୍ଣ୍ଣ ଅନୁମତି ରହିଥିବା ସହ, ତାଙ୍କୁ ସାହାଯ୍ୟ କରିବାର ସମ୍ପୂର୍ଣ୍ଣ ସହଯୋଗ ଅଛି ଯାହାକିଛି ଆମେ ଯେକୌଣସି ପ୍ରକାରେ କରିପାରୁ।

227 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ଗ୍ରାହାମ୍, ଆପଣଙ୍କୁ ଏକ ଅତ୍ୟୁତ୍ତମ ସଭାଗୁଡିକ

ପ୍ରଦାନ କରନ୍ତୁ । ସେ ଜାଣନ୍ତି ନାହିଁ ସେ କେବେ ସମାପ୍ତ କରିବେ । ସେ ତ ବର୍ତ୍ତମାନ ଆରମ୍ଭ କରୁଛନ୍ତି । ଏବଂ ତେଣୁକରି, ଏହା ଭାଇ ଗ୍ରାହାମ୍‌ଙ୍କର ମୋ ଭଳି, ଅନେକ *ଉତ୍ଥାନ* ଓ *ପତନ* ରହିଅଛି । ଠିକ ସେହିପରି ଭାବରେ ଜୀବନ ଚାଲିଥାଏ । ଯେତେବେଳେ ଆପଣ *ପତନ* ଦେଇ ଗତି କରିଥାନ୍ତି ସେତେବେଳେ ଏହା ଆପଣଙ୍କୁ *ଉତ୍ଥାନ*କୁ ପ୍ରଶଂସା କରାଇଥାଏ । ଯଦି ଜଣେ ବ୍ୟକ୍ତି ଏକ ସମର୍ପଣ କରେ ଏବଂ ସେଠାରେ ପଡ଼ି ରହିଥାଏ, ସେ ଜଣେ ଭୀରୁ ଅଟେ । ମୋର ଜଣେ ବ୍ୟକ୍ତି ଉପରେ ଆତ୍ମବିଶ୍ୱାସ ରହିଥାଏ ଯେତେବେଳେ ସେହି ବ୍ୟକ୍ତି ଉଠିବେ ଏବଂ ପୁନର୍ବାର ଚେଷ୍ଟା କରିବେ । ତାହା ଠିକ୍ ଅଟେ । ମୁଁ ସୁନିଶ୍ଚିତ ଯେ ଆପଣ ତାହା ବ୍ୟାଖ୍ୟା କରିପାରନ୍ତି ଯାହା ମୋର ଅଭିପ୍ରାୟ ଅଟେ । ତେବେ, ଆସନ୍ତା ସପ୍ତାହରେ, ଏହାକୁ ଭୁଲନ୍ତୁ ନାହିଁ ।

228 ବର୍ତ୍ତମାନ, ଏବ୍ରୀର ଏହି ପୁସ୍ତକରେ, ଆମେ ଆଜି ରାତି ସେହି ପୃଷ୍ଠଭୂମିକୁ ନେବା ନାହିଁ ।

229 ତେବେ, ପରବର୍ତ୍ତୀ ରବିବାର, ପ୍ରଭୁ ଇଚ୍ଛା କଲେ, ଭାଇ ନେଭିଲ୍ ଘୋଷଣା କରିବେ । ଭାଇ କକ୍ସ ଏଠାରେ, କିମ୍ବା ସେମାନଙ୍କ ମଧ୍ୟରୁ କେତେକ, ତାଙ୍କୁ ଜଣାଇ ଦେବେ, ଯଦି ଆମେ ପରବର୍ତ୍ତୀ ରବିବାରର ସଭା ପାଇଁ ସମୟ ପାଇବା । ସେ ଏହାକୁ ରେଡିଓରେ ଘୋଷଣା କରିବେ । ଏବଂ ଆମେ...ଆପଣମାନେ ସମସ୍ତେ ବର୍ତ୍ତମାନ ତାଙ୍କ ରେଡିଓ ପ୍ରସାରଣକୁ ଶୁଣନ୍ତୁ, ଏବଂ—ଏବଂ—ଏବଂ ଆପଣଙ୍କର ସମସ୍ତ ପଡ଼ୋଶୀମାନଙ୍କୁ ତାହା ଶୁଣିବାକୁ ନିମନ୍ତ୍ରଣ କରନ୍ତୁ । ମୁଁ ସେମାନଙ୍କର, ସେହି ନେଭିଲ୍ ଚାରିବନ୍ଧୁଙ୍କର ପ୍ରଚାର ଏବଂ ଗୀତଗାନକୁ ଶୁଣିବା ଦ୍ୱାରା ପ୍ରକୃତରେ ଆନନ୍ଦ ଲାଭ କରିଥାଏ । ମୁଁ ତାହା ଏଇଥି ପାଇଁ କହୁ ନାହିଁ ଯେହେତୁ ସେ ଏଠାରେ ବସିଛନ୍ତି । ଯଦି ମୁଁ ତାହା କୁହେ, ଏବଂ ମୋର ହୃଦୟରେ ତାହାର ଅଭିପ୍ରାୟ ନ ରଖେ, ତାହାହେଲେ ମୁଁ ଜଣେ କପଟୀ ହେବି । ତାହା ଠିକ୍ । ମୋତେ ଅନୁତାପ କରିବାକୁ ପଡିବ । ମାତ୍ର ମୋର ଏହା ଅଭିପ୍ରାୟ ଅଟେ । ଏବଂ ସେ ଚାଲିଯିବା ପରେ ପୁରା ପୁଷ୍ପଗୁଚ୍ଛ ଦେବା ଅପେକ୍ଷା ମୁଁ ତାଙ୍କୁ ବର୍ତ୍ତମାନ ହିଁ ଏକ ସାନ ଗୋଲାପ କଢ଼ିଟିଏ ଦେବି ।

230 ଥରେ ମୁଁ ସେଠାରେ କବାଟ ଦେଇ ବାହାରକୁ ଯାଉଥିଲି, ଏବଂ ସେଠାରେ ଜଣେ ମହିଳା ଆସିଲେ, ଏବଂ ସେ କହିଲେ, "ଭାଇ ବ୍ରାନହାମ୍, ଓଃ, ମୁଁ କିପରି ସେହି ବାର୍ତ୍ତାକୁ ଉପଭୋଗ କଲି!"

231 ମୁଁ କହିଲି, "ଧନ୍ୟବାଦ ।" ମୋତେ ଭଲ ଲାଗିଲା ।

232 ଅନ୍ୟ କେହି ଜଣେ ଆସନ୍ତି, କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ସେହି ବାର୍ତ୍ତା ଉପଭୋଗ କଲି ।"

233 ମୁଁ କହିଲି, "ଆପଣଙ୍କୁ ଧନ୍ୟବାଦ ।"

234 ସେଠାରେ ଜଣେ ସାନ ପ୍ରଚାରକ, ଏଠାରେ ଏହି ଦେଶର ଉତ୍ତର ଭାଗରେ, ଏହି ରାଜ୍ୟରୁ ଥିଲେ, ସେ କହିଲେ, "ପରମେଶ୍ୱର ଧନ୍ୟ ହେଉନ୍ତୁ, ମୁଁ ଚାହେଁ ନାହିଁ ଯେ ଲୋକମାନେ ମୋ ଉପରେ ସେହିଭଳି ଗର୍ବ କରନ୍ତୁ ।"

235 ମୁଁ କହିଲି, "ମୁ କରେ।" ଏବଂ ମୁଁ କହିଲି, "ମୋର ଏବଂ ଆପଣଙ୍କ ମଧ୍ୟରେ କେବଳ ଗୋଟିଏ ପାର୍ଥକ୍ୟ ଅଛି। ମୁଁ ଏହା ବିଷୟରେ ସଙ୍କୋଚ ଅଟେ।" ତାହା ଠିକ୍ ଅଟେ। ଆମେ ସମସ୍ତେ ନିଜ ବିଷୟରେ ସୁନ୍ଦର ଶବ୍ଦଗୁଡିକୁ ଶୁଣିବାକୁ ପସନ୍ଦ କରୁ। ଏବଂ ମୁଁ—ମୁଁ ଭାବୁଛି ଯେ ଏହା ବିଷୟରେ ସୁନ୍ଦର ଶବ୍ଦ କହିବା ଅତ୍ୟୁତ୍ତମ ଅଟେ। ଏବଂ ଯଦି ଆପଣ ଚାହାଁନ୍ତି ଯେ କେହି ଆପଣଙ୍କ ବିଷୟରେ ଅତ୍ୟୁତ୍ତମ ଶବ୍ଦ କୁହନ୍ତୁ, ତାହାହେଲେ ଅନ୍ୟ କାହାରି ବିଷୟରେ କିଛି ଅତ୍ୟୁତ୍ତମ ଶବ୍ଦ କୁହନ୍ତୁ। ତାହା କରିବା ପାଇଁ ତାହାହିଁ ହେଉଛି ସେହି ଉପାୟ, ତାହାହେଲେ ଆପଣ ସର୍ବଦା ସମସ୍ତଙ୍କ ବିଷୟରେ ଉତ୍ତମ କଥାଗୁଡିକୁ କହିବେ ଯେତିକି ଆପଣ କରିପାରିବେ। ଏବଂ ତାହା ଚକକୁ ଅଧିକ ଉତ୍ତମ ଭାବେ ଘୁରାଇଥାଏ।

236 ତେବେ, ଏଥିରେ, ଆସନ୍ତା ରବିବାର, ଯଦି ପ୍ରଭୁ ଇଚ୍ଛା କରିବେ, ମୋ ମତରେ, ଆମେମାନେ, ପରମେଶ୍ୱରଙ୍କ ଏହି ମହାନ ନିଗୁଢ଼ ରହସ୍ୟଗୁଡିକରେ ଅଧିକ ଗଭୀର ଏବଂ ଗଭୀର ଭାବେ ଯାଉଅଛୁ। ଆମେ ମଲ୍‌କୀଷେଦକ ନିକଟକୁ ଯାଉଅଛୁ: ସେ କିଏ ଥିଲେ, ସେ କେଉଁଠାରୁ ଆସିଥିଲେ, ସେ କେଉଁଆଡେ ଗଲେ, ତାଙ୍କ ସହିତ କଅଣ ଘଟିଲା, ଏବଂ ମଲ୍‌କୀଷେଦକ ବିଷୟରେ ସମସ୍ତକିଛି।

237 ଏବଂ ବର୍ତ୍ତମାନ, ଗତ ବୁଧବାର ରାତିରେ, ଭାଇ ନେଭିଲ୍ ସର୍ବୋଚ୍ଚ ଈଶ୍ୱରତ୍ୱ ଏବଂ ଆମର ପ୍ରଭୁ ଯୀଶୁଙ୍କ ଯାଜକତ୍ୱର ଶେଷ ଅଧ୍ୟାୟକୁ ସ୍ପର୍ଶ କଲେ, ଯାହାକି ପ୍ରାରମ୍ଭରେ ଆରମ୍ଭ ହୁଏ, "ପରମେଶ୍ୱର, ପୂରାକାଳରେ ବିଭିନ୍ନ ସମୟରେ ଏବଂ ବିବିଧ ପ୍ରକାରେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷଙ୍କୁ କଥା କହି, ଏହି ଶେଷ ଦିନରେ ତାହାଙ୍କ ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଆମ ସହିତ କଥା କହିଅଛନ୍ତି।"

238 ତାହାପରେ ସେ ଆଗକୁ ବଢନ୍ତି, ଏବଂ ଏହା କହି ପ୍ରତିରୂପକ ଭାବରେ ଦର୍ଶାଇବାକୁ ଆରମ୍ଭ କରନ୍ତି ଯେ ସେ କିଏ ଥିଲେ, ଓ ତାହାଙ୍କୁ ଠିକ 5ମ ପର୍ବକୁ, 5ମ ପର୍ବର ଶେଷକୁ ନେଇ ଆସନ୍ତି।

239 ତାହାପରେ ସେହି ଷଷ୍ଠ ପର୍ବରୁ ଆରମ୍ଭ କରି, ଆମେମାନେ ଆଜି ସକାଳେ ଏହାକୁ ଆମ ପାଠ୍ୟରେ ପାଇଥିଲୁ।

*ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ;*

240 କେତେ ଲୋକ ସିଦ୍ଧତା ଉପରେ ସେହି ବାର୍ତ୍ତାକୁ ଉପଭୋଗ କଲେ? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] "ଆସନ୍ତୁ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ।" ଆଜି ସକାଳେ, ଏବ୍ରୀର ଷଷ୍ଠ ପର୍ବରେ, ତାହାହିଁ ଆମର ବାର୍ତ୍ତା ଥିଲା।

241 ତେବେ ଆମେମାନେ ଠିକ ସେହି ସ୍ଥାନକୁ ପହଞ୍ଚୁଅଛୁ ଯେଉଁଠାରେକି ଆମେ ସେହି—ସେହି ପ୍ରକୃତ ଅଂଶକୁ ପାଇବାକୁ ଆରମ୍ଭ କରୁଅଛୁ। ଓଃ, ଆମେ ସମସ୍ତେ ଏହି ବିଷୟଗୁଡ଼ିକ ଉପରେ ସହମତ ହୋଇପାରୁ: ଖ୍ରୀଷ୍ଟଙ୍କ ଈଶ୍ୱରତ୍ତ୍ୱ ବିଷୟ; ଏବଂ ସେ ପରମେଶ୍ୱରଙ୍କ

ପୁତ୍ର ହେବା ବିଷୟ ଉପରେ; ଏବଂ ସେ କିପରି ପରମେଶ୍ୱରଙ୍କ ସହିତ ଥିଲେ, ଏବଂ ପରମେଶ୍ୱର ତାହାଙ୍କ ସହିତ ଥିଲେ; ଏବଂ ସେ ପରମେଶ୍ୱରଙ୍କଠାରେ ଥିଲେ, ଓ ପରମେଶ୍ୱର ତାହାଙ୍କଠାରେ ଥିଲେ, ଏବଂ ଇତ୍ୟାଦି ସବୁ । ଆମେ ସମସ୍ତେ ସେଥିରେ ସହମତ ଅଟୁ । ମାତ୍ର, ତେବେ, ଏହିଠାରୁ ନେଇ, ମୁଁ ଜାଣେ ନାହିଁ ଯେ ଆମେମାନେ କିପରି ସହମତ ହେବାକୁ ଯାଉଅଛୁ । ତେଣୁକରି ଏହା ଯାହାକିଛି ବି ଅଟେ, ପ୍ରତ୍ୟେକ କିଛି ରାତିରେ, ଆମେମାନେ ଆପଣଙ୍କୁ ଏକ ଛୋଟ ଟିପ୍ପଣୀ ଲେଖିବା ପାଇଁ ଏବଂ ଏହା ବିଷୟରେ ଆପଣମାନେ କଅଣ ଭାବନ୍ତି ତାହା ମୋତେ କହିବା ପାଇଁ ଏକ ସୁଯୋଗ ଦେବାକୁ ଯାଉଅଛୁ ।

242 ତାହାପରେ ମୋତେ ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ହେବ । ଏବଂ ଯଦି ମୁଁ ସେଗୁଡିକ ନ ନେଇପାରେ, ମୁଁ କହିବି, "ଭାଇ ନେଭିଲ୍, ଆପଣ ତାହା ବିଷୟରେ କଅଣ ଭାବନ୍ତି?" ମୁଁ କହିବି, "ସେ ସେଠାରେ ଅଛନ୍ତି । ସେ ଏହାର ଉତ୍ତର ଦିଅନ୍ତୁ ।" [ଭାଇ ନେଭିଲ୍ କୁହନ୍ତି, "ତାହା ସେତେବେଳେ ହେବ ଯେତେବେଳେକି ମୁଁ ଗ୍ରୀକ୍ ପାଠ କରିବି ।"—ସମ୍ପା ।] ତେବେ ସେତେବେଳେ ହିଁ ଅଟେ ଯେତେବେଳେ ସେ ଲେକ୍ସିକନ୍ ପଢ଼ିବାକୁ ଯାଉଛନ୍ତି, ଗ୍ରୀକ୍ ଭାଷା ବୁଝିବାକୁ ଯାଉଛନ୍ତି । ମୁଁ ଭାବୁଛି ଯେ ତାହା କରିବା ପାଇଁ, ମୋ ପାଇଁ ମଧ୍ୟ ସମୟ ଆସିଯାଇଛି ।

243 କିନ୍ତୁ, ବର୍ତ୍ତମାନ, ଯଦି ଆମେମାନେ ବିନମ୍ର ହେବା ଓ ପ୍ରକୃତରେ ନିଷ୍ଠାବାନ ରହିବା, ଏବଂ ପ୍ରକୃତରେ ଗୋଟିଏ ଉଦ୍ଦେଶ୍ୟ ପାଇଁ ଆସିବା, ଯାହାକି ହେଉଛି, ଶିଖିବା ପାଇଁ । ମୁଁ ମଧ୍ୟ, ଶିଖିବାକୁ ଚାହେଁ । ଏବଂ ବାଇବଲ ଲେଖାହୋଇଛି, କୁହେ, "ଏହା...ଶାସ୍ତ୍ରଗୁଡ଼ିକ କୌଣସି ବ୍ୟକ୍ତିଗତ ବ୍ୟାଖ୍ୟା ନିମନ୍ତେ ନୁହେଁ ।" ଏହାର ଅର୍ଥ ହେଉଛି ଶାସ୍ତ୍ର ନିଶ୍ଚିତ ଭାବରେ ଶାସ୍ତ୍ରର ବ୍ୟାଖ୍ୟା କରିବା ଉଚିତ୍ । ବୁଝିଲେ? ପ୍ରତ୍ୟେକ ଶାସ୍ତ୍ର ନିଶ୍ଚିତ ଭାବରେ ସମ୍ପୂର୍ଣ୍ଣ ବାଇବଲରେ ରହିଥିବା, ଅନ୍ୟକୁ ବ୍ୟାଖ୍ୟା କରିବା ଉଚିତ୍, ଯେପରିକି ଏହାକୁ ଗୋଟିଏ ମହାନ ବିଷୟ ଭାବରେ ପ୍ରତିପାଦିତ କରେ । କାରଣ, ପରମେଶ୍ୱର ପରିବର୍ତ୍ତନ ହୋଇପାରନ୍ତି ନାହିଁ, ଯେହେତୁ ସେ ଅପରିବର୍ତ୍ତନୀୟ ପରମେଶ୍ୱର ଅଟନ୍ତି ।

244 ତେବେ, "ପରିତ୍ୟାଗ କରି..."

*ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି, ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ;...*

245 ମୁଁ ପାଉଲଙ୍କୁ ସେହି ସବୁ କଥା କହୁଥିବାର ପସନ୍ଦ କରେ । ପାଉଲ କଦାପି ଏପରି ଜଣେ ବ୍ୟକ୍ତି ନ ଥିଲେ ଯିଏକି ଗୋଟିଏ ସ୍ଥାନରେ ଅଧିକ ସମୟ ଧରି ରହିବାକୁ ପସନ୍ଦ କରନ୍ତି । ସେ ତ ଅଧିକ ଗଭୀର ମଧ୍ୟକୁ, ଯିବାକୁ ପସନ୍ଦ କରିଥାନ୍ତି । ଥରେ, ଶାସ୍ତ୍ରରେ, ସେ କହିଥିଲେ, "ମୁଁ, ଅତୀତରେ ଥିବା ସେହି ବିଷୟଗୁଡ଼ିକୁ ପାଶୋରି, ସେହି ମହାମହିମଙ୍କ ଆହ୍ୱାନର ଚିହ୍ନ ପ୍ରତି ଅଗ୍ରସର ହେଉଅଛି ।" ବୁଝିଲେ? ସେ ଆଗକୁ ଅଗ୍ରସର ହୋଇଚାଲାନ୍ତି ।

246 ଏଠାରେ ସେ କହିଲେ:

ତେବେ *ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପାଶୋରି ଯାଇ* (ସେ କିଏ, ସେ କଅଣ ଥିଲେ), ଆସନ୍ତୁ *ସିଦ୍ଧିଲାଭ* ନିମନ୍ତେ *ଅଗ୍ରସର ହେଉ;...*

247 ତେବେ ଆମେମାନେ, ପ୍ରଥମେ, ଆମେମାନେ ଜାଣିବାକୁ ଚାହୁଁଥିଲୁ, "କଅଣ ଆମେମାନେ *ସିଦ୍ଧ* ହୋଇପାରିବା କି?" ଏବଂ ଆମେମାନେ ଆଜି ସକାଳେ, ଶାସ୍ତ୍ରରେ ଜାଣିବାକୁ ପାଇଲୁ, ମାଥିଉ 5:28, ଯେ ଯୀଶୁ କହିଥିଲେ ଯେ ଆମେମାନଙ୍କୁ "ଠିକ ସେହିପରି ଭାବରେ ସିଦ୍ଧ ହେବାକୁ ଅଛି ଯେପରିକି ପରମେଶ୍ୱର ସିଦ୍ଧ ଅଟନ୍ତି," ନତୁବା ଆମେମାନେ ଭିତରକୁ ଯିବା ନାହିଁ।

248 ତାହାପରେ ଆମେମାନେ ପାଇଲୁ ଯେ ଆମେମାନେ, ପ୍ରତ୍ୟେକ ଜଣ, "ପାପରେ ଜନ୍ମିତ, ଅଧର୍ମରେ ଗଢା ହୋଇ, ମିଥ୍ୟା କହି ଜଗତକୁ ଆସିଅଛୁ।" ଏବଂ ସେଠାରେ ଆମ ବିଷୟରେ ଗୋଟିଏ ହେଲେ ବି ଉତ୍ତମ ବିଷୟ ନ ଥିଲା, ତେବେ ଆମେମାନେ କିପରି ବା ସିଦ୍ଧ ହୋଇ ପାରିଥାନ୍ତୁ?

249 ତେବେ ଏଠାରେ ତାହା ଅଟେ ଯାହାକି ଆମେମାନେ ପରେ ପାଇଲୁ, ପାଠ କରିବା ପରେ, ଶାସ୍ତ୍ର ସହିତ ଶାସ୍ତ୍ରକୁ ଗ୍ରହଣ କରିବା ପରେ, ଯେ, "ଯୀଶୁ, ଗୋଟିଏ ବଳିଦାନ ଦ୍ୱାରା, ଚିରଦିନ ପାଇଁ, ତାହାଙ୍କର ମଣ୍ଡଳୀକୁ, ସିଦ୍ଧ କରିଥିଲେ।" ସେ...ତେବେ ଆମେମାନେ ତାହାହେଲେ, ଖ୍ରୀଷ୍ଟଙ୍କ ଜରିଆରେ ସିଦ୍ଧ ଅଟୁ। ଏବଂ ଆମେମାନେ ଖ୍ରୀଷ୍ଟଙ୍କ ଜରିଆରେ, ବିଚାରରୁ ମୁକ୍ତ ଅଟୁ। ଖ୍ରୀଷ୍ଟଙ୍କ ଜରିଆରେ, ଆମେମାନେ କଦାପି ମରିବା ନାହିଁ। ଆମେମାନେ ଖ୍ରୀଷ୍ଟଙ୍କ ଜରିଆରେ ମୃତ୍ୟୁକୁ ହରାଇ ଦେଇ, ଜୀବନକୁ ପାଇଅଛୁ; କୌଣସି ମଣ୍ଡଳୀ ମାଧ୍ୟମରେ ନୁହେଁ, କୌଣସି ନାମଧାରୀ ସଂସ୍ଥା ମାଧ୍ୟମରେ ନୁହେଁ, କୌଣସି ଅତି ଚମତ୍କାର ମାଧ୍ୟମରେ ନୁହେଁ, ପରଭାଷାରେ କଥା କହିବା ଦ୍ୱାରା ନୁହେଁ, ଚିତ୍କାର କରିବା ଦ୍ୱାରା ନୁହେଁ, କମ୍ପନ ହେବା ଦ୍ୱାରା ନୁହେଁ, ଆତ୍ମାରେ ନାଚିବା ଦ୍ୱାରା ନୁହେଁ, ମାତ୍ର ଅନୁଗ୍ରହ ଦ୍ୱାରା ଅଟେ।

250 ପରମେଶ୍ୱର ତାହାକୁ ଡାକନ୍ତି ଯାହାଙ୍କୁ ସେ ଇଚ୍ଛା କରନ୍ତି। ଏବଂ ଆମେମାନେ ପାଇଲୁ ଯେ, ଏହା ସବୁ ନିର୍ବାଚନ ଦ୍ୱାରା ହୋଇଥାଏ। ଆମେମାନେ ଏହା ପାଇଲୁ, ଯେ, "ଏହା ସେ ନୁହଁନ୍ତି ଯିଏକି ସେ ପରିତ୍ରାଣ ପାଇବାକୁ ଇଚ୍ଛା କରନ୍ତି। ଯିଏ ଇଚ୍ଛା କରେ କିମ୍ବା ଯିଏ ଦୌଡେ ଏହା ସେ ନୁହେଁ; ମାତ୍ର ଏହା ହେଉଛନ୍ତି ପରମେଶ୍ୱର ଯିଏକି ଦୟା ଦେଖାନ୍ତି।" "ଏବଂ କୌଣସି ବ୍ୟକ୍ତି ଯୀଶୁଙ୍କ ନିକଟକୁ ଆସିପାରନ୍ତି ନାହିଁ, ଯେପର୍ଯ୍ୟନ୍ତକି ପ୍ରଥମେ ପରମେଶ୍ୱର ହିଁ ତାଙ୍କୁ ଆକର୍ଷିତ ନ କରନ୍ତି।" ତେବେ ଯାହା ବି ହେଉ, ଆପଣଙ୍କର ଏହା ସହିତ କଅଣ କରିବାକୁ ଅଛି? ଆପଣଙ୍କର ଏହା ସହିତ କିଛି ହେଲେ କରିବାର ନାହିଁ। ଆପଣ ତ ସଂପୂର୍ଣ୍ଣ ଭାବେ, ଛବିରୁ ବାହାରେ ଅଟନ୍ତି।

251 ଆମେମାନେ ପାଇଲୁ ଯେ ମଣିଷ କେବେବି ପରମେଶ୍ୱରଙ୍କୁ ଖୋଜେ ନାହିଁ। ଏହା ତ ପରମେଶ୍ୱର ଯିଏକି ମନୁଷ୍ୟକୁ ଖୋଜୁଛନ୍ତି। ଏବଂ ଆମେମାନେ ସେତେବେଳେ ପାଇଲୁ, ଯେ, ପରମେଶ୍ୱର ହିଁ ଏକମାତ୍ର ଅନନ୍ତ ଜୀବନର ଉତ୍ସ ଅଟନ୍ତି। ଆମେମାନେ ପାଇଲୁ ଯେ

ସମସ୍ତ କିଛି ବିଷୟ ଯାହାକି ଅନନ୍ତ ଅଟେ ତାର କୌଣସି ଆରମ୍ଭ କିମ୍ବା ଶେଷ ନାହିଁ । ତେଣୁ, ଆମେମାନେ ପାଇଲୁ ଯେ ନରକର ଏକ ଆରମ୍ଭ ହୋଇଥିଲା, ଏବଂ ଏହାର ଏକ ଶେଷ ଅଛି । ଏବଂ ସେଠାରେ କେବଳ...କେହିହେଲେ କେବେବି ଏହା କହିପାରିବେ ନାହିଁ ଯେ ନରକ ଚିରଦିନ ପାଇଁ; ଚିରଦିନ ପାଇଁ, ହଁ, ଚିରଦିନ ପାଇଁ ଅଟେ, ମାତ୍ର ଅନନ୍ତ ନୁହେଁ ।

252 *ଚିରଦିନ* ହେଉଛି ଏକ "ସମୟର ଏକ ଅନ୍ତରାଳ ।" ବାଇବଲ କୁହେ, "ଚିରଦିନ ଏବଂ ଚିରଦିନ ପାଇଁ ।" ଏବଂ ଆପଣ ଏହାକୁ ଉପରେ ଖୋଜି ଦେଖନ୍ତୁ ଯଦି ଚିରଦିନର ଅର୍ଥ "ସମୟର ଏକ ଅନ୍ତରାଳ" ବୋଲି ନୁହେଁ କି । ଯୂନସ କହିଲେ ଯେ ସେ ମାଛର ପେଟରେ "ଚିରଦିନ" ପାଇଁ ରହିଥିଲେ । ଏବଂ ଅନ୍ୟାନ୍ୟ କେତେ ଶାସ୍ତ୍ରଗୁଡିକ, *ଚିରଦିନ*ର ଅର୍ଥ ହେଉଛି କେବଳ "ସମୟର ଏକ ଅନ୍ତରାଳ ।"

253 ମାତ୍ର, *ଅନନ୍ତ*, ତାହା ତ "ଚିରଦିନ" ପାଇଁ ଅଟେ; ତାହା ଚିରଦିନ ପାଇଁ, ଚିରଦିନ ପାଇଁ ଏବଂ ଚିରଦିନ ପାଇଁ ଏବଂ ଚିରଦିନ ପାଇଁ ଏବଂ ଚିରଦିନ ପାଇଁ ଅଟେ । ଏହା ଅନନ୍ତ ଅଟେ । ଏବଂ ଆମେମାନେ ପାଇଲୁ ଯେ ନରକ ଅନନ୍ତ ନୁହେଁ, କିନ୍ତୁ ଏହା ଚିରଦିନ ପାଇଁ ଅଟେ । ଏବଂ ଏହାର କାରଣ ହେଉଛି, ଆପଣଙ୍କୁ ବର୍ତ୍ତମାନ, ସେହି ଶବ୍ଦଗୁଡ଼ିକୁ ଧ୍ୟାନ ଦେବା କଥା । ଯଦି ଆପଣ ନ କରିବେ, ଆପଣ ମିଶ୍ରିତ ହୋଇଯିବେ । ବର୍ତ୍ତମାନ, ମନେରଖନ୍ତୁ, କେବଳ ସେହି ବିଷୟଗୁଡ଼ିକ ଯାହାର କୌଣସି ଆରମ୍ଭ ନ ଥିଲା, ତାର କୌଣସି ଶେଷ ନାହିଁ । ତେଣୁକରି, ଯୀଶୁ କହିଲେ, "ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଜୀବନ ପାଇଅଛି," ଚିରଦିନ ପାଇଁ? କଅଣ ତାହା ଠିକ୍ ଲାଗୁଛି କି? ନା । "ଅନନ୍ତ ଜୀବନ ପାଇଅଛି ।" ଏବଂ ସେହି ଶବ୍ଦ *ଅନନ୍ତ* ହେଉଛି "ପରମେଶ୍ୱର ।" ସେହି ଶବ୍ଦ, ଏଠାରେ ଏହା ଠିକ ଏଠାରେ ଗ୍ରୀକ୍ ଲେକ୍ସିକନ୍‌ରେ ଅଛି: *ଜୋଇ*, "ପରମେଶ୍ୱରଙ୍କ ଜୀବନ" ଆପଣଙ୍କ ଭିତରେ । ଏବଂ ଆପଣ ଠିକ ସେତିକି ଅନନ୍ତ ଅଟନ୍ତି ଯେତିକି ଅନନ୍ତ ପରମେଶ୍ୱର ଅଟନ୍ତି, କାରଣ ଆପଣ ନିଜ ଭିତରେ ପରମେଶ୍ୱରଙ୍କୁ ପାଇଛନ୍ତି ।

254 ଆପଣଙ୍କର ପୁରୁଣା ପ୍ରକୃତି, ସେହି ଜଗତର ପ୍ରକୃତି ମରିଯାଇଛି, ଏବଂ ଆପଣ ଏକ ନୂତନ ସୃଷ୍ଟି ହୋଇ ଯାଇଛନ୍ତି । ଏବଂ ଆପଣଙ୍କର ଅଭିଳାଷମାନ, ସେହି ପୁରୁଣା ଜୀବନ ଯାହାରକି ଏକ ଆରମ୍ଭ ରହିଥିଲା ଯେତେବେଳେ ପରମେଶ୍ୱର ଆପଣଙ୍କର ନାସିକାରେ ପ୍ରାଣବାୟୁ ଫୁଙ୍କ ଦେଇଥିଲେ, ଯେତେବେଳେ ଆପଣ ଜନ୍ମ ହୋଇଥିଲେ, ସେହି ଶାରୀରିକ ପ୍ରକୃତିର ଜୀବନଟି ମରିଗଲା । ଏବଂ ଏହାର ଏକ ଆରମ୍ଭ ଥିଲା ଏବଂ ଏହାର ଏକ ସମାପ୍ତି ଥିଲା, ଏବଂ ଏହା ମରିଗଲା ଏବଂ ଚିରଦିନ ପାଇଁ, ସେହି ପୁରାତନ ପ୍ରକୃତିଟି ନଷ୍ଟ ହୋଇଗଲା । ଏବଂ ପରମେଶ୍ୱର ନୂତନ ପ୍ରକୃତି ସହିତ ଆସିଲେ । ତାହାପରେ, ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଭଦ୍ରତା, ଶାନ୍ତି, ଧୈର୍ଯ୍ୟ, ଏବଂ ନମ୍ରତା, ଏବଂ ଦୟା, ଯାହା ପ୍ରବେଶ କଲା; ଏବଂ ସେହି ଦୁଷ୍ଟତା, କ୍ରୋଧ, ଏବଂ ଘୃଣା, ଏବଂ—ଏବଂ ଅନୁକରଣ, ଝଗଡା, ଏବଂ ସେହି ସବୁ ବିଷୟର ସ୍ଥାନକୁ ଗ୍ରହଣ କଲା । ଏହା ତାହାର ସ୍ଥାନକୁ ନେଲା, ଯେତେବେଳେ ଆପଣ ମୃତ୍ୟୁକୁ

ଅତିକ୍ରମ କରି ଜୀବନକୁ ପବେଶ କରିଥିଲେ। ତେବେ, କଅଣ ଆପଣ ଏହାକୁ, ପ୍ରକୃତ ଧ୍ୟାନ ସହକାରେ, ବୁଝିଲେ କି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।]

255 ତେଣୁକରି, ଶୁଣନ୍ତୁ। ଅନନ୍ତ ଜୀବନର କେବଳ ଗୋଟିଏ ରୂପ ଅଛି। ଏହାକୁ ଖୋଜନ୍ତୁ। ତାହା ହେଉଛି, ଏକାକୀ ପରମେଶ୍ୱରଙ୍କଠାରେ କେବଳ ଅନନ୍ତ ଜୀବନ ଅଛି। ବାଇବଲ ଏହିପରି କୁହେ। ଏକାକୀ ପରମେଶ୍ୱରଙ୍କଠାରେ କେବଳ ଅନନ୍ତ ଜୀବନ ଅଛି। ଏବଂ ଯଦି କୌଣସି ବ୍ୟକ୍ତି ନରକରେ, ଚିରଦିନ ପାଇଁ, ଯନ୍ତ୍ରଣା ଭୋଗିବାକୁ ଯାଉଛନ୍ତି, ତାହାହେଲେ ତାଙ୍କୁ ତ ଅନନ୍ତ, ପରମେଶ୍ୱରଙ୍କୁ ରଖିବାକୁ ପଡିବ। ମାତ୍ର ମୁଁ ସେଠାରେ କୁହେ ଯେ...

256 ତେବେ, ମନେରଖନ୍ତୁ, ମୁଁ ଏହା କହୁ ନାହିଁ ଯେ ସେଠାରେ ଏକ ଦଗ୍ଧ ହେଉଥିବା ନରକ ନାହିଁ। ସେଠାରେ ଏକ ଜ୍ୱଳନ୍ତ ନରକ, ଅଗ୍ନି ଏବଂ ଗନ୍ଧକ ଅଛି। "ଯେଉଁଠାରେକି ସେହି—ସେହି ପୋକ...ସେହି ନିଆଁ ଲିଭେ ନାହିଁ ଏବଂ ପୋକ କେବେ ମରେ ନାହିଁ," ଅଗ୍ନି ଓ ଗନ୍ଧକର, ଏକ ଶାସ୍ତି। ଏହା ଶହେ କୋଟି ବର୍ଷ ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଏହାର ଏକ ଅନ୍ତ ହେବାକୁ ଅଛି, କାରଣ ନରକ ଶୟତାନ ଏବଂ ତାର ଦୂତମାନଙ୍କ ପାଇଁ ସୃଷ୍ଟି ହୋଇଥିଲା। ଏବଂ ସମସ୍ତକିଛି ବିଷୟ ଯାହାକି ଠିକ ସେହି ପରମେଶ୍ୱର, ନିଜେ, ଯିଏକି ଆରମ୍ଭରେ ଥିଲେ, ସମସ୍ତକିଛି ବିଷୟ ପରମେଶ୍ୱରଙ୍କଠାରୁ ଆସିଥିଲା। ଯେତେବେଳେକି ଠିକ ସେହି ଆତ୍ମା...

257 ପ୍ରେମର ସେହି *ଆତ୍ମା*କୁ କେବଳ ନିଅନ୍ତୁ, ଯାହାକି ପରମେଶ୍ୱରଙ୍କ ସେହି ମହାନ ନିର୍ମଳ, ଅମିଶ୍ରିତ, ନିର୍ଝର ଅଟେ। ସେଥିରୁ, ଏକ ବିକୃତ ପ୍ରେମରେ ଆସେ। ତାହାପରେ ଏହା *ମାନବ* ପ୍ରେମ ମଧ୍ୟକୁ ଆସେ। ତାହାପରେ ଏହା *ଯୌନ* ସମ୍ବନ୍ଧୀୟ ପ୍ରେମକୁ ଆସେ। ତାହାପରେ ଏହା ଅନ୍ୟ ପ୍ରେମଗୁଡିକ, ପ୍ରେମଗୁଡିକ ଏବଂ ପ୍ରେମଗୁଡିକ ଭିତରକୁ ଆସେ, ଏବଂ ଏହା ବିକୃତ ହୋଇ ଚାଲିଥାଏ ଯେପର୍ଯ୍ୟନ୍ତକି ଏହା କେବଳ *ମନ୍ଦ* ନ ହୋଇଯାଏ। ମାତ୍ର ସେହି ସମସ୍ତ ବିଷୟର ଏକ ଆରମ୍ଭ ଥିଲା। ଏବଂ କୌଣସି ଦିନେ ଏହା ସିଧାସଳଖ ଠିକ ସେହି ମୂଳ ନିକଟକୁ ଫେରିଯିବ; ଏହା ଅନନ୍ତ ଅଟେ; ଯେଉଁଠାରେକି କାମବାସନା, ମାନବୀୟ ପ୍ରେମ, ଉତ୍ସାହୀ ପ୍ରେମ, ସେହି ସମସ୍ତ ପ୍ରେମଗୁଡିକକୁ କ୍ଷାନ୍ତ ହୋଇଯିବାକୁ ପଡିବ।

258 ବିଶ୍ୱାସର ଏହି ସମସ୍ତ କୃତ୍ରିମ-ବିଶ୍ୱାସଗୁଡିକୁ କ୍ଷାନ୍ତ ହେବାକୁ ପଡ଼ିବ। କେବଳ ଗୋଟିଏ ସତ୍ୟ ବିଶ୍ୱାସ ଅଛି। ଅନ୍ୟ ସମସ୍ତ ଗୁଡିକୁ କ୍ଷାନ୍ତ ହେବାକୁ ପଡିବ। ସେଗୁଡିକ ଏହି ପ୍ରକୃତ ନିର୍ଝରରୁ ବିକୃତ ହୋଇ ବାହାରିଥିଲେ।

259 ଅତଏବ, ତେଣୁକରି, ନରକ, ଯନ୍ତ୍ରଣା, ଯନ୍ତ୍ରଣା ଅନନ୍ତ ନୁହେଁ। ପାପ ହେତୁ ଯନ୍ତ୍ରଣା ଆସିଥିଲା, ଏବଂ ପାପ ଦୁଃଖକୁ ନେଇ ଆସିଥିଲା। ଏବଂ ଯେତେବେଳେ ପାପ ସମାପ୍ତ ହୁଏ, ଯନ୍ତ୍ରଣାକୁ ମଧ୍ୟ, ସମାପ୍ତ ହେବାକୁ ପଡିବ। ଏବଂ ସେଠାରେ ଏପରି ଏକ ସମୟ ଆସିବ ଯେଉଁଠାରେକି ପାପୀମାନେ, ଯେଉଁମାନେକି ଖ୍ରୀଷ୍ଟଙ୍କୁ କଦାପି ଗ୍ରହଣ କରି ନ ଥିଲେ, ହୋଇପାରେ ଯେ ସେମାନଙ୍କୁ ଶହେ କୋଟି ବର୍ଷ ପାଇଁ ଦଣ୍ଡ ଦିଆଯାଇ ସାରିଥାଏ ତାହାପରେ,...ମୁଁ ଜାଣେ ନାହିଁ, ବୋଧହୁଏ ଦଶ ସହସ୍ର କୋଟି କୋଟି ବର୍ଷ ପାଇଁ। ମୁଁ କହି

ପାରିବି ନାହିଁ । ମାତ୍ର ଏହାକୁ ସମାପ୍ତ ହେବାକୁ ପଡିବ, କୌଣସି ସମୟରେ, କାରଣ ଏହା ଅନନ୍ତ ନୁହେଁ ।

260 ତେବେ, ଆମେମାନେ ବର୍ତ୍ତମାନ, ସିଦ୍ଧତା ଆଡକୁ ଅଗ୍ରସର ହେବାକୁ ଯାଉଅଛୁ । ତେବେ ଶୁଣନ୍ତୁ, ଯେତେବେଳେକି ଆମେମାନେ ବାର୍ତ୍ତାରେ ପ୍ରବେଶ କରୁଅଛୁ ।

> *...ମୃତକର୍ମରୁ ମନଃପରିବର୍ତ୍ତନ, ପରମେଶ୍ୱରଙ୍କଠାରେ ବିଶ୍ୱାସର ଭିତ୍ତିମୂଳ ପୁନର୍ବାର ନ ବସାଇ,*
>
> *ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା,...ହସ୍ତାର୍ପଣ,...ମୃତମାନଙ୍କ ପୁନରୁତ୍ଥାନ, ଓ... ଶେଷ ବିଚାରସ୍ୱରୂପ ।*

261 ତେବେ ଶୁଣନ୍ତୁ । ଆମେମାନେ ଦୁଇଟି ପାଇଅଛୁ...ବର୍ତ୍ତମାନ, ଆମ ପାଖରେ ଏଠାରେ ଏକ ଚିତ୍ର ଅଛି । ବର୍ତ୍ତମାନ ଠିକ୍ ଏଠାରେ ହିଁ ଅଟେ ଯେଉଁଠାରେକି ଆମେମାନେ କିଛି ବଡ଼ ମତଭେଦ ପାଇବାକୁ ଯାଉଅଛୁ । ତେବେ ଆପଣଙ୍କୁ ଏହା ଦେଖିବାକୁ ଅଛି ଯେ ସେହି ଚିତ୍ରଟି କେଉଁଠାରେ ଅଛି । ପାଉଲ, ଏଠାରେ, *ବ୍ୟବସ୍ଥାକୁ ଅନୁଗ୍ରହ*ଠାରୁ ଅଲଗା କରିବାକୁ ଚେଷ୍ଟା କରୁଛନ୍ତି । ଆମମାନଙ୍କ ପାଖରେ ଦୁଇଟି ଛବି ଅଛି: ଗୋଟିଏ, ଶାରୀରିକ; ଗୋଟିଏ, ଆତ୍ମିକ । ଏବଂ ପାଉଲ ଯିହୁଦୀମାନଙ୍କୁ ଏହା ଦେଖାଇବା ପାଇଁ, ସେହି ଉଭୟଙ୍କ ମଧ୍ୟରୁ ବିଚ୍ୟୁତି ହେବାକୁ—କୁ ଚେଷ୍ଟା କରୁଛନ୍ତି । ଏହି ପତ୍ରଟି ଏବ୍ରୀମାନଙ୍କୁ ଅଟେ । ଏବଂ ସମସ୍ତ ଏବ୍ରୀ ପତ୍ରଗୁଡିକ ନୂତନ ନିୟମକୁ ପୁରାତନ ନିୟମର ପ୍ରତିରୂପ ଭାବେ ଦେଖାଇବାକୁ ଚେଷ୍ଟା କରୁଅଛି । ତେଣୁ, ଆପଣଙ୍କ ପାଖରେ ଏଠାରେ ଦୁଇଟି ଚିତ୍ର ବିବେଚନା ନିମନ୍ତେ ଅଛି ।

262 ତେବେ ଧ୍ୟାନ ସହକାରେ ଶୁଣନ୍ତୁ ଯେତେବେଳେକି ଆମେମାନେ ପାଠ କରୁଅଛୁ । ତେବେ ସେ କୁହନ୍ତି:

> *...ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି, ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ;...*

263 ତେବେ, ଆମେମାନେ ଆଜି ସକାଳେ ତାହା ପାଇଲୁ, ଯେ ଆମେମାନେ କିପରି ସିଦ୍ଧ କରାଯାଇଅଛୁ । ସିଦ୍ଧ କରାଯାଇଅଛୁ, ସଂପୂର୍ଣ୍ଣ ଭାବେ ନିଖୁଣ ଏବଂ ନିର୍ଦ୍ଦୋଷ ଭାବରେ, ଆମ ଉପରେ ଗୋଟିଏ ବି ପାପ ନ ଥାଇ । କଅଣ ଆପଣ ପ୍ରଲୋଭନଠାରୁ ଉର୍ଦ୍ଧ୍ୱରେ ଅଟନ୍ତି କି? କଦାପି ନୁହେଁ । କଅଣ ଆପଣ ପ୍ରତିଦିନ ପାପ କରନ୍ତି କି? ହଁ, ଆଜ୍ଞା । ମାତ୍ର, ତଥାପି, ଆମେମାନେ ସିଦ୍ଧ କରାଯାଇଅଛୁ କାରଣ ଆମେ ତାହାଙ୍କଠାରେ ଅଛୁ । ଏବଂ ପରମେଶ୍ୱର ଆମକୁ କିଛି ବି ଅପେକ୍ଷା ଆଉ ଅଧିକ ବିଚାର କରିପାରିବେ ନାହିଁ (ଧାର୍ମିକ ହୋଇପାରିବେ ନାହିଁ), ସେ ତ ଆମକୁ ନିଜଠାରେ ଆଗରୁ ବିଚାର କରିସାରିଛନ୍ତି । ଯେତେବେଳେ ସେ ଖ୍ରୀଷ୍ଟଙ୍କର ବିଚାର କଲେ, ସେ ମୋତେ ବିଚାର କଲେ, ସେ ଆପଣମାନଙ୍କୁ ବିଚାର କଲେ । ଏବଂ ସେ ମୋତେ ପୁନର୍ବାର ବିଚାର କରିପାରନ୍ତି ନାହିଁ, କାରଣ ସେ ମୋର ବିଚାରକୁ ନେଇନେଲେ ଯଦି ମୁଁ ମୁକ୍ତ କରା ଯାଇଥାଏ ।

264 ଏବଂ ତାହା ଦେଖାଇବା ପାଇଁ ଯେ ମୁଁ ମୋର ଘଣ୍ଟାକୁ ଏକ ବନ୍ଧକ ଦୋକାନରୁ ମୁକ୍ତ କରିଅଛି ମୋ ପାଖରେ ଏକ ଟିକେଟ୍ ଅଛି, ତେବେ କେହି ଜଣେ ଏହାକୁ ପୁନର୍ବାର ସେହି ବନ୍ଧକ ଦୋକାନକୁ ନେଇ ଯିବାକୁ ଚେଷ୍ଟା କରନ୍ତୁ, ଯେତେବେଳେକି ମୋ ପାଖରେ ଏକ ଟିକେଟ୍ ଅଛି । ମୁଁ ଏହାକୁ ମୁକ୍ତ କରିଅଛି ।

ଏବଂ ଯଦି ଶୟତାନ ମୋ ଉପରେ ଦଣ୍ଡ ଆଣିବାକୁ ଚେଷ୍ଟା କରିବ, ତେବେ ମୋ ପାଖରେ ଏକ ଟିକେଟ୍ ଅଛି ଯାହାକି ଏହା ଦେଖାଏ ଯେ ମୁଁ ମୁକ୍ତ କରାଯାଇଅଛି । ହଁ, ଆଜ୍ଞା । ଆଉ ଅଧିକ କୌଣସି ବିଚାର ନାହିଁ! "ଯିଏ ମୋର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଏବଂ ସେ କଦାପି ବିଚାରକୁ ଆସିବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି ।" ତାହା ମୋର ଟିକେଟ୍ ଅଟେ । ସେ ପ୍ରତିଜ୍ଞାକୁ ଦେଇଥିଲେ ।

265 ତେବେ, ବର୍ତ୍ତମାନ ସେହି ଚିତ୍ର, ଏଠାରେ ଅଛି ।

> ...*ମୃତକର୍ମରୁ ମନଃପରିବର୍ତ୍ତନ, ପରମେଶ୍ୱରଙ୍କଠାରେ... ବିଶ୍ୱାସର ଭିତ୍ତିମୂଳ ପୁନର୍ବାର ନ ବସାଇ,*
>
> ...*ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା,... ହସ୍ତାର୍ପଣ,... ମୃତମାନଙ୍କ ପୁନରୁତ୍ଥାନ,... ଶେଷ ବିଚାରସ୍ୱରୂପ ।*

266 ତେବେ, ମନେରଖନ୍ତୁ । କଅଣ ଆପଣ ପୁନର୍ବାର ସେହି ଶବ୍ଦଟି ବ୍ୟବହାର ହେଉଥିବାର ଲକ୍ଷ୍ୟ କଲେ କି? ଆମେମାନେ ଆଜି ସକାଳେ ଏହାକୁ ବ୍ୟବହାର କରିଥିଲୁ, "ଅନନ୍ତ ବିଚାର ।" ଯେତେବେଳେ ପରମେଶ୍ୱର ଥରେ କୁହନ୍ତି, ଏହା ଅନନ୍ତ ଅଟେ । ଏହା ଟିକେ ହେଲେ ବି, ପରିବର୍ତ୍ତନ କରାଯାଇପାରେ ନାହିଁ । ତେଣୁକରି, ବିଚାର ଅନନ୍ତ ଅଟେ, ଏହା ସର୍ବଦା ବିଚାର ହିଁ ଅଟେ । ଏବଂ ଏଥିରେ କିଛି ଯାଏ ଆସେ ନାହିଁ ଯେ ଆମେମାନେ କେଉଁ ପୀଢ଼ୀରେ ବାସ କରୁଅଛୁ, ଗୋଟିଏ ପୀଢ଼ୀ ରହିବ, ଏବଂ ଗୋଟିଏ ବ୍ୟବସ୍ଥା ରହିବ, ଏବଂ ଏହା ଚିରଦିନ ପାଇଁ, କିମ୍ବା ଯେକୌଣସି ସମୟ ପାଇଁ ଅଟେ, ଏବଂ *ଏହା* ଓ *ତାହା* ଅଟେ । ମାତ୍ର ପରମେଶ୍ୱରଙ୍କ ବିଚାର ଏବେ ସୁଦ୍ଧା ଅନନ୍ତ ଅଟେ, ତାଙ୍କୁ କରିବାକୁ ଅଛି, କାରଣ ସେ ବାକ୍ୟକୁ କହିଥିଲେ । ଯେତେବେଳେ ପରମେଶ୍ୱର ଏକ ବାକ୍ୟ କୁହନ୍ତି, ଏହାକୁ ଅନନ୍ତ ହେବାକୁ ଅଛି । ତାହା ଠିକ୍ ।

267 ତେବେ ମୋତେ ଆପଣମାନଙ୍କ ପାଇଁ ଗ୍ରୀକ୍ ଭାଷାରୁ ପାଠ କରିବାକୁ ଦିଅନ୍ତୁ । ଧ୍ୟାନ ଦେଇ ଶୁଣନ୍ତୁ ଯେ ଏହା କିପରି ପାଠ କରେ ।

> *ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ—ପରିତ୍ୟାଗ କରି, ସେହି ପ୍ରାୟଶ୍ଚିତ ଜଣକାକୁ ପରିତ୍ୟାଗ କରି, ଆମେମାନେ ସେହି ଦିଗକୁ ଅଗ୍ରସର—ଅଗ୍ରସର ହେବା ଉଚିତ୍...*

ତେବେ, ମୁଁ ଏହାକୁ ପାଠ କରିପାରୁ ନାହିଁ । ଏହା ଅସ୍ପଷ୍ଟ ହୋଇଯାଇଛି । "ଏବଂ ଭିତ୍ତିମୂଳ ପୁନର୍ବାର ନ ବସାଇ..." ଆମେମାନେ ଏଠାରେ ଅଛୁ ।

*...ମୃତ୍ୟୁ ଘଟାଉଥିବା କର୍ମଗୁଡ଼ିକରୁ ସଂସ୍କାରର ଭିତ୍ତିମୂଳ ପୁନର୍ବାର ନ ବସାଇ ।*

268 ତେବେ, ଏହି ଲେକ୍ସିକନ୍ ଆଦୌ କୌଣସି, କାହାରି ବ୍ୟାଖ୍ୟା ନୁହେଁ । ଇଂରାଜୀ ଯାହା କହୁଅଛି ଏହା କେବଳ ତାହା ପାଇଁ ଅନୁବାଦିତ ଗ୍ରୀକ୍ ଶବ୍ଦ ଅଟେ । ଏବଂ ଏହା କୁହେ, "ତେବେ ଆମେମାନେ ଚାହୁଁନାହୁଁ..." ଏଠାରେ ଶୁଣନ୍ତୁ, ଦେଖନ୍ତୁ ।

*...ମୃତ୍ୟୁ ଘଟାଉଥିବା କର୍ମଗୁଡ଼ିକରୁ ସଂସ୍କାରର ଭିତ୍ତିମୂଳ ପୁନର୍ବାର ନ ବସାଇ ।*

269 ବର୍ତ୍ତମାନ ଯଦି ଆପଣ ତାହାକୁ ନିଜ ମନରେ ରଖିବେ, ଯେ ସେ ଏଠାରେ କହୁଅଛନ୍ତି, ଯଥା, "ସଂସ୍କାରର ବିବିଧ ରୂପ ମୃତ୍ୟୁକୁ ଘଟାଇଥାଏ ।" ପାଉଲ କହିଲେ, "ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି, ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ, ମୃତକର୍ମରୁ ମନଃପରିବର୍ତ୍ତନ ଓ ପରମେଶ୍ୱରଙ୍କଠାରେ ବିଶ୍ୱାସର ଭିତ୍ତିମୂଳ ପୁନର୍ବାର ନ ବସାଇ: ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା, ହସ୍ତାର୍ପଣ, ମୃତମାନଙ୍କ ପୁନରୁତ୍ଥାନ, ଶେଷ ବିଚାରସ୍ୱରୂପ ।" "ମୃତ୍ୟୁ ଘଟାଉଥିବା ସଂସ୍କାରର ବିବିଧ ରୂପ," ସଠିକ୍ ଶବ୍ଦ ଥିଲା । ତାହାହିଁ ବାସ୍ତବରେ ଅଟେ ଯାହାକି ପାଉଲ ଲେଖିଥିଲେ । ଦେଖନ୍ତୁ ଯେ ସେ କଅଣ କରିବାକୁ ଚେଷ୍ଟା କରୁଛନ୍ତି?

270 ତେବେ, ଏହି ସମସ୍ତ ବିଷୟ, ଯେପରିକି ବାପ୍ତିସ୍ମମାନ: ଜଣକାକୁ ପଛକୁ କରି ବାପ୍ତିଜିତ କରାଯାଏ, ଜଣକାକୁ ଆଗକୁ କରି, ଜଣକାକୁ ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କ ନାମରେ, ଜଣକାକୁ ଯୀଶୁଙ୍କ ନାମରେ, ଜଣକାକୁ *ଏହି* ଉପାୟରେ, ଏବଂ *ସେହି* ଉପାୟରେ କରାଯାଏ, ଏବଂ ବାପ୍ତିସ୍ମ ସମ୍ବନ୍ଧୀୟ ଏହି ସବୁ ଭିନ୍ନ ଭିନ୍ନ ଛୋଟ ବିଷୟମାନ ।

271 ଏବଂ ହସ୍ତାର୍ପଣ କରିବା ସମ୍ବନ୍ଧରେ: "ପରମେଶ୍ୱର ଧନ୍ୟ ହେଉନ୍ତୁ, ମୋ ପାଖରେ ହସ୍ତାର୍ପଣ କରିବାର ଦାନଅଛି । ହାଲ୍ଲେଲୁୟା! ଆପଣ, ଆପଣ ଏହାକୁ *ଏହିପରି* ଭାବରେ ପାଇପାରନ୍ତି । ହାଲ୍ଲେଲୁୟା!"

272 ସେହି ସବୁକୁ ପୃଥକ କରି ଦେଇ, କାରଣ ତାହା ମୃତ କର୍ମଗୁଡିକ, ଏହି ସଂସ୍କାରମାନ, ସଂଶୋଧନ କରିବା ଅଟେ । ବୁଝିଲେ? ସେ ଅନ୍ୟ ଏକ ଶ୍ରେଣୀ ବିଷୟରେ କହୁଅଛନ୍ତି । ତେବେ ସେ କହିଲେ, "ଆସନ୍ତୁ ସେଥିରୁ ଦୂରେଇ ଯିବା, ଏବଂ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେବା ।" କଅଣ ଆପଣ ଏହା ବୁଝିଲେ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

273 ଏବଂ ସେହି ମଣ୍ଡଳୀ ଏବେ ସୁଦ୍ଧା ସେହି ଜିନିଷଗୁଡ଼ିକରେ ବିଳମ୍ବ କରୁଅଛି । ତାହାହିଁ ଅଟେ ଯାହାକି ସେମାନେ କରିବାକୁ ଚେଷ୍ଟା କରୁଥିଲେ । ସେହି ପ୍ରାଥମିକ ଏବ୍ରୀ ମଣ୍ଡଳୀ କହିବାକୁ ଚେଷ୍ଟା କରୁଥିଲା, "ତେବେ, ମୁଁ ବୁଡ଼ ପକାଇ ବାପ୍ତିଜିତ ହୋଇଥିଲି, ଏବଂ—ଏବଂ ମୁଁ *ଏହା*, ଏବଂ *ଏହା*, ଏବଂ *ଏହି* ସମସ୍ତ ବିଷୟ ପାଇଥିଲି ।"

274 ସେ କହିଲେ, "ତେବେ, ସେହି ସବୁକୁ ପଛରେ ପକାଇ ଦେଇ, ପୃଥକ କରିଦିଅ ।" ମାତ୍ର, ବର୍ତ୍ତମାନ, କଅଣ ସେ ଏହା କହିଲେ କି ଯେ ଆମେ ଏହା କରିବା ଉଚିତ୍ ନୁହେଁ? ତେବେ ସେ ଏହା ବିଷୟରେ କଅଣ କହିଲେ ତାହା ଶୁଣନ୍ତୁ ।

*ଏବଂ ପରମେଶ୍ୱରଙ୍କ ଅନୁମତି ହେଲେ,...ଆମ୍ଭେମାନେ ଏହା କରିବା ।*

275 ଏବଂ ମୂଳଟି ମଧ୍ୟ ସେହି ସମାନ କଥା କୁହେ ।

*ହଁ ପରମେଶ୍ୱରଙ୍କ ଅନୁମତି ହେଲେ, ଆମ୍ଭେମାନେ ଏହା କରିବା,* ବୁଝିଲେ ।

*ହଁ ପରମେଶ୍ୱରଙ୍କ ଅନୁମତି ହେଲେ, ଆମ୍ଭେମାନେ ଏହା କରିବା ।*

276 ନାନା ବାପ୍ତିସ୍ମ, ହସ୍ତାର୍ପଣ, ଏବଂ ବିଷୟଗୁଡିକ, ମାତ୍ର ତାହା ସିଦ୍ଧ ନୁହେଁ । ତାହା ତ କେବଳ ଶାରୀରିକ ସଂସ୍କାର ଅଟେ । ଏବଂ ତାହାହିଁ ଅଟେ ଯେଉଁଠାରେକି ମଣ୍ଡଳୀଗୁଡିକ ଆଜି, ସେହି ଶାରୀରିକ ସଂସ୍କାର ଉପରେ, ଛାଡି ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କହିଲା, "ଓଃ, ତେବେ, ସେହି ଜଳ, ସେହି *ବାପ୍ତିସ୍ମ* ଶବ୍ଦର ଅର୍ଥ ହେଉଛି *ଏହା* ଏବଂ ଏହାର ଅର୍ଥ ହେଉଛି *ତାହା* ।"

277 ଏବଂ ସେମାନେ ସଂସ୍ଥାଗୁଡିକୁ ଗଠନ କଲେ: ଏବଂ ଜଣେ ଛିଞ୍ଚଣ କଲେ, ଅନ୍ୟ ଜଣେ ଢାଳିଲେ, ଅନ୍ୟ ଜଣେ ମୁହଁକୁ ଆଗକୁ କରି ବାପ୍ତିଜିତ କଲେ, ଏବଂ ଅନ୍ୟ ଜଣେ ପଛକୁ କରି, ଏବଂ ସେହି ସମସ୍ତ ବିଷୟମାନ; ସେମାନଙ୍କ ମଧ୍ୟରୁ କେତେକ ରୋଗୀମାନଙ୍କ ପାଇଁ ହାତ ରଖିଲେ, ଆଉ କେତେକ ପ୍ରେରିତ କଲେ, ଏବଂ କେତେକ ଭବିଷ୍ୟଦ୍‌ବକ୍ତା ଓ ପ୍ରଭୃତି ସବୁ ନିର୍ଦ୍ଧାରଣ କଲେ, ହସ୍ତାର୍ପଣ କରିବା ଦ୍ୱାରା; ଏବଂ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନର ପ୍ରଚାର କରିବା ଦ୍ୱାରା, ଏବଂ ଯାହାକି ସବୁ ଠିକ୍ ଅଟେ; ଏବଂ ଖ୍ରୀଷ୍ଟଙ୍କର ସର୍ବୋଚ୍ଚ ଈଶ୍ୱରତ୍ତ୍ୱ, ଯାହାକି ସବୁ ଠିକ୍ ଅଟେ । "ମାତ୍ର," ସେ କହିଲେ, "ଏହି ସବୁ ଆନୁଷ୍ଠାନିକ ସଂସ୍କାରମାନ ଅଟେ । ଆମେମାନେ ତ ଠିକ ବର୍ତ୍ତମାନ ହିଁ ସଂସ୍କାରରେ ସଂଶୋଧନ ହେଉଅଛୁ । ତେବେ, ଆସନ୍ତୁ ଆମେମାନେ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ ।" କଅଣ ଆପଣ ଚିତ୍ର ବୁଝିଲେ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

278 ତେବେ ଦେଖନ୍ତୁ । ଏଠାରେ ସେହି ଗଭୀର ଅଂଶ ବର୍ତ୍ତମାନ ଆସୁଅଛି ।

*କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି, ସ୍ୱର୍ଗୀୟ ଦାନର ଆସ୍ୱାଦ ପାଇଅଛନ୍ତି, ଏବଂ ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି,*

*ଏବଂ ପରମେଶ୍ୱରଙ୍କ ଉତ୍ତମ ବାକ୍ୟର,...ଭାବୀ ଯୁଗର ଶକ୍ତି ଆସ୍ୱାଦନ କରିଅଛନ୍ତି,*

*ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନଃପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ; ଯେଣୁ ସେମାନେ ଆପଣା ଆପଣାର ବିନାଶ ନିମନ୍ତେ ପରମେଶ୍ୱରଙ୍କ ପୁତ୍ରଙ୍କୁ, ପୁଣି କ୍ରୁଶାରୋପଣ କରି ପ୍ରକାଶରେ ତାହାଙ୍କୁ ନିନ୍ଦାର ପାତ୍ର କରନ୍ତି ।*

279 ତେବେ, ମୁଁ ଜାଣେ ଯେ ଆପଣ ବ୍ୟବସ୍ଥା ଅନୁନୟନକାରୀମାନେ ନିଜ ମନରେ ବର୍ତ୍ତମାନ କେଉଁ ବିଷୟ ରଖିଛନ୍ତି, ମାତ୍ର ଆପଣ ଭୁଲ୍ ଅଟନ୍ତି । ବୁଝିଲେ? ଠିକ୍ ଅଛି । ମୁଁ ଏହା ଉପରେ

ଛିଡା ହୋଇଅଛି, ଏବଂ ବାଇବଲ ଏହାକୁ ସୁନିଶ୍ଚିତ କରେ, ଯେ, "ଯଦି ପରମେଶ୍ୱର କେବେ ବି ଜଣେ ମନୁଷ୍ୟକୁ ଉଦ୍ଧାର କରିଥାନ୍ତି, ତେବେ ସେ ତାକୁ ସମୟ ଏବଂ ଅନନ୍ତକାଳ ପାଇଁ ଉଦ୍ଧାର କରନ୍ତି।" ଆପଣ ଏହାକୁ ଅନ୍ୟ କିଛି କହୁଥିବା ପରି କରିପାରନ୍ତି ନାହିଁ।

280 କୌଣସି ମୌଳିକବାଦୀ ମୋ ପାଖକୁ ଆସିଲେ, କିଛି ଦିନ ପୂର୍ବରୁ, ଏବଂ କହିଲେ, "ପ୍ରଚାରକ ବ୍ରାନହାମ୍, ମୁଁ ଆପଣଙ୍କୁ ଗୋଟିଏ ବିଷୟ ଉପରେ ଧରିଅଛି। ମୁଁ ଆପଣଙ୍କୁ ଗୋଟିଏ ବିଷୟ ଉପରେ ଧରିଛି। ଆପଣ କହିଥିଲେ, 'ଯଦି ଜଣେ ବ୍ୟକ୍ତି ଉଦ୍ଧାର ହୋଇଥାଏ, ସେ କଦାପି ବିନଷ୍ଟ ହୋଇପାରିବ ନାହିଁ'?"

281 ମୁଁ କହିଲି, "ତାହାହିଁ ଅଟେ ଯାହାକି ପରମେଶ୍ୱର କହିଥିଲେ।"

282 ସେ କହିଲେ, "ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ। ଶାଉଲ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ସେ ଭବିଷ୍ୟତ୍‌ବାଣୀ କରିଥିଲେ। ଏବଂ ଆପଣ ଜାଣନ୍ତି ଯେ ସେ ପରମେଶ୍ୱରଙ୍କ ଅଭିଷିକ୍ତ ଥିଲେ। ବାଇବଲ କୁହେ ଯେ ସେ ଥିଲେ। ଏବଂ ସେ ଆତ୍ମହତ୍ୟା କରିଥିଲେ, ଏବଂ ସେ ବିନଷ୍ଟ ହୋଇଗଲେ।"

283 ମୁଁ କହିଲି, "ସେ ହୋଇଥିଲେ?" ମୁଁ କହିଲି, "ବାଇବଲ ଘୋଷଣା କରେ ଯେ ସେ 'ଉଦ୍ଧାରପ୍ରାପ୍ତ' ହୋଇଥିଲେ। ସେ ପରମେଶ୍ୱରଙ୍କ ଜଣେ ଶତ୍ରୁ ହେବା ପରେ ମଧ୍ୟ, ସେ ଉଦ୍ଧାରପ୍ରାପ୍ତ ହୋଇଥିଲେ। ବାଇବଲ କୁହେ ଯେ ସେ ହୋଇଥିଲେ। ଏବଂ, ଏହା ସବୁ ସତ୍ତ୍ୱେ, ସେ ଆତ୍ମହତ୍ୟା କରି ନ ଥିଲେ। ଜଣେ ପଲେଷ୍ଟୀୟ ତାଙ୍କୁ ହତ୍ୟା କରିଥିଲା, ଏବଂ ଦାଉଦ ସେହି ପଲେଷ୍ଟୀୟକୁ ଶାଉଲଙ୍କୁ ହତ୍ୟା କରିଥିବା ଯୋଗୁଁ ବଧ କରିଥିଲେ। ଶାଉଲ ନିଜର ଖଣ୍ଡା, ନିଜର ବର୍ଚ୍ଛା, ତରବାରୀ ଉପରେ ପଡ଼ି ଯାଇଥିଲେ, ମାତ୍ର, ସେ ପଡ଼ିଥିଲେ। ଏହା ତାଙ୍କୁ ହତ୍ୟା କରି ନ ଥିଲା। ଏବଂ ଜଣେ ପଲେଷ୍ଟୀୟ ତାଙ୍କୁ ହତ୍ୟା କରିଥିଲା। ଏବଂ ତାହାପରେ ଯେତେବେଳେ ଶାଉଲ ସେହି ଭୂତସିଦ୍ଧି କରୁଥିବା ସ୍ତ୍ରୀଲୋକ ପାଖକୁ ଗଲେ, ଏବଂ ସେ ଶାମୁୟେଲଙ୍କ ଆତ୍ମାକୁ ଡାକିଥିଲା, କାରଣ ସେପର୍ଯ୍ୟନ୍ତ ସେ ମହିମା ମଧ୍ୟକୁ ପ୍ରବେଶ କରି ନ ଥିଲେ, ସେ ବୃଷ ଓ ଛାଗମାନଙ୍କର ରକ୍ତ ଅଧୀନରେ ପାରଦୀଶରେ ଥିଲେ ଯାହାକି ପାପକୁ ଦୂର କରିପାରୁ ନ ଥିଲା। ମାତ୍ର ତାଙ୍କୁ ଭିତରକୁ ପ୍ରବେଶ କରିବାର ସମୟ ପର୍ଯ୍ୟନ୍ତ, ଏକ ଅପେକ୍ଷାର ସ୍ଥାନରେ ରହିବାର ଥିଲା, ଯାହାକୁ ପାରଦୀଶ ବୋଲି କୁହାଯାଇଥିଲା।"

284 ସେହିଠାରେହିଁ ଅଟେ ଯେଉଁଠାରେକି ଆପଣ କ୍ୟାଥୋଲିକ୍ ଲୋକମାନେ ମିଶ୍ରିତ ହୋଇ ଯାଇଛନ୍ତି। ବୁଝିଲେ? ତେବେ, ବର୍ତ୍ତମାନ ଆଉ କୌଣସି ପାରଦୀଶ ନାହିଁ। ଆମେମାନେ ସିଧାସଳଖ ପରମେଶ୍ୱରଙ୍କ ଉପସ୍ଥିତିକୁ ଚାଲିଯାଉ।

285 ଏବଂ ଯେତେବେଳେ ଏନ୍ଦୋରର ସେହି ଭୂତସିଦ୍ଧି ସ୍ତ୍ରୀଲୋକଟି ଶାମୁୟେଲଙ୍କ ଆତ୍ମାଙ୍କୁ ଉପରକୁ ଡାକିଲା, ସେ ସେଠାରେ ଉପସ୍ଥିତ ହେଲେ। ଏବଂ ସେହି ସ୍ତ୍ରୀଲୋକଟି ନିଜ ମୁହଁ ମାଡି ତଳେ ପଡ଼ିଗଲା, ଏବଂ ସେ କହିଲା, "ତୁମେ ମୋତେ କାହିଁକି ପ୍ରତାରଣା କଲ?"

286 ଏବଂ କେବଳ ଶାଉଲ ସେଠାରେ ଛିଡା ହୋଇ ନ ଥିଲେ...ମୋର ଅର୍ଥ ଶାମୁୟେଲ, ତାଙ୍କର ଭବିଷ୍ୟଦ୍‌ବକ୍ତା ପୋଷାକରେ, ସେ ସେହି ସମୟ ସୁଦ୍ଧା ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ସେ କହିଲେ, "ତୁମେ ମୋତେ ମୋର ବିଶ୍ରାମରୁ କାହିଁକି ଡାକିଲ," କହିଲେ, "ଏହା ଦେଖି ଯେ ତୁମେ ପରମେଶ୍ୱରଙ୍କ ଏକ ଶତ୍ରୁ ହୋଇ ଯାଇଅଛ?"

287 ଶାଉଲ କହିଲେ, "ତେବେ, ସେହି ଉରିମ୍ ମୋ ସହିତ ଆଉ କଥା ହେଉ ନାହିଁ । ଭବିଷ୍ୟଦ୍‌ବକ୍ତା ମୋ ପାଇଁ ଆଉ ଭବିଷ୍ୟତ୍‌ବାଣୀ କରିପାରୁ ନାହାଁନ୍ତି । କିଅବା ମୁଁ ମଧ୍ୟ ଆଉ ସ୍ୱପ୍ନ ଦେଖିପାରୁ ନାହିଁ ।"

288 "ତେବେ," ଶାମୁୟେଲ କହିଲେ, "ତୁମେ ପରମେଶ୍ୱରଙ୍କ ଜଣେ ଶତ୍ରୁ ହୋଇ ଯାଇଅଛ । ମାତ୍ର ଆସନ୍ତାକାଲି ସେହି ଯୁଦ୍ଧ ଅନ୍ୟ ପଟକୁ ଚାଲିଯିବ, ଏବଂ ତୁମେ କାଲି ମୃତ୍ୟୁଭୋଗ କରିବ । ଏବଂ ଆସନ୍ତାକାଲି ରାତି, ଏହି ସମୟ ସୁଦ୍ଧା, ତୁମେ ମୋ ସହିତ ରହିବ ।" ଯଦି ଶାଉଲ ବିନଷ୍ଟ ହୋଇଥିଲେ, ତେବେ ଶାମୁୟେଲ ମଧ୍ୟ ହୋଇଥିଲେ, ସେମାନେ ଦୁହେଁ ଏକାଠି ଥିଲେ । ନିଶ୍ଚିତ ଭାବରେ । ବାଇବଲ ଏହିପରି ହିଁ ବ୍ୟକ୍ତ କରେ ।

289 ତେବେ, ଆପଣ ସମସ୍ତ କିଛି, ପରଭାଷାରେ କଥା କହିବା ଦ୍ୱାରା, ପାଟିତୁଣ୍ଡ କରିବା ଦ୍ୱାରା, ଡିଆଁ ମାରିବା ଦ୍ୱାରା, କମ୍ପିତ ହେବା ଦ୍ୱାରା, ଗଳିପଥରେ ଉପର-ଓ-ତଳ ଦୌଡିବା ଦ୍ୱାରା ଭାବପ୍ରବଣରେ ଉତ୍ତେଜିତ ହୋଇପାରନ୍ତି । ତାହା ବିରୁଦ୍ଧରେ କିଛି ବି ନାହିଁ । ମାତ୍ର ଆପଣ ନିଜକୁ ଏହା ବିଶ୍ୱାସ କରାଇପାରନ୍ତି ଯେ ଆପଣ ଉଦ୍ଧାରପ୍ରାପ୍ତ ଅଟନ୍ତି ଯେତେବେଳେକି ଆପଣ ହୋଇ ନ ଥାଆନ୍ତି, ଆପଣ ଉଦ୍ଧାରପ୍ରାପ୍ତ ହୋଇ ନ ଥାଆନ୍ତି । ଆପଣଙ୍କର ଜୀବନ ଏହା ପ୍ରମାଣ କରିବ ଯେ ଆପଣ କଅଣ ଅଟନ୍ତି । ଯୀଶୁ କହିଥିଲେ ଯେ ଏହା କରିବ, "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଜାଣିବ ।" ଆପଣଙ୍କର ଜୀବନ ଏହା ପ୍ରମାଣ କରିବ ଯେ ଆପଣ ଉଦ୍ଧାରପ୍ରାପ୍ତ ଅଟନ୍ତି କି ନାହିଁ, ଯଦି ଆପଣ କେବେବି ନିଜର ପାଟି ନ ଖୋଲି ନ ଥାଆନ୍ତି । ଏହା ପ୍ରମାଣ କରିବ ଯେ ଆପଣ କଅଣ ଅଟନ୍ତି ।

290 ମାତ୍ର ଏହି ସମସ୍ତ ଉତ୍ତେ-ଜନା ଏବଂ ଭାବ ପ୍ରବଣ ଏବଂ ମଣ୍ଡଳୀରେ ଯୋଗଦେବା, "ଏବଂ ମୁଁ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଅଛି, ହାଲ୍ଲେଲୁୟା, ମୁଁ ଜାଣେ ଯେ ମୁଁ ଏହା ପାଇଅଛି," ତାହାର କିଛି ହେଲେ ଅର୍ଥ ନାହିଁ ।

291 "ମୁଁ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ, ତିନିଥର, ଆଗକୁ ମୁହଁ କରି, ବାପ୍ତିଜିତ ହୋଇଅଛି । ମୁଁ ଏହା ପାଇଅଛି ।" ତାହାର କିଛି ହେଲେ ଅର୍ଥ ନାହିଁ ।

292 ପାଉଲ କହିଲେ, "ଆସନ୍ତୁ ତେବେ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ ।" ଆମେମାନେ ସିଦ୍ଧିଲାଭ ହେବା ବିଷୟରେ କହୁଅଛୁ । ଏବଂ ଯଦି ଆମେମାନେ ଏହାକୁ ତଳକୁ ନେଇକରି ଯିବା, ଆପଣ ଏହା ପାଇବେ ଯେ, ସେହି ସିଦ୍ଧିଲାଭ କରିଥିବା ଲୋକମାନେ ମନୋନୀତ ଲୋକ ଅଟନ୍ତି । ମୁଁ ଏହାକୁ ଆପଣମାନଙ୍କ ନିକଟରେ, ଅଳ୍ପ କିଛି ମିନିଟ୍ ମଧ୍ୟରେ, ବାଇବଲ ଦ୍ୱାରା ପ୍ରମାଣ କରିବି । ଏହା ହେଉଛନ୍ତି ସେହି ମନୋନୀତ ଲୋକମାନେ ଯାହାଙ୍କୁ

ପରମେଶ୍ୱର, ଜଗତ ପତ୍ତନାବଧିରୁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଦେଖିଥିଲେ। ଏବଂ ସେ ସେହି ଲୋକମାନଙ୍କୁ ମୁକ୍ତ କରିବା ପାଇଁ ଯୀଶୁଙ୍କୁ ପ୍ରେରଣ କରିଥିଲେ, ସମଗ୍ର ଜଗତକୁ ନୁହେଁ। ସେ ଚାହୁଁଥିଲେ, ମାତ୍ର ତାହାଙ୍କୁ ସେହି ଲୋକମାନଙ୍କ ପାଇଁ ଏକ ମାର୍ଗ ପ୍ରସ୍ତୁତ କରିବାକୁ ପଡିଥିଲା। ଏବଂ ଏକମାତ୍ର ଉପାୟ ଯେ ସେ ତାହା କରିପାରିଥାନ୍ତେ, ହେଲା ଖ୍ରୀଷ୍ଟଙ୍କୁ ପଠାଇବା; ଯେପରିକି ସେ ଅର୍ଥାତ, ଆମମାନଙ୍କର ପାପର ପ୍ରାୟଶ୍ଚିତ ଆସନ୍ତି, ଯେ ସେମାନଙ୍କୁ ଯେଉଁମାନବେକି ମନୋନୀତ ହୋଇଛନ୍ତି, ସେ ତାହାଙ୍କ ନିକଟକୁ, ମହିମାରେ ଆଣି ପାରିବେ।

293 କଅଣ ଆପଣ ପରମେଶ୍ୱରଙ୍କୁ ତାହାଙ୍କର କାର୍ଯ୍ୟାଳୟକୁ ଏହିପରି ହୁଗୁଳା ଭାବରେ କାର୍ଯ୍ୟକାରୀ କରୁଥିବାର କଳ୍ପନା କରିପାରିବେ କି, ଯେପରିକି କହିବାକୁ ଗଲେ, "ତେବେ, ବୋଧହୁଏ କେହିଜଣେ ମୋ ବିଷୟରେ ପ୍ରକୃତରେ ଦୁଃଖ ଚିନ୍ତା କରିବେ, ହୋଇପାରେ ଯେ ସେମାନେ ଆସି ଉଦ୍ଧାରପ୍ରାପ୍ତ ହେବେ"? ପରମେଶ୍ୱରଙ୍କୁ କିଛି କରିବା ପାଇଁ ଆପଣଙ୍କୁ ଅନୁରୋଧ କରିବାକୁ ପଡେ ନାହିଁ। ଯେକୌଣସି ଅନୁରୋଧ, ଆପଣଙ୍କୁ ତାହା ଅନୁରୋଧ କରିବାକୁ ଥାଏ, ପରମେଶ୍ୱରଙ୍କୁ ନୁହେଁ।

294 ଏବଂ ତାହାପରେ, ଖ୍ରୀଷ୍ଟ ସେମାନଙ୍କୁ ଉଦ୍ଧାର କରିବା ପାଇଁ ମୃତ୍ୟୁବରଣ କଲେ ଯେଉଁମାନଙ୍କୁକି ପରମେଶ୍ୱର, ପୂର୍ବଜ୍ଞାନ ଦ୍ୱାରା, ବିନା କୌଣସି ଦାଗ କିମ୍ବା ବିନା କୌଣସି କୁଞ୍ଚନରେ ତାହାଙ୍କୁ ସାକ୍ଷାତ କରିବାକୁ ମନୋନୀତ କରିଥିଲେ। ଜଗତ ପତ୍ତନାବଧିରୁ, ସେ ଆପଣମାନଙ୍କୁ ମହିମାରେ ଦେଖିଥିଲେ। ତାହାହିଁ ଅଟେ ଯାହାକି ବାଇବଲ ବ୍ୟକ୍ତ କରେ, ଏଫିସୀୟ, ତାର 1ମ ପର୍ବ। 5ମ ପର୍ବ, ତାର 1ମ ପଦ। ପରମେଶ୍ୱର ପୂର୍ବଜ୍ଞାନ ଦ୍ୱାରା ପୂର୍ବ ନିରୂପିତ କରିଥିଲେ।

295 ତେବେ, ଯଦି ପରମେଶ୍ୱର ତାହା କରିଥିଲେ, ଜଗତ ପତ୍ତନାବଧିରୁ ଆମକୁ ପୂର୍ବନିରୂପଣ କରିଥିଲେ, ଏବଂ ଜଗତ ପତ୍ତନାବଧିରୁ, ଆମମାନଙ୍କ ମଧ୍ୟରୁ ସମସ୍ତଙ୍କୁ ନାମରେ ଜାଣିଥିଲେ, ଏବଂ ଆମକୁ ଅନନ୍ତ ଜୀବନ ପାଇଁ ମନୋନୀତ କରିଥିଲେ, ଏବଂ ଆମକୁ ମୁକ୍ତ କରିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରେରଣ କରିଥିଲେ, ଯେ, ଛଅ ହଜାର ବର୍ଷ ପୂର୍ବେ, ସେ ଆମମାନଙ୍କୁ ଦେଖିଥିଲେ, ଯେପରିକି ଆମେମାନେ ମହିମାରେ ତାହାଙ୍କର ପ୍ରଶଂସାରେ ଉଭା ହୋଇପାରୁ, ତାହାହେଲେ ଆପଣ କିପରି ଭାବରେ ବା କେବେ ବିନଷ୍ଟ ହୋଇପାରନ୍ତି?

296 ତେବେ, ଯଦି ଆପଣ ଉଦ୍ଧାରପ୍ରାପ୍ତ ହୋଇଅଛନ୍ତି, ତାହାହେଲେ ଆପଣ ଉଦ୍ଧାରପ୍ରାପ୍ତ ହୋଇଅଛନ୍ତି। ଯଦି ପରମେଶ୍ୱର ଆଜି ରାତିରେ ଏହା ଜାଣି ଆପଣଙ୍କୁ ଉଦ୍ଧାର କରନ୍ତି, ଯେ ସେ ଆପଣଙ୍କୁ ଆଜିଠାରୁ ଦଶ ବର୍ଷ ଉତ୍ତାରେ ହରାଇବାକୁ ଯାଉଅଛନ୍ତି, ତାହାହେଲେ ସେ ନିଜର ଉଦ୍ଦେଶ୍ୟକୁ ପରାସ୍ତ କରୁଅଛନ୍ତି; ସେହି ଅସୀମ, ସର୍ବଶକ୍ତିମାନ, ଅନନ୍ତ, ଚିରନ୍ତନ ଜ୍ଞାନ, ପରମେଶ୍ୱର, ତାହାହେଲେ ଏତିକି ସୁଦ୍ଧା ଜାଣି ନାହାଁନ୍ତି ଯେ ଆପଣ ତିଷ୍ଠି ରହିବେ କି ତିଷ୍ଠି ରହିବେ ନାହିଁ। ତାହାପରେ, ଯେତେବେଳେ ସେ ଆପଣଙ୍କୁ ଉଦ୍ଧାର କରନ୍ତି, ଏବଂ କୁହନ୍ତି,

"ତେବେ, ମୁଁ ତାକୁ ଏକ ପରୀକ୍ଷା ଦେବି, ଏବଂ ଦେଖିବି ଯେ ସେ କଅଣ କରିବ," ତାହାହେଲେ ସେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜାଣନ୍ତି ନାହିଁ । ପରମେଶ୍ୱର ଜାଣନ୍ତି ଯେ ସେ କଅଣ କରୁଅଛନ୍ତି, ଆପଣ ତାହା ବିଷୟରେ କଦାପି ଚିନ୍ତା କରନ୍ତୁ ନାହିଁ । ଏହା ତ ଆପଣ ଏବଂ ମୁଁ ଅଟୁ ଯିଏକି ଝୁଣ୍ଟି ପଡିଥାଉ । ପରମେଶ୍ୱର ଜାଣନ୍ତି ଯେ ସେ କଅଣ କରୁଅଛନ୍ତି । ଏବଂ ସେ ଜାଣିଥିଲେ ଯେ ଆମେ...ଯେ ଆମେମାନେ ତିଷ୍ଟି ରହିବୁ, ନା ଆମେମାନେ କଅଣ କରିବୁ ।

297 ବର୍ତ୍ତମାନ, ବାଇବଲ କୁହେ ଯେ, ଏଷୌ ଏବଂ ଯାକୁବ, ଏପରିକି ଉଭୟ ସନ୍ତାନ ଜନ୍ମ ହେବା ପୂର୍ବରୁ, ପରମେଶ୍ୱର କହିଥିଲେ, "ମୁଁ ଜଣକୁ ପ୍ରେମ କରେ, ଏବଂ ଅନ୍ୟକୁ ଘୃଣା କରେ," ଏହା ପୂର୍ବେକି ସେମାନେ ସେମାନଙ୍କର ପ୍ରଥମ ନିଶ୍ୱାସକୁ ନେଇଥାଆନ୍ତେ, ଯେପରିକି ତାହାଙ୍କର ନିର୍ବାଚନ ସତ୍ୟ ହୋଇପାରେ ।

298 ଅବ୍ରହାମ କିଏ ଥିଲେ (ଆମେମାନେ ଏଠାରେ ତଳେ, କିଛି ମିନିଟରେ ତାଙ୍କ ପାଖକୁ ଯିବା ।), ସେ କିଏ ଥିଲେ, ଯେ ପରମେଶ୍ୱର ତାଙ୍କୁ ଡାକିବେ, ତାଙ୍କୁ କୌଣସି କିଛି ବିଷୟ ବିନା ଉଦ୍ଧାର୍ କରିବେ? ପରମେଶ୍ୱର ମନୁଷ୍ୟ ସହିତ ଏକ ନିୟମ କରନ୍ତି, ମନୁଷ୍ୟ ତାର ନିୟମକୁ ଭାଙ୍ଗି ଦିଏ । ମାତ୍ର ପରମେଶ୍ୱର ଏହି ନିୟମକୁ ନିଜ ସହିତ କଲେ, ଏବଂ ନିଜଠାରେ, ଏହାକୁ ଶପଥ କଲେ, ମନୁଷ୍ୟର ଏହା ସହିତ କୌଣସି କିଛି କରିବାର ନ ଥିଲା । ଏହା ତ ସ୍ୱୟଂ ପରମେଶ୍ୱରଙ୍କର ନିଜର ପୂର୍ବଜ୍ଞାନ ଅଟେ, ସେ ଏହାକୁ, ଯେକୌଣସି ପ୍ରକାରେ ବି କଲେ ।

299 ତେବେ, ଆପଣ କୁହନ୍ତି, "ଆଚ୍ଛା, ଭାଇ ବ୍ରାନହାମ୍, ତାହାହେଲେ ଯଦି ମୁଁ ଜଣେ ଖ୍ରୀଷ୍ଟିଆନ ହୋଇଯାଏ, ତେବେ ମୋର ଯାହା ଇଚ୍ଛା ତାହା କରିପାରେ କି?" ନିଶ୍ଚିତ ଭାବରେ । ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ଆପଣଙ୍କର ଯାହା ଇଚ୍ଛା ତାହା କରିପାରନ୍ତି । ଏବଂ ମୁଁ ଆଶ୍ୱାସନା ଦେବି ଯେ, ଆପଣଙ୍କଠାରେ ଭୁଲ୍ କରିବାର କୌଣସି ଇଚ୍ଛା ରହିବ ନାହିଁ । ଆପଣ କିଛି ବି କରନ୍ତୁ । ମୁଁ ସର୍ବଦା ତାହାହିଁ କରିଛି ଯାହା ମୋର ଇଚ୍ଛା ହୋଇଥାଏ । ଏବଂ ଯଦି ମୁଁ ପ୍ରଭୁଙ୍କର ସେବା ଏଇଥି ପାଇଁ କରେ କାରଣ ମୁଁ ଭୟ କରେ ଯେ ମୁଁ ନରକକୁ ଯାଉଅଛି, ତାହାହେଲେ ମୁଁ ସଠିକ ଭାବରେ ତାହାଙ୍କର ସେବା କରୁ ନାହିଁ । ଯଦି ମୁଁ ମୋର ପତ୍ନୀଙ୍କ ପ୍ରତି ଏଇଥି ପାଇଁ ସଚ୍ଚୋଟ ରହେ କାରଣ ମୁଁ ଭୟ କରେ ଯେ ସେ ମୋତେ ଛାଡପତ୍ର ଦେଇ ଦେବେ, ତେବେ ମୁଁ ଜଣେ ବହୁତ ଭଲ ସ୍ୱାମୀ ନୁହେଁ । ମାତ୍ର ମୁଁ ତାଙ୍କୁ କୌଣସି ବିଷୟ ପାଇଁ ଆଘାତ କରିବି ନାହିଁ, କାରଣ ମୁଁ ତାଙ୍କୁ ପ୍ରେମ କରେ ।

300 ଏହି ପ୍ରକାରେ ତାହା ଖ୍ରୀଷ୍ଟଙ୍କ ସହିତ ଅଟେ, ଯେତେବେଳେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଜନ୍ମ ହୋଇଥାଏ । ଏଇଥି ପାଇଁ ନୁହେଁ ଯେହେତୁ ସେ ଚିତ୍କାର କରିଥାଏ, ପରଭାଷାରେ କଥା କହିଥାଏ, କିମ୍ବା କୌଣସି ଭାବପ୍ରବଣତା ହେତୁ ନୁହେଁ; ମାତ୍ର ତାଙ୍କ ହୃଦୟରେ, ପ୍ରେମ ଆସିଥିଲା ଏବଂ ଜଗତର ସ୍ଥାନକୁ ନେଇ ଯାଇଥିଲା । ମୁଁ ଆପଣଙ୍କୁ କୁହେ, ସେ ତାହାଙ୍କୁ ପ୍ରେମ କରେ । ସେ ପ୍ରତିଦିନ, ତାହାଙ୍କ ପାଖେ ପାଖେ ଗମନ କରେ । ଆପଣଙ୍କୁ ତାଙ୍କୁ କହିବାକୁ ପଡ଼େ ନାହିଁ, "*ଏହା* କରିବା, କିମ୍ବା *ତାହା*, କିଅବା *ଅନ୍ୟଟି* କରିବା

ଭୁଲ୍ ଅଟେ।” ସେ ଜାଣେ ଯେ ଏହା ଭୁଲ ଅଟେ। ଏବଂ, ସେ ଗମନାଗମନ କରେ, ସେ ପରମେଶ୍ୱରଙ୍କ ସାର୍ବଭୌମ ଅନୁଗ୍ରହର ଏକ ନିରୂପିତ ଉତ୍ପାଦ ଅଟେ। ଅବିକଳ ଭାବେ।

*କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି, ସେମାନଙ୍କ ପାଇଁ ଏହା ଅସାଧ୍ୟ,…ସ୍ୱର୍ଗୀୟ* ଆହ୍ୱାନର… *ସହଭାଗୀ ହୋଇଅଛନ୍ତି*…

ତେବେ, ଆମେମାନେ ବେଳେବେଳେ ଏପରି ବିଶ୍ୱାସ କରିଥାଉ ଯେ ତାହା ଜଣେ ଏପରି ବ୍ୟକ୍ତି ଅଟନ୍ତି ଯିଏକି ଥରେ ଆଲୋକପ୍ରାପ୍ତ ହୋଇଥିଲା ଏବଂ ପୁନର୍ବାର ଧର୍ମଭ୍ରଷ୍ଟ ହୋଇ ଯାଇଥିଲା, ମାତ୍ର ବାଇବଲ ଏହାକୁ ସେହିପରି ପାଠ କରେ ନାହିଁ। “ଜଣେ ବ୍ୟକ୍ତି ପାଇଁ ଏହା କରିବା ସମ୍ପୂର୍ଣ୍ଣ ଭାବେ ଅସାଧ୍ୟ ଅଟେ,” ସେ ଏଠାରେ କୁହନ୍ତି, “ଯିଏକି ପବିତ୍ରଆତ୍ମା ପାଇଅଛନ୍ତି, ଯେ ସେ ଧର୍ମଭ୍ରଷ୍ଟ ହୋଇଯିବେ।” ତେବେ ଏହାକୁ ପାଠ କରନ୍ତୁ ଏବଂ ତାହା ଠିକ୍ ନୁହେଁ କି ନାହିଁ ଖୋଜି ଦେଖନ୍ତୁ। ଏଠାରେ ଦେଖନ୍ତୁ, ପାଠ୍ୟକୁ ନିଅନ୍ତୁ, ସମ୍ପୂର୍ଣ୍ଣ ପାଠ୍ୟକୁ, ଏବଂ ତାହାର ବିଷୟବସ୍ତୁ, ବରଂ, ପ୍ରସଙ୍ଗକୁ ନିଅନ୍ତୁ।

301 ତେବେ ସେ କଥା କହିବାକୁ ଆରମ୍ଭ କରୁଛନ୍ତି, ଏହା କଅଣ ଅଟେ? “ଆସନ୍ତୁ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ।” ତେବେ, ସେ କହିଲେ, “ଶାରୀରିକ, ନାନା ପ୍ରକାର ଶିକ୍ଷା ଏବଂ ବାପ୍ତିସ୍ମ ଓ ସଂସ୍କାର, ଏବଂ ପ୍ରଭୃତି ସବୁର ଭିତ୍ତିମୂଳ ସ୍ଥାପିତ କରିବା ନୁହେଁ। ଆସନ୍ତୁ ତାହା ନ କରୁ। ଆସନ୍ତୁ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ।” ବିଷୟଟି ହେଉଛି *ସିଦ୍ଧତା*, ଏବଂ ସିଦ୍ଧତା ଖ୍ରୀଷ୍ଟଙ୍କ ଦ୍ୱାରା ଆସିଥାଏ। ଏବଂ ଆମେ ଖ୍ରୀଷ୍ଟଙ୍କ ଭିତରେ କିପରି ପ୍ରବେଶ କରିଥାଉ? ମଣ୍ଡଳୀରେ ଯୋଗ ଦେବା ଦ୍ୱାରା? “ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ।” ଏହା ଦ୍ୱାରା ନୁହେଁ: ଜଣେ, କଥା-କହିବା ଦ୍ୱାରା; ଜଣେ, ହାତ-ମିଶାଇବା; ଜଣେ, ଜଳ-ବାପ୍ତିସ୍ମରେ। “ମାତ୍ର ଗୋଟିଏ ଆତ୍ମା ଦ୍ୱାରା ଆମେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ।” କଅଣ ଆପଣ ଏହା ବୁଝିଲେ କି? ତାହା ହେଉଛି ସିଦ୍ଧତା।

302 ଏବଂ ଯେତେବେଳେ ଆପଣ ତାହା ଭିତରକୁ ଆସନ୍ତି, ଆପଣ ଖ୍ରୀଷ୍ଟଙ୍କଠାରେ ଥାଆନ୍ତି, ଏବଂ ଜଗତ ଆପଣଙ୍କ ପାଇଁ ମରି ଯାଇଥାଏ। ଏବଂ ଆପଣ ପ୍ରତ୍ୟେକ ଦିନ ମେଷଶାବକଙ୍କ ସହିତ ଚାଲନ୍ତି, ଏବଂ ଆପଣଙ୍କର ପଦକ୍ଷେପଗୁଡିକ ପରମେଶ୍ୱରଙ୍କ ଦ୍ୱାରା ନିରୂପିତ ହୋଇଥାଏ, ଯେ କଅଣ କରିବାକୁ ଅଛି। ଓଃ, ସେହି ପରୀକ୍ଷା ଏବଂ ପରୀକ୍ଷଣମାନ ଯାହା ଦେଇ ଆମେମାନେ ଗତି କରିଥାଉ! ଆପଣ କୁହନ୍ତି, “କଅଣ ଆପଣଙ୍କର ପରୀକ୍ଷାମାନ ରହିଥାଏ କି?” ହଁ, ଆଜ୍ଞା। କଅଣ ଅଟେ…

303 ଅନୁଗ୍ରହ ହେଉଛି ତାହା ଯାହା ପରମେଶ୍ୱର ମୋ ପାଇଁ କରିଥିଲେ, କାର୍ଯ୍ୟ ହେଉଛି ତାହା ଯାହା ମୁଁ ପରମେଶ୍ୱରଙ୍କ ପାଇଁ କରେ। ତେବେ, ସେମାନେ ଏଥିରୁ ଏକ ଶିକ୍ଷା ପ୍ରସ୍ତୁତ କରି ନେବେ, ସେମାନେ ଭାବନ୍ତି ଯେ କାର୍ଯ୍ୟ ହିଁ ଅଟେ ଯାହାକି ଆପଣଙ୍କର ଯୋଗ୍ୟତାକୁ ବିଜୟୀ କରିଥାଏ। ଯଦି ଏହା ଅଟେ, ତାହାହେଲେ ଏହା ଏକ ମାଗଣା ଉପହାର ନୁହେଁ। ଅନୁଗ୍ରହ ହେଉଛି ତାହା ଯାହା ପରମେଶ୍ୱର ଆପଣଙ୍କ ପାଇଁ କରିଥିଲେ, “ଅନୁଗ୍ରହ ଦ୍ୱାରା ଆପଣ

ଉଦ୍ଧାର ପାଇଛନ୍ତି ।" ଏବଂ କାର୍ଯ୍ୟ ହେଉଛି ତାହା ଯାହା ଆପଣ ସେହି ଅନୁଗ୍ରହର ପ୍ରଶଂସାରେ କରନ୍ତି ଯାହା ସେ ଆପଣଙ୍କ ପ୍ରତି ଦେଖାଇଥିଲେ । ଏବଂ ଯଦି ଆପଣ ତାହାଙ୍କୁ ପ୍ରେମ କରନ୍ତି, ଆପଣ ପ୍ରଭୁଙ୍କର କାର୍ଯ୍ୟଗୁଡିକୁ କରିବାକୁ ପସନ୍ଦ କରନ୍ତି । ନିଶ୍ଚିତ ଭାବରେ, କାରଣ, ତେବେ, ଆପଣ—ଆପଣ ତାହାଙ୍କୁ ପ୍ରେମ କରନ୍ତି ।

304 ମେଡା ବ୍ରୋଏଙ୍କୁ, ମୋ ପତ୍ନୀ ଭାବରେ ଗ୍ରହଣ କରିବା, ତାହା ଥିଲା ଯାହାକି ପ୍ରେମ ତାଙ୍କ ପାଇଁ କରିଥିଲା । ଯାହା ସେ କରନ୍ତି, ତାହା ପ୍ରଶଂସାରେ ଅଟେ: ସେ ଜଣେ ଅତି ସୁନ୍ଦର ସ୍ତ୍ରୀ ଅଟନ୍ତି, ଘରେ ରୁହନ୍ତି, ପିଲାମାନଙ୍କର ଯତ୍ନ ନିଅନ୍ତି, ଏବଂ ଏକ ଭଲ ଜୀବନ ଯାପନ କରନ୍ତି । ତାହା ଏଇଥି ପାଇଁ ନୁହେଁ କାରଣ ଆମେମାନେ ବିବାହିତ ନୋହୁଁ; ଆମେମାନେ ବିବାହିତ ଅଟୁ । ମାତ୍ର ସେ ଏହାକୁ ପ୍ରଶଂସାରେ କରିଥାଆନ୍ତି । ଯଦି ସେ ପ୍ରତିଦିନ, ସହରକୁ ଦୌଡିବେ, ଏବଂ ପ୍ରତ୍ୟେକ ଦଶ-ପଇସା ଦୋକାନକୁ ଯିବେ, ଏବଂ ରାସ୍ତାରେ ଉପର-ଓ-ତଳକୁ ଯିବେ, ଏବଂ କଦାପି ବାସନ କୁସନ, କିମ୍ବା ଅନ୍ୟାନ୍ୟ କିଛି ଜିନିଷ ଧୁଆ ଧୋଇ କରିବେ ନାହିଁ, ଆମେ ତଥାପି ବିବାହିତ ଅଟୁ । ଅବଶ୍ୟ । ଯେତେବେଳେ ମୁଁ ମୋର ଶପଥକୁ ନେଇଥିଲି, ତାହା ଏହାକୁ ସମାଧାନ କରିଥିଲା । ସେ ମୋର ସ୍ତ୍ରୀ ଅଟନ୍ତି । ଯେପର୍ଯ୍ୟନ୍ତ ଆମ ଭିତରେ ଜୀବନ ଅଛି, ସେ ମୋର ପତ୍ନୀ ଅଟନ୍ତି । ତାହା ହେଉଛି ତାଙ୍କର ଶପଥ । ମାତ୍ର ତାହା ପାଇଁ ସେ ପ୍ରଶଂସାରେ କଅଣ କରନ୍ତି: ସେ ଘରେ ରୁହନ୍ତି, ଏବଂ ପିଲାମାନଙ୍କର ଯତ୍ନ ନିଅନ୍ତି, ଏବଂ ପ୍ରକୃତ ପତ୍ନୀ ହେବାକୁ ଚେଷ୍ଟା କରନ୍ତି ।

305 ମୁଁ ପଳାଇ ଯାଇପାରେ ଏବଂ ସବୁବେଳ ପାଇଁ ଚାଲି ଯାଇପାରେ, କେବଳ ସମଗ୍ର ଦେଶରେ ବୁଲୁ ଥାଇପାରେ, ଏବଂ ତାଙ୍କୁ ଅଧା ଭୋକରେ, କିମ୍ବା ଅନ୍ୟ କିଛିରେ ରହିବା ପାଇଁ ଛାଡ଼ି ଦେଇପାରେ, ପିଲାମାନଙ୍କୁ କିଛି ଖାଇବାକୁ ନ ଦେଇ ଛାଡ଼ି ଦେଇପାରେ; ଆମେମାନେ ତଥାପି ବିବାହିତ ଅଟୁ । ଯଦି ଏପରିକି ସେ ମୋତେ ଛାଡପତ୍ର ଦେଇ ଦିଅନ୍ତି, ମୁଁ ତଥାପି ବିବାହିତ ଅଟେ, ଯେପର୍ଯ୍ୟନ୍ତକି ମୋ ଶରୀରରେ ଜୀବନ ଅଛି । ମୁଁ ସେହି ଶପଥକୁ ନେଇଥିଲି, "ଯେପର୍ଯ୍ୟନ୍ତ ମୃତ୍ୟୁ ଆମକୁ ଅଲଗା ନ କରେ ।" ତାହା ଠିକ୍ ଅଟେ । ଆମେମାନେ ତଥାପି ବିବାହିତ ଅଟୁ । ମାତ୍ର, ତଥାପି, ମୁଁ ଜଣେ ସ୍ୱାମୀ ହେବାର ଏକ ଖରାପ ଉଦାହରଣ ଉପସ୍ଥାପିତ କରେ । ସେ ଜଣେ ପତ୍ନୀ ଭାବରେ ଏକ ଖରାପ ଉଦାହରଣ ଉପସ୍ଥାପିତ କରନ୍ତି । ତେଣୁ ଯଦି ଆମେମାନେ ପରସ୍ପରକୁ ପ୍ରେମ କରୁ, ତାହାହେଲେ ଆମେମାନେ ଏକାଠି ରହି ସେହି ଭାରକୁ ଏକତ୍ର, ଟାଣି ନେଇଥାଉ ।

306 ତାହା ସେହିପରି ହିଁ ପରମେଶ୍ୱର ଏବଂ ତାହାଙ୍କର ମଣ୍ଡଳୀ ଅଟେ । ଯେତେବେଳେ ଆପଣ ପରମେଶ୍ୱରଙ୍କ ରାଜ୍ୟରେ ଜନ୍ମ ଗ୍ରହଣ କରିଥାନ୍ତି, ଆପଣଙ୍କର ନିଜର *ଉତ୍ଥାନ ଓ ପତନ* ରହିବ, ତାହା ସତ, ମାତ୍ର ତଥାପି ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ଆପଣ ତଥାପି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଥାଆନ୍ତି । ହୋଇପାରେ ପରମେଶ୍ୱରଙ୍କୁ ଆପଣଙ୍କୁ ପୃଥିବୀରୁ ଶୀଘ୍ର ନେଇଯିବାକୁ ପଡିପାରେ ।

...ଯେଉଁମାନେ *ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି*, ଏବଂ *ସ୍ୱର୍ଗୀୟ ଦାନର... ଆସ୍ୱାଦ ପାଇଅଛନ୍ତି,...*

...ସେମାନେ ଯଦି *ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନଃପରିବର୍ତ୍ତନ ନିମନ୍ତେ* ସେମାନଙ୍କୁ *ପୁନର୍ବାର ନୂତନ କରାଇବା ଅସାଧ୍ୟ;...*

307 ତେବେ, ମୁଁ ଜାଣେ ଯେ ଆପଣ କେଉଁଠାରେ ଚିନ୍ତା କରୁଅଛନ୍ତି, ସେହି ମଣ୍ଡଳୀ। ମୋତେ ଆପଣମାନଙ୍କୁ ଟିକିଏ ଅଧିକ ଏକ ଶକ୍ତିଶାଳୀ ବିଷୟ ନିକଟକୁ ନେବାକୁ ଦିଅନ୍ତୁ, ଯେଣୁ ସେହି—ସେହି ବ୍ୟବସ୍ଥା ଅନୁଗତ ପକ୍ଷକୁ ବାସ୍ତବରେ ବନ୍ଦ କରା ଯାଇପାରେ। ଆସନ୍ତୁ ଏବ୍ରୀ, ତାର 10ମ ପର୍ବକୁ ଯିବା, ଏବଂ ଏହାକୁ ଅଳ୍ପ ଟିକିଏ ସମୟ ପାଇଁ ଦେଖିବା।

308 10ମ ପର୍ବ, ତାର 26ତମ ପଦ।

*କାରଣ ସତ୍ୟ ଜ୍ଞାନ ଲାଭ କରିବା ପରେ...ଯଦି ଆମ୍ଭେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ, ତେବେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ,*

*ବରଂ ବିଚାରର ଏକ ପ୍ରକାର ଭୟଙ୍କର...ପ୍ରତୀକ୍ଷା ଓ* ବିପକ୍ଷମାନଙ୍କୁ *ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା ଅବଶିଷ୍ଟ ଥାଏ।*

*କେହି ମୋଶାଙ୍କ ବ୍ୟବସ୍ଥାକୁ ଅମାନ୍ୟ କଲେ, ସେ ଦୟା ପ୍ରାପ୍ତ ନ ହୋଇ ଦୁଇ କିମ୍ବା ତିନି ଜଣ ସାକ୍ଷୀଙ୍କ ପ୍ରମାଣରେ ହତ ହୁଏ:*

*ତେବେ ଭାବି* ଦେଖ, ଯେ ପରମେଶ୍ୱରଙ୍କ ପୁତ୍ରଙ୍କୁ...ପଦଦଳିତ *କରିଅଛି,...* ନିୟମର ଯେଉଁ...*ରକ୍ତ* ଦ୍ୱାରା ସେ *ପବିତ୍ରୀକୃତ ହୋଇଥିଲା, ତାହାକୁ* ସାମାନ୍ୟ *ବିଷୟ ବୋଲି ମନେ କରିଅଛି, ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନା କରିଅଛି, ସେ...କେତେ ଅଧିକ ଗୁରୁତର ଦଣ୍ଡର ଯୋଗ୍ୟ ନ ହେବ?*

309 ତେବେ ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ତାହା ବିଷୟରେ କଅଣ? ତାହା କିପରି ଦେଖାଯାଏ?"

ତେବେ, କେବଳ ପାଠ କରିବା ପାଇଁ, ମୁଁ ଭାବୁଛି, "ଶାସ୍ତ୍ର *ତାହା* କୁହେ ନାହିଁ।" ତାହା ଜଣେ ଖ୍ରୀଷ୍ଟିଆନ ବିଷୟରେ କହୁ ନାହିଁ। ତାହା ତ ସେହି ଜଣେ ବ୍ୟକ୍ତିଙ୍କ ବିଷୟରେ କହୁଅଛି ଯିଏକି ବାକ୍ୟକୁ ଶୁଣିଥିଲା ଏବଂ ଏଥିରୁ ଘୁରି ଅନ୍ୟତ୍ର ଚାଲିଗଲା। ବୁଝିଲେ?

*କାରଣ* ଆପ୍ଣମାନଙ୍କ ନିକଟରେ ସୁସମାଚାର ପ୍ରଚାର କରାଯିବା *ପରେ ଯଦି ଆମ୍ଭେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ...*(ପାପ କଅଣ ଅଟେ? ଅବିଶ୍ୱାସ।)...ଅବିଶ୍ୱାସ କରୁଥାଉ, *ତେବେ* ପାପାର୍ଥକ *ବଳି ଆଉ ଅବଶିଷ୍ଟ ନ ଥାଏ,*

310 ପାପ କଅଣ ଅଟେ? ଅବିଶ୍ୱାସ। ସାଧୁ ଯୋହନ, ତାର 4ର୍ଥ ପର୍ବ ପାଠ କରନ୍ତୁ। ଯୀଶୁ କହିଲେ, "ଯିଏ ବିଶ୍ୱାସ କରେ ନାହିଁ ସେ ପୂର୍ବରୁ ନିନ୍ଦିତ କରା ଯାଇଅଛି।" ଧୂମପାନ, ମଦ

ପିଇବା, ବ୍ୟଭିଚାର କରିବା ପାପ ନୁହେଁ । ଆପଣ ତାହା ଏଇଥି ପାଇଁ କରନ୍ତି କାରଣ ଆପଣ ଜଣେ ଅବିଶ୍ୱାସୀ ଅଟନ୍ତି । ତାହା ତ କେବଳ ଗୁଣସକଳ ଅଟେ । ଆପଣ ତାହା ଏଇଥି ପାଇଁ କରନ୍ତି କାରଣ ଆପଣ ଜଣେ ଅବିଶ୍ୱାସୀ ଅଟନ୍ତି । କେବଳ ଧୂମପାନ ତ୍ୟାଗ କରିବା, ମଦ୍ୟପାନ ତ୍ୟାଗ କରିବା, ଏବଂ ସେହିଭଳି ପ୍ରଭୃତି ସବୁ କରିବା, ତାହାର ଅର୍ଥ ଏହା ନୁହେଁ ଯେ ଆପଣ—ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି । ତାହା ତ କେବଳ ଆପଣଙ୍କର ରୂପାନ୍ତରଣର ଗୁଣସକଳ ଅଟେ । କିନ୍ତୁ, ଆପଣ କରିପାରନ୍ତି—ଆପଣ ଉଭୟ ପାର୍ଶ୍ୱ କରିପାରନ୍ତି, ଏବଂ ତଥାପି ନ ହୋଇପାରନ୍ତି ।

311 ତେବେ ଧ୍ୟାନ ଦିଅନ୍ତୁ ।

> ...*ପରେ ଯଦି ସେ ସ୍ୱେଚ୍ଛାପୂର୍ବକ* ଅବିଶ୍ୱାସ କରୁଥାଉ...

312 ନୁହେଁ—ନୁହେଁ ଯେ, "ସେ ନିଜ ହୃଦୟରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ପରେ ।" ବାଇବଲ ତାହା କୁହେ ନାହିଁ । କୁହେ, "ସେ ଯିଏକି..."

> ...*କାରଣ ସତ୍ୟ ଜ୍ଞାନ ଲାଭ କରିବା ପରେ...ଯଦି ଆମ୍ଭେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ,* (ସ୍ୱେଚ୍ଛାପୂର୍ବକ ଅବିଶ୍ୱାସ କରୁଥାଉ)...

ଏହା ବୁଝିଲେ କି? ଆଦୌ, ଜଣେ ଖ୍ରୀଷ୍ଟିଆନଙ୍କ ବିଷୟରେ କଥା କହୁ ନ ଥିଲେ ।

313 କିଛି ଦିନ ପୂର୍ବରୁ, କୌଣସି ଜଣେ ମହିଳା ମୋ ପାଖକୁ ଆସିଲେ, ଏବଂ କହିଲେ, "ଭାଇ ବ୍ରାନହାମ୍, ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ, ମାତ୍ର ମୁଁ ପବିତ୍ରଆତ୍ମାଙ୍କୁ ନିନ୍ଦା କରିଅଛି ।"

314 ମୁଁ କହିଲି, "ଏହା ଅସମ୍ଭବ ଅଟେ ।" ଜଣେ ଖ୍ରୀଷ୍ଟିଆନ ପବିତ୍ରଆତ୍ମାଙ୍କୁ ନିନ୍ଦା କରିପାରିବେ ନାହିଁ । ଆପଣ ଏହା କରିପାରନ୍ତି ନାହିଁ । ଜଣେ ଖ୍ରୀଷ୍ଟିୟାନ ଆତ୍ମା ଖ୍ରୀଷ୍ଟଙ୍କ ଆତ୍ମା ସହିତ ସାକ୍ଷ୍ୟ ଦିଏ । ବୁଝିଲେ? ଏବଂ ଆପଣ, ପରମେଶ୍ୱରଙ୍କର ସବୁକିଛିକୁ, "ପରମେଶ୍ୱରଙ୍କର" ବୋଲି କହିବେ ।

315 ମାତ୍ର ଯଦି ଆପଣ ଶାରୀରିକ-ମନା ଅଟନ୍ତି, ଆପଣ ପବିତ୍ରଆତ୍ମାଙ୍କ ଉପରେ ପରିହାସ କରିବେ ଏବଂ ଥଟ୍ଟା କରିବେ; ମୋର ସେଥିରେ କିଛି ଫରକ୍ ପଡେ ନାହିଁ ଯେ ଆପଣ କେତେ ମଣ୍ଡଳୀକୁ ଯାଆନ୍ତି, ଆପଣ ତଥାପି ଜଣେ ପାପୀ ଅଟନ୍ତି, ଏବଂ ଆପଣ ପବିତ୍ରଆତ୍ମାଙ୍କୁ ନିନ୍ଦା କରୁଛନ୍ତି । ଯେତେବେଳେ ସେମାନେ ଯୀଶୁଙ୍କୁ ସେମାନଙ୍କର ହୃଦୟର ବିଚାରଗୁଡିକୁ ଜାଣି ଯାଉଥିବାର ଦେଖିଲେ, ସେମାନେ କହିଲେ ଯେ ସେ ଜଣେ "କୁହୁକ-ବିଦ୍ୟାକାରୀ" ଅଟନ୍ତି ।

316 ଯୀଶୁ କହିଲେ, "ତୁମେ...ମୁଁ ତାହାପାଇଁ ତୁମକୁ କ୍ଷମା କରିଦେବି, ମାତ୍ର ଯେତେବେଳେ ପବିତ୍ରଆତ୍ମା ଆସିବେ, ଏବଂ ତୁମେ ଏହା ବିରୁଦ୍ଧରେ ଗୋଟିଏ ବି ଶବ୍ଦ କୁହ, ଏହା ତୁମକୁ କେବେବି କ୍ଷମା କରାଯିବ ନାହିଁ ।"

କାରଣ, ସେମାନେ କହିଲେ, "ତାଙ୍କଠାରେ ଏକ ଅଶୁଚି ଆତ୍ମା ଅଛି," ଯାହାକି ପରମେଶ୍ୱରଙ୍କ ଆତ୍ମାଙ୍କୁ, "ଏକ ଅଶୁଚି ବିଷୟ" ବୋଲି କହୁଥାଆନ୍ତି ।

ଜଣେ ଖ୍ରୀଷ୍ଟିଆନ ତାହା କରିପାରେ ନାହିଁ । ଜଣେ ଖ୍ରୀଷ୍ଟିଆନ ସର୍ବଦା ପରମେଶ୍ୱରଙ୍କ ଆତ୍ମାଙ୍କୁ, "ଧାର୍ମିକତା" ବୋଲି କହିବ । ବୁଝିଲେ? ଜଣେ ଖ୍ରୀଷ୍ଟିଆନ ପବିତ୍ରଆତ୍ମାଙ୍କୁ ନିନ୍ଦା କରିପାରେ ନାହିଁ । ଏହା ତ ସେହି ବାହ୍ୟ ବ୍ୟକ୍ତି ଅଟେ ଯିଏକି ନିନ୍ଦା କରିଥାଏ ।

317 ସେଠାରେ ଖ୍ରୀଷ୍ଟିଆନମାନେ ଛିଡା ହୋଇ ନ ଥିଲେ । ଏହା ତ ଧାର୍ମିକ ଲୋକମାନେ ଥିଲେ, ଏହା ତ ମୌଳିକବାଦୀ ଯିହୁଦୀମାନେ, ଈଶ୍ୱରୀୟ ତତ୍ତ୍ୱବିଦ୍‌ର ପଣ୍ଡିତମାନେ ଥିଲେ, ଏବଂ ଇତ୍ୟାଦି ସବୁ ଥିଲେ, ଏବଂ ସେମାନେ ତାହାଙ୍କୁ ଓ ତାହାଙ୍କର କାର୍ଯ୍ୟଗୁଡିକର ଉପହାସ କରିଥିଲେ, ପରମେଶ୍ୱରଙ୍କ କାର୍ଯ୍ୟକୁ ଏହା କହିଥିଲେ, ଯେ, "ଏହା ଏକ ଅଶୁଚି ଆତ୍ମା ତାହା କରୁଅଛି ।"

318 ଏବଂ ଆଜି କେତେଜଣ ପବିତ୍ରଆତ୍ମାଙ୍କୁ ନିନ୍ଦା କରନ୍ତି ବୋଲି ଆପଣ ଭାବୁଛନ୍ତି, ଯେଉଁମାନେକି ସେମାନଙ୍କର ନାମରେ ଡି.ଡି.ଡି., ପିଏଚ୍.ଡି. ଉପାଧି ଉଲ୍ଲେଖ କରିଥାନ୍ତି? କେତେ ଜଣ ମହାନ, ଟାଣୁଆ ମୌଳିକବାଦୀ, କ୍ୟାଥୋଲିକ୍, ପ୍ରୋଟେଷ୍ଟାଣ୍ଟମାନେ, ରାସ୍ତାରେ ଚାଲିଯାଆନ୍ତି ଏବଂ ପବିତ୍ରଆତ୍ମାଙ୍କ କାର୍ଯ୍ୟକୁ ପରିହାସ କରନ୍ତି, ଠିକ୍ ଉଚ୍ଚ ଶିକ୍ଷିତ ପଣ୍ଡିତମାନଙ୍କ ପରି, ଏବଂ ଏକ ବଟନ୍ ପରି ପ୍ରଖର ଅଟନ୍ତି? ଠିକ୍ । ମାତ୍ର ସେମାନେ ପବିତ୍ରଆତ୍ମାଙ୍କୁ ପରିହାସ କରନ୍ତି, ଏବଂ ସେଇଥିପାଇଁ ସେମାନେ ଏହାକୁ ନିନ୍ଦା କରନ୍ତି ।

ମାତ୍ର ଜଣେ ନୂତନ-ଜନ୍ମ ହୋଇଥିବା ଖ୍ରୀଷ୍ଟିଆନ ତାହା କରିପାରେ ନାହିଁ । ସେ କହିବେ, "ସେ ମୋର ଭାଇ ଅଟନ୍ତି । ତାହା ଜୀବନ୍ତ ପରମେଶ୍ୱରଙ୍କ ଆତ୍ମା ଅଟେ ।" ତାହା ଠିକ୍ ଅଟେ । ଜଣେ ଖ୍ରୀଷ୍ଟିଆନ ପବିତ୍ରଆତ୍ମାଙ୍କୁ ନିନ୍ଦା କରିପାରେ ନାହିଁ ।

319 ଏହା ତ ସେହି ପାପୀ ଅଟେ ଯିଏକି ପବିତ୍ରଆତ୍ମାଙ୍କୁ ନିନ୍ଦା କରେ; ସେହି ଅବିଶ୍ୱାସୀ, ସେହି *ପାପୀ*, ଜଣେ "ଅବିଶ୍ୱାସୀ ।" ସେଠାରେ କେବଳ ଦୁଇଟି ଜିନିଷ ଅଛି: ଆପଣ ହୁଏତ ଜଣେ ବିଶ୍ୱାସୀ ଅଟନ୍ତି, କିମ୍ବା ଜଣେ ଅବିଶ୍ୱାସୀ ଅଟନ୍ତି ।

320 ତେବେ, ଏହାକୁ ପ୍ରକୃତରେ ବର୍ତ୍ତମାନ ମିଶାଇବା ପାଇଁ, ଏଠାରେ ଧ୍ୟାନ ଦିଅନ୍ତୁ । ମୁଁ ଏକ ଦର୍ଶନ ଦେଖିଥିଲି ଯାହା ମୋତେ ସବୁବେଳେ ବ୍ୟତିବ୍ୟସ୍ତ କରିଥିଲା । ବହୁ ବର୍ଷ ପୂର୍ବେ ମୁଁ ତାହା ଦେଖି ରହୁଥିଲି । ମୁଁ କହିଲି, "ଓଃ, ଯଦି ଜଣେ ବ୍ୟକ୍ତି ଥରେ ପବିତ୍ରଆତ୍ମା ଗ୍ରହଣ କରିଥିଲେ, ଏବଂ ତାହାପରେ ପଶ୍ଚାଦଗମନ କରନ୍ତି, ତେବେ ସେ ସବୁଦିନ ପାଇଁ ବିନଷ୍ଟ ହୋଇଯିବେ ।" ମୁଁ ଏହାକୁ ତାହା ସହିତ ଅର୍ଥ କରିବା ପାଇଁ ଅନ୍ୟକୁ ପାଇପାରିବି ନାହିଁ ।

321 ମୁଁ କହିଲି, "ତେବେ ଏହା କାହିଁକି ଅଟେ ଯେ ବାଇବଲ କୁହେ, ଯେ, 'ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପାଇଅଛି, ଅନନ୍ତ, ଏବଂ ସେ କଦାପି ବିଚାରକୁ ଆସିବେ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି । ଯେସମସ୍ତଙ୍କୁ ପିତା ମୋତେ ଦେଇଅଛନ୍ତି ମୋ ପାଖକୁ ଆସିବେ, ଏବଂ ସେମାନଙ୍କ ମଧ୍ୟରୁ କେହି ହେଲେ ବିନଷ୍ଟ ହେବେ ନାହିଁ, ମୁଁ ସେମାନଙ୍କୁ ଶେଷ ଦିନରେ ଉତ୍ଥାପିତ କରିବି । କୌଣସି ବ୍ୟକ୍ତି ସେମାନଙ୍କୁ ମୋ ହାତରୁ ଛଡ଼ାଇ ନେଇପାରନ୍ତି ନାହିଁ'?

ତାହା ଏହା ସହିତ କିପରି ଅଂଶୀଦାର ହୁଏ? ମୁଁ ଠିକ ଏହା ବୁଝିପାରେ ନାହିଁ। 'ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଥିଲେ ସେମାନଙ୍କ ପାଇଁ ଏହା ଅସାଧ୍ୟ।'" ମୁଁ ଭାବିଲି, "କିଛି ଗୋଟାଏ ଭୁଲ୍ ଅଛି। ମୁଁ କେବଳ ଏହା ବୁଝିପାରୁ ନାହିଁ।"

ଏବଂ ମୁଁ କେତେକ ବର୍ଷେ ପୂର୍ବେ, ଏକ ଛୋଟ ପେଣ୍ଟିକଷ୍ଟାଲ୍ ସଭାକୁ ଯାଇଥିଲି।

322 ମୁଁ ଅନୁମାନ କରୁଛି, ଯେ ମଣ୍ଡଳୀରେ ଏପରି କେହି ଜଣେ ହେଲେ ଅବଶିଷ୍ଟ ନାହାଁନ୍ତି, ଯାହାଙ୍କୁକି ତାହା ମନେ ଥିବ। ବହୁ ବର୍ଷ ପୂର୍ବେ, ଏହା ତ ଠିକ ସେହି ସମୟ ପ୍ରାୟଃ ଥିଲା ଯେ ଏହି ଆରାଧନାଳୟଟି ନିର୍ମାଣ ହୋଇଥିଲା। ଯେପର୍ଯ୍ୟନ୍ତକି, ଏହା ସେଠାରେ ପଛରେ ଭାଇ ଗ୍ରାହାମ୍, କିମ୍ବା ଅନ୍ୟ କେହି ଜଣେ ଥାଆନ୍ତି। ମୁଁ ଜାଣେ ନାହିଁ, ଯେ ଭାଇମାନେ, ଆପଣ ଏଠାରେ ପ୍ରଥମେ ଥିଲେ, କି ନାହିଁ। ଭାଇ ମେହୋନି, ମୁଁ ଭାବୁଛି, ଥିଲେ। ହଁ। ଠିକ ମୋ ବିବାହ ପୂର୍ବରୁ।

323 ସେହି ବରଦାନଟି କାର୍ଯ୍ୟକାରୀ ହେଉଥିବାର, ମୁଁ ଭୀତ ହୋଇଥିଲି। ସେମାନେ ମୋତେ କହିଥିଲେ ଯେ ଏହା ଶୟତାନର ଅଟେ। ମୁଁ ଜାଣି ନ ଥିଲି ଯେପର୍ଯ୍ୟନ୍ତକି ପ୍ରଭୁଙ୍କ ଦୂତ ମୋତେ ତାହା ନ କହିଲେ।

324 ମୁଁ ମିଶାୱାକାକୁ ଗଲି, ଏବଂ ମୁଁ ସେହି ସଭାରେ ବସିଥିଲି, ଏବଂ ମୁଁ କଦାପି ଏତେ ପାଟିତୁଣ୍ଡ କରିବା ଓ କାନ୍ଦିବା ଏବଂ ପରମେଶ୍ୱରଙ୍କୁ ପ୍ରଶଂସା କରିବାର ଶୁଣି ନ ଥିଲି। ମୁଁ ଭାବିଲି, "ଭାଇ, ଏହା ତ ସ୍ୱର୍ଗ ଅଟେ।" ଏବଂ, ଓଃ, ସେମାନେ କିପରି ତଳ-ଓ-ଉପରକୁ ଯାଉଥିଲେ।

325 ବର୍ଣ୍ଣ ପୃଥକତା ହେତୁ, ସେମାନଙ୍କର ତାହା ଉତ୍ତର ପ୍ରାନ୍ତରେ ହେଉଥିଲା। ଅଶ୍ୱେତ ଏବଂ ଶ୍ୱେତ ଏକତ୍ର ଥିଲେ। ପି.ଏ. ଅଫ୍ ଡବ୍ଲୁ. ଏବଂ ପି.ଏ. ଅଫ୍ ଜେ.ସି. ପ୍ରକୃତରେ ମିଶିଥିଲେ ଏବଂ ସେହି ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍ ହୋଇଥିଲେ। ମାତ୍ର ସେମାନଙ୍କର କି ଏକ ଉଦ୍ଦୀପନା ରହିଥିଲା, ସେଠାରେ ମିଶାୱାକା ଠାରେ ଭାଇ ରୋୱଙ୍କ ଆରାଧନାଳୟରେ। ଏବଂ ମୁଁ, ଜଣେ ସାନ ଆଗ୍ରହୀ ବ୍ୟକ୍ତି ଭାବରେ, ପଛ ଆସନରେ ବସି, ଏହିସବୁ ବିଷୟ ଦେଖୁଥିଲି। ମୁଁ ଏହା ପୂର୍ବରୁ କେବେବି ସେହି ବିଷୟ ଦେଖି ନ ଥିଲି।

326 ଏଠାରେ ଜଣେ ବ୍ୟକ୍ତି ବସିଥିଲେ...ମୁଁ ଏହାକୁ ଆଗରୁ କେବେବି ସର୍ବସାଧାରଣରେ କହି ନାହିଁ। ସେଠାରେ ଗୋଟିଏ ପାର୍ଶ୍ୱରେ ଜଣେ ବ୍ୟକ୍ତି ବସିଥିଲେ, ଏବଂ ଅନ୍ୟ ପଟେ ଜଣେ ବ୍ୟକ୍ତି ବସିଥିଲେ, ଏବଂ ଜଣେ ପରଭାଷାରେ କଥା କହୁଥିଲେ, ଏବଂ ଅନ୍ୟ ଜଣେ ଏହାକୁ ବ୍ୟାଖ୍ୟା କରୁଥିଲେ। ଏବଂ ସେମାନେ କହୁଥିଲେ ଯେ ବିଭିନ୍ନ ଜିନିଷମାନ ଘଟିବାକୁ ଯାଉଅଛି। ତାହାପରେ, ଏହି ଜଣକ ପରଭାଷାରେ କଥା କହୁଥିଲେ, ଏବଂ ସେହି ଜଣକ ବ୍ୟାଖ୍ୟା କରୁଥିଲେ। ମୁଁ ଭାବିଲି, "ମୋର ପ୍ରଭୁ, କଅଣ ତାହା ଅଦ୍ଭୁତ ନୁହେଁ କି!" ମୁଁ ଭାବିଲି, "କେତେ ମହିମାମୟ! ସେମାନେ ନିଶ୍ଚିତରେ ସ୍ୱର୍ଗଦୂତ ହୋଇଥିବେ, ପୁରୁଷମାନଙ୍କ ରୂପରେ ଓହ୍ଲାଇ ଆସିଛନ୍ତି।"

327 ତେବେ, ମୋ ପାଖରେ ଘରକୁ ଫେରିବା ପାଇଁ, କେବଳ ଏକ ଡଲାର ଓ ପଞ୍ଚ-ସ୍ତୁରୀ ପଇସା ଥିଲା, ଏବଂ ମୁଁ—ମୁଁ—ମୁଁ କେବଳ ଗୋଟିଏ ଟାଙ୍କି ଗ୍ୟାସ କିଣି ପାରିଥାଆନ୍ତି । ମୁଁ ସେଦିନ ରାତିରେ ଏକ ଶସ୍ୟ କ୍ଷେତରେ ଶୋଇଲି । ମୁଁ ଏହାର ଗୋଟିଏ ଅଂଶ ଏକ ପୁସ୍ତକରେ ଲେଖିଛି, ମାତ୍ର ଏହାର ସବୁ କିଛି ନୁହେଁ, କାରଣ ମୁଁ ସେମାନଙ୍କର ଭାବନାକୁ ଆଘାତ କରିବାକୁ ଚାହୁଁ ନ ଥିଲି । ଏବଂ ତେଣୁକରି, ସେହି ରାତିରେ, ସେମାନେ କହିଲେ, "ସମସ୍ତ ପ୍ରଚାରକଗଣ ପ୍ରଚାର ମଞ୍ଚକୁ ଆସନ୍ତୁ ।" ମୁଁ ପ୍ରଚାର ମଞ୍ଚରେ ଥିଲି । ମୁଁ ସେତେବେଳେ ସେଠାରେ ସବୁଠୁ କନିଷ୍ଠତମ ପ୍ରଚାରକ ଥିଲି ।

328 ତେଣୁ, ପରଦିନ ସକାଳେ, ସେମାନେ ମୋତେ ପ୍ରଚାର କରିବା ପାଇଁ ଆସିବାକୁ କହିଲେ । ମୁଁ ଲୁଚିଲି । ଆପଣ ଜାଣନ୍ତି, ସେହି ଅଶ୍ୱେତ ବ୍ୟକ୍ତି କହିଲେ, "ସେ ଏଠାରେ ଅଛନ୍ତି ।" ଆପଣଙ୍କୁ ଏହାର କାହାଣୀ ମନେ ଥିବ, ଯେତେବେଳେ ସେ ମୋତେ ସେଠାରେ ବସିଥିବା ଅବସ୍ଥାରେ ଉନ୍ମୋଚିତ କରିଥିଲେ ।

329 ଏବଂ ତେଣୁ ସେଦିନ ପ୍ରଚାର କରିବା ପରେ, ଆଖପାଖରେ ବୁଲୁଥିବା ବେଳେ, ମୁଁ ଭାବିଲି "ଯଦି ମୁଁ କେବଳ ସେହି ଦୁଇଜଣ ବ୍ୟକ୍ତିଙ୍କ ନିକଟକୁ ଯାଇପାରିବି ।" ସେମାନେ ସଭାର ନେତୃତ୍ୱ କରୁଥିଲେ । ଜଣେ ଉଠୁଥିଲେ ଏବଂ ମୁହଁରେ ଧଳା ହୋଇ ଯାଉଥିଲେ; ସେ ପରଭାଷାରେ କଥା କହୁଥିଲେ । ଏବଂ ଅନ୍ୟଜଣକ ଏହାକୁ ବ୍ୟାଖ୍ୟା ରୁଥିଲେ, ଏବଂ ଶବ୍ଦଗୁଡିକୁ ଦେଉଥିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**, 'ଏଠାରେ ଜଣେ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ବ୍ୟକ୍ତି ଅଛନ୍ତି, *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ନାମରେ, ଯିଏକି *ଏହା* କରିବା ଉଚିତ ଏବଂ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ବିଷୟ କରିବା ଉଚିତ ।" ଭାଇ, ଏହା ସତ୍ୟ ଥିଲା । ଏବଂ ଅନ୍ୟଜଣକ ଉଠୁଥିଲେ ଏବଂ ପରଭାଷାରେ କଥା କହୁଥିଲେ, ଏବଂ ସେ ବ୍ୟାଖ୍ୟା କରୁଥିଲେ ।

330 ମୁଁ ଭାବିଲି, "ଓଃ, ମୋର ପ୍ରଭୁ, ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି!" ତେଣୁ, ସେଦିନ, ମୁଁ ଭାବିଲି, ମୁଁ ପଦାକୁ ଗଲି ଓ ପ୍ରାର୍ଥନା କଲି । ମୁଁ ଭାବିଲି, "ପ୍ରଭୁ, ତୁମେ ପୁନର୍ବାର ମୋ ପାଇଁ ତାହା କର ।" ମୁଁ ଜାଣି ନ ଥିଲି ଯେ ଏହାକୁ କଅଣ କହିବି, ଦର୍ଶନମାନ ।

331 ମୁଁ ବାହାରକୁ ଗଲି ଏବଂ ପ୍ରାର୍ଥନା କଲି, ଏବଂ ପ୍ରଭୁଙ୍କୁ ମୋତେ ସାହାଯ୍ୟ କରିବା ପାଇଁ କହିଲି । ମୁଁ ସେହି ଭବନର ଚାରିଆଡ଼େ ଗଲି, ଏବଂ ମୁଁ ସେମାନଙ୍କ ମଧ୍ୟରୁ ଜଣକାକୁ ଭେଟିଲି । ତେବେ, ପ୍ରଭୁ ମୋତେ ଜିନିଷଗୁଡିକୁ ଜାଣିବାର ଏକ ଉପାୟ ଦେଇଥିଲେ । ମୁଁ ତାଙ୍କ ସହିତ ହାତ ମିଶାଇଲି । ମୁଁ କହିଲି, "ଆପଣ କେମିତି ଅଛନ୍ତି?"

ସେ କହିଲେ, "ଆପଣ କେମିତି ଅଛନ୍ତି? ଆପଣଙ୍କର ନାମ କଅଣ?"

ଏବଂ ମୁଁ କହିଲି, "ବ୍ରାନହାମ୍ ।"

"ଓଃ," ସେ କହିଲେ, "ଆପଣ ସେହି ଯୁବା ବ୍ୟକ୍ତି ଅଟନ୍ତି ଯିଏକି ଆଜି ସକାଳେ ପ୍ରଚାର କରିଥିଲେ ।"

ମୁଁ କହିଲି, "ହଁ, ଆଜ୍ଞା ।"

332 ଯେତେବେଳେ ମୁଁ ତାଙ୍କ ସହିତ କଥା ହେଉଥିଲି, ମୁଁ ତାଙ୍କ ଆତ୍ମାକୁ ଧରିଲି । ଏବଂ ସେ ଜଣେ ପ୍ରକୃତ ଖ୍ରୀଷ୍ଟିଆନ ଥିଲେ, କେବଳ ଜଣେ ବିଶୁଦ୍ଧ ଖ୍ରୀଷ୍ଟିଆନ, ଭାଇ । ମୋର କହିବାର ଅର୍ଥ, ସେ ଜଣେ ବିଶ୍ୱାସୀ ଥିଲେ । ମୁଁ ଭାବିଲି, "ଓଃ, ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି!"

333 ଏବଂ ସେହି ସମୟଠାରୁ ପ୍ରାୟଃ ଏକ ଘଣ୍ଟା ଭିତରେ, ସେଠାରେ ଏକ ବଡ କାର ପାଖରେ, ଯାହାକି ଏକ ବଡ କାର ଆଡ଼କୁ ଦେଖା ଯାଉଥିଲା, ଯେଉଁଥିରେକି ଏହାର ପଛ ଭାଗରେ "ଜୀସସ୍ ଓନ୍‌ଲି" ଲେଖା ହୋଇଥିଲା, ଏବଂ ସେଠାରେ ବାହାରେ ସେହି ଅନ୍ୟ ବ୍ୟକ୍ତି ଜଣକ ଛିଡା ହୋଇଥିଲେ । ଏବଂ ମୁଁ ବାହାରକୁ ଗଲି ଏବଂ କହିଲି, "ମହାଶୟ, ଆପଣ କିପରି ଅଛନ୍ତି?"

334 ସେ କହିଲେ, "ଆପଣ କିପରି ଅଛନ୍ତି?" କହିଲେ, "ଆପଣ ଭାଇ ବ୍ରାନହାମ୍ ଅଟନ୍ତି, ଯିଏକି ଆଜି ସକାଳେ କହିଥିଲେ ।"

335 ମୁଁ କହିଲି, "ହଁ, ଆଜ୍ଞା । ମୁଁ ଅଟେ ।" ମୁଁ କହିଲି, "ଏପରି, ମୁଁ ଆପଣ ଦୁଇ ଭାଇଙ୍କ ମଧ୍ୟରେ କାର୍ଯ୍ୟ କରୁଥିବା ପରମେଶ୍ୱରଙ୍କ ସେହି ମହାନ ବରଦାନକୁ ଉପଭୋଗ କଲି ।"

336 ସେ କହିଲେ, "ଧନ୍ୟବାଦ, ଶ୍ରୀମାନ ବ୍ରାନହାମ୍ ।" ଏବଂ ମୁଁ ତାଙ୍କ ଆତ୍ମାକୁ ଅନୁଭବ କରିବାକୁ ଲାଗିଲି । ଏକ ଦର୍ଶନ ଆସିଲା । ଏବଂ ଯଦି ମୁଁ କେବେ ଏକ କପଟୀ ସହିତ କଥା ହୋଇଥିଲି, ତେବେ ସେଠାରେ ସେମାନଙ୍କ ମଧ୍ୟରୁ ଜଣେ ଥିଲା । ତାଙ୍କ ପତ୍ନୀ ଜଣେ କଳା କେଶ-ବିଶିଷ୍ଟ ମହିଳା ଥିଲେ । ସେ ଜଣେ ସୁବର୍ଣ୍ଣ କେଶ-ବିଶିଷ୍ଟ ମହିଳାଙ୍କ ସହ ରହୁଥିଲେ, ତାଙ୍କଠାରୁ ଦୁଇଟି ସନ୍ତାନ ଥିଲେ । ସେ ଜଗତର କୌଣସି ବିଷୟ ଅପେକ୍ଷା କିଛି ଅଧିକ କିଛି ଜଣେ ଖ୍ରୀଷ୍ଟିଆନ ନ ଥିଲେ ।

337 ତାହାପରେ ମୁଁ କହିଲି, "ମୁଁ କେଉଁ ଭିତରକୁ ଆସି ଯାଇଛି? ମୁଁ ଭାବୁଥିଲି ଯେ ମୁଁ ସ୍ୱର୍ଗଦୂତମାନଙ୍କ ମଧ୍ୟରେ ଅଛି, ଏବଂ ବର୍ତ୍ତମାନ ମୁଁ ଭୂତମାନଙ୍କ ମଧ୍ୟରେ ଅଛି । କିଛି ଗୋଟାଏ ଘଟିଅଛି । ଏଠାରେ ଜଣେ ଥିଲେ, ଜଣେ ପ୍ରକୃତ ଖ୍ରୀଷ୍ଟିଆନ; ଏବଂ ସେହି ସମାନ ଆତ୍ମା ଏହି ବ୍ୟକ୍ତିଙ୍କ ଉପରେ ପତିତ ହୋଇଥିଲା, ଏହି ବ୍ୟକ୍ତିଙ୍କ ଉପରେ ପତିତ ହୋଇଥିଲା ।" ମୁଁ କହିଲି, "ବର୍ତ୍ତମାନ ମୁଁ ସମସ୍ତ ଦ୍ୱନ୍ଦ୍ୱରେ ପଡିଯାଇଛି ।" ମୁଁ କଅଣ କରିବି ଜାଣି ନ ଥିଲି । ମୁଁ ପ୍ରଭୁଙ୍କ ନିକଟରେ, କ୍ରନ୍ଦନ କଲି ଓ ଭିକ୍ଷା କଲି । ମୁଁ ଜାଣି ନ ଥିଲି ଯେ କେଉଁ ବିଷୟକୁ ଗ୍ରହଣ କରିବି ।

338 ସେମାନେ ପ୍ରାୟଃ ମୋତେ ବାଧ୍ୟ କରି ଦେଇଥିଲେ...ମୋତେ ପଚାରିଥିଲେ ଯଦି ମୁଁ ପବିତ୍ରଆତ୍ମାଙ୍କୁ ପାଇଅଛି କି, ଏହି ବ୍ୟକ୍ତି କରିଥିଲେ, ଏବଂ ମୁଁ କହିଲି, "ନା, ମହାଶୟ, ସେହି ଉପାୟରେ ନୁହେଁ ଯେପରି ଆପଣ ଏହାକୁ ପାଇଅଛନ୍ତି ।"

କହିଲେ, "କଅଣ ଆପଣ କେବେ ପରଭାଷାରେ କଥା କହିଛନ୍ତି କି?"

ମୁଁ କହିଲି, "ନା, ଆଜ୍ଞା ।"

କହିଲେ, "ତାହାହେଲେ ଆପଣ ଏହା ପାଇ ନାହାଁନ୍ତି ।"

339 ତେଣୁ ମୁଁ କହିଲି, "ଆପଣ ବୋଧହୁଏ ଠିକ୍ ଅଟନ୍ତି, ମୋ ଭାଇ । ବୋଧହୁଏ ମୁଁ ପାଇ ନାହିଁ, କାରଣ ମୋ ପାଖରେ ତାହା ନାହିଁ ଯାହା ଆପଣଙ୍କ ପାଖରେ ଅଛି ।" ଏବଂ କିଛି ସମୟ ପରେ, ମୁଁ ଖୁସି ଥିଲି ଯେ ମୁଁ ତାହା ପାଇ ନ ଥିଲି ।

340 ତେଣୁକରି ତେବେ ମୁଁ ତାହାକୁ ଅନାଇ ଦେଖିଲି, ଏବଂ ମୁଁ ସେହି ପଥକୁ ଦେଖିଲି ଯେଉଁଆଡ଼େ ତାହା ଗତି କରୁଥିଲା ।

341 ତେଣୁକରି, ଦିନେ, ବହୁ ସମୟ ପୂର୍ବରୁ, ମୁଁ ଏଠାରେ ବାହାରେ ପ୍ରାର୍ଥନା କରୁଥିଲି । ମୁଁ ଆପଣଙ୍କୁ କହିବି କାହିଁକି, ମୁଁ କାହା ପାଇଁ ପ୍ରାର୍ଥନା କରୁଥିଲି, ତାହା ରୟ ଡେଭିସ୍ ଥିଲେ । ଏବଂ ମୁଁ ଏଠାରେ ବାହାରେ ପ୍ରାର୍ଥନା କରୁଥିଲି, କାରଣ ସେ ମୋତେ "ଏକ ପୁତ୍ତଳିକା" ବୋଲି ଡାକିଥିଲେ, ଏବଂ ମୁଁ ପରମେଶ୍ୱରଙ୍କଠାରେ ତାଙ୍କୁ ଏହା ପାଇଁ କ୍ଷମା କରି ଦିଅନ୍ତୁ ବୋଲି ପ୍ରାର୍ଥନା କରୁଥିଲି । ଏବଂ ତାଙ୍କର ସେଠାରେ ଏକ ଛାପାଖାନା ରହିଥିଲା, ଏକ ଲେଖନୀ ଲେଖିଥିଲେ । ଏବଂ ଅଳ୍ପ କେତେ ରାତି ପରେ, ଯେତେବେଳେ ସେମାନେ ସେହି ଛାପାଖାନାକୁ ଚଳାଉଥିଲେ, ସେହି ଛାପାଖାନାରେ ନିଆଁ ଲାଗିଗଲା ଏବଂ ଜଳିଗଲା ।

342 ଏବଂ ତେବେ ମୁଁ ସେଠାରେ ଗ୍ରୀନ୍ ମିଲ୍ ପଛରେ ଥିବା ଏକ ପୁରୁଣା ଗୁମ୍ଫାରେ ଛିଡ଼ା ହୋଇଥିଲି । ମୁଁ ସେଠାକୁ ଚାଲିକରି ଗଲି । ଏବଂ ଦୁଇ ଦିନ ପର୍ଯ୍ୟନ୍ତ, ସେଠାରେ ପଛରେ, ମୁଁ ପ୍ରାର୍ଥନା କରି ରହିଲି । ମୁଁ ମୋର ବାଇବଲକୁ ଏକ ପୁରୁଣା କାଠଗଣ୍ଡି ଉପରେ ଥୋଇଦେଲି, ଯାହା ଅଳ୍ପ କିଛି ଦିନ ପୂର୍ବରୁ, ମୁଁ ଭାଇ ଉଡଙ୍କୁ ଦେଖାଇଥିଲି, ଯେଉଁଠାରେ, ମୋର ବାଇବଲକୁ ତଳେ ରଖିଥିଲି । ମୁଁ କାଠଗଣ୍ଡି ଉପରେ ବସି ପଡ଼ିଲି । ଏବଂ ପବନ ବହିଲା । ମୁଁ ଭାବିଲି, "ଏତେ ଦିନ ହେଲା, ସେହି ଗୁମ୍ଫାରେ ଅଛି, ମୁଁ ଅଳ୍ପ ଟିକିଏ ପାଠ କରିବି ।" ତେଣୁ ମୁଁ ବାଇବଲକୁ ଧରି ପାଠ କରିବାକୁ ଲାଗିଲି, ଏବଂ ତାହା ଏହି ପର୍ବ ଥିଲା ଯାହକି ତାହା ଥିଲା । ତେବେ, ମୁଁ ପଢ଼ିବାକୁ ଆରମ୍ଭ କଲି, ଏବଂ ତାହାପରେ ମୁଁ ଆଶ୍ଚର୍ଯ୍ୟ କରିବାକୁ ଲାଗିଲି । ବୁଝିଲେ?

> *କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି,…ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି,*
>
> *…ପରମେଶ୍ୱରଙ୍କ ଉତ୍ତମ ବାକ୍ୟର, ଏବଂ…ଭାବୀ ଯୁଗର ଶକ୍ତି ଆସ୍ୱାଦନ କରିଅଛନ୍ତି,*
>
> *ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି,…ତାହାହେଲେ ମନଃପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ; ଯେଣୁ ସେମାନେ ଆପଣା ଆପଣାର ବିନାଶ ନିମନ୍ତେ ପରମେଶ୍ୱରଙ୍କ ପୁତ୍ରଙ୍କୁ, ପୁଣି କ୍ରୁଶାରୋପଣ କରି ପ୍ରକାଶରେ ତାହାଙ୍କୁ ନିନ୍ଦାର ପାତ୍ର କରନ୍ତି ।*

343 ମୁଁ ଭାବିଲି, "ସେଠାରେ ସେହି ଶାସ୍ତ୍ର ଅଛି ।" କିନ୍ତୁ କିଛି ଗୋଟାଏ ବିଷୟ ମୋ ସହିତ ଲାଗି ରହିଥିଲା । ତାହାପରେ ମୁଁ ଚିନ୍ତା କରିବାକୁ ଲାଗିଲି, "ଆରମ୍ଭରେ, ଏଠାରେ ହିଁ ଅଟେ

ଯେଉଁଠାରେକି ସେ ଏଠାରେ କଥାବାର୍ତ୍ତା କରିଥିଲେ। 'ଆରମ୍ଭର, ମନଃପରିବର୍ତ୍ତନର ମୃତ ଭିତ୍ତିମୂଳ ନ ବସାଇ। ମନଃପରିବର୍ତ୍ତନର ଭିତ୍ତିମୂଳ ନ ବସାଇ,' ଏବଂ ଏଠାରେ ସେ କୁହେ, 'ମନଃପରିବର୍ତ୍ତନ ନିମନ୍ତେ ପୁନର୍ବାର ନୂତନ କରାଇବା। ମାତ୍ର ଆସନ୍ତୁ ଏହି ଜିନିଷଗୁଡ଼ିକୁ ପଛରେ ପକାଇ, ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ।'" ତାହାପରେ ମୁଁ ପାଠ କରିବାକୁ ଆରମ୍ଭ କଲି। ତାହାପରେ ମୁଁ ପରବର୍ତ୍ତୀ ପଦଟି ପାଠ କଲି।

*କାରଣ ଯେଉଁ ଭୂମି ଆପଣା ଉପରେ ବାରମ୍ବାର ପତିତ ବୃଷ୍ଟିଜଳ ପାନ କରେ, ଆଉ ଯେଉଁମାନଙ୍କ ନିମନ୍ତେ ତାହା ଚାଷ କରାଯାଏ ସେମାନଙ୍କର ଉପଯୋଗୀ ଶାକାଦି ଉତ୍ପନ୍ନ କରେ, ତାହା ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହୁଏ:*

*କିନ୍ତୁ ତାହା ଯଦି କଣ୍ଟା ଓ ଅଗରାଗଛ ଉତ୍ପନ୍ନ କରେ, ତେବେ ତାହା ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ; ପୁଣି ତାହାର ଚରମ ଦଶା ଅଗ୍ନି ଦାହ।*

344 ଏବଂ ଯେତେବେଳେ ମୁଁ ତାହା ପାଠ କଲି, କିଛି ଗୋଟାଏ ବିଷୟ ମୋତେ ହଲାଇ ପକାଇଲା। ଏବଂ ମୁଁ ଭାବିଲି, "ପ୍ରଭୁ, ତାହା ରୟ ଡେଭିସ୍‌ଙ୍କ ସହିତ ସମ୍ବନ୍ଧିତ ନୁହେଁ। ତୁମେ ତାହା କାହିଁକି କରିବ?"

345 ମୁଁ ଆରମ୍ଭ କଲି, ଅନ୍ୟ ଏକ ପୃଷ୍ଠା ଓଲଟାଇଲି। ମୋତେ ପୁନର୍ବାର, ଏହା ନିକଟକୁ ଫେରିବାକୁ ପଡିଲା, "ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଥିଲେ ସେମାନଙ୍କ ପାଇଁ ଏହା ଅସାଧ୍ୟ," ପୁନର୍ବାର ଏହା ଦେଇ ଗଲି।

346 ତାହାପରେ ମୁଁ ଭାବିଲି, "ପ୍ରଭୁ, ଏହା କଅଣ ଅଟେ? ହେ ପ୍ରଭୁ, ତୁମର କହିବାର ଅଭିପ୍ରାୟ କଅଣ?"

347 ଆଉ ମୁଁ ବୁଲି ପଡିଲି ଏବଂ ଏହା ଉପରେ ପ୍ରାର୍ଥନା କରିବା ପାଇଁ, ମୋ ଗୁମ୍ଫାକୁ ଫେରିଗଲି। ଏବଂ ଯେତେବେଳେ ମୁଁ କଲି, ମୁଁ ଦେଖିଲି ଯେ ସଂସାରଟି ଘୁରୁଅଛି। ଏବଂ ସମଗ୍ର ବିଶ୍ୱଟି, ଏହା ସମସ୍ତ ପ୍ରକାରେ, ଉତ୍ତମ ଭାବେ ହଳ ହୋଇଥିଲା। ଏବଂ ମୁଁ ଧଳା ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଦେଖିଲି, ଯିଏକି ଚାରିଆଡ଼େ ଯାଉଥିଲେ, ତାଙ୍କ ହାତରେ ସେ ଏକ ମୁଣା ଧରିଥିଲେ। ସେ ଚାରିଆଡ଼େ ଯାଉଥିବାବେଳେ ମଞ୍ଜି ବୁଣୁଥିଲେ। ସେ ପୃଥିବୀର ବକ୍ରତା ଦେଇ ଗମନ କରିଥିଲେ। ଏବଂ ଯେତେବେଳେ ସେ ଠିକ ଚାରିଆଡ଼େ ବୁଲି ସାରିଲେ, ଏଠାରେ ଜଣେ ବ୍ୟକ୍ତି ପ୍ରକୃତ କଳା ପୋଷାକରେ ଆସିଲା, ଅତି ଚତୁର-ଦିଶୁଥିବା ବ୍ୟକ୍ତି, ଏହିପରି ଭାବରେ ଲୁକି ଛପି ଚାଲି ଆସିଲା, ଅନାଉଥିଲା। ଏବଂ ତାହା ପାଖରେ ଏକ ବିହନ ରହିଥିଲା। ଏବଂ ଯେତେବେଳେ ସେ ପୃଥିବୀ ଚାରିଆଡ଼େ ଯାଉଥିଲା, ସେତେବେଳେ ସେ ଏହାର ପଛରେ କିଛି ଗୋଟାଏ ଫୋପାଡୁଥିଲା; ସମସ୍ତଙ୍କୁ ଦେଖୁଥିଲା ଏବଂ ଫିଙ୍ଗୁଥିଲା। ମୁଁ ଛିଡା ହୋଇ ସେହି ଦର୍ଶନ ଦେଖୁଥିଲି।

348 ସେ ଚାଲିଯିବା ପରେ, ପୃଥିବୀଟି ଘୁରିଗଲା, ଏବଂ ସେଠାରେ ଏକ ବହୁତ, ବଡ଼ ଫସଲ ଥିଲା, ଏବଂ ଏହା ଗହମର ଥିଲା। ଏବଂ ସେଠାରେ ଗହମ ସହିତରେ ବାଳୁଙ୍ଗା ଗଛ, କଣ୍ଟକ

ଏବଂ ଜିନିଷମାନ ଥିଲା ।

349 ସେଠାରେ ଏକ ମରୁଡ଼ି ଆସେ । ଏବଂ, ଓଃ, ସେହି ଛୋଟ ଗହମଟି କିପରି ତାର ଛୋଟ ମୁଣ୍ଡଟିକୁ ଟେକି ରଖିଥିଲା, ଏବଂ ପାଣି ପାଇଁ ତୃଷିତ ହେଉଥିଲା । ସେହି ସାନ ବାଳୁଙ୍ଗାଟି ତାର ମୁଣ୍ଡକୁ ଟେକି ରଖିଥିଲା, ଏବଂ ଏହା ପାଣି ପାଇଁ ତୃଷାର୍ତ୍ତ ଥିଲା । ସମସ୍ତେ ବର୍ଷା ପାଇଁ ପ୍ରାର୍ଥନା କରୁଥିଲେ । ଏବଂ କିଛି ସମୟ ପରେ, ଏକ ବଡ଼ ମେଘ ଆସିଲା ଓ ସମଗ୍ର ପୃଥିବୀକୁ ଜଳ ସେଚିତ କଲା । ଏବଂ ସେହି ସାନ ବାଳୁଙ୍ଗାଟି ଡିଆଁ ମାରିଲା, ପାଟି କରିବାକୁ ଲାଗିଲା, "ପରମେଶ୍ୱରଙ୍କର ମହିମା ହେଉ! ହାଲ୍ଲେଲୁୟା! ପରମେଶ୍ୱରଙ୍କର ପ୍ରଶଂସା ହେଉ!"

350 ଏବଂ ସେହି ସାନ ଗହମଟି, ଏହା ଉପରକୁ ଡିଆଁ ମାରିଲା, ଚିତ୍କାର କରିବାକୁ ଲାଗିଲା, "ପରମେଶ୍ୱରଙ୍କର ମହିମା ହେଉ! ପରମେଶ୍ୱରଙ୍କର ପ୍ରଶଂସା ହେଉ!"

351 ଏବଂ ତାହାପରେ ସେହି ଶାସ୍ତ୍ରାଂଶ ମୋ ପାଖକୁ ଆସିଲା, ଯାହାକି ମାଥିଉ ପୁସ୍ତକ, ତାର 5ମ ପର୍ବ ଏବଂ 45ତମ ପଦରେ ମିଳିଥାଏ । ଏବଂ ମାଥିଉ 5:45 ରେ, ଯୀଶୁ କଅଣ କହିଥିଲେ ତାହା ଶୁଣନ୍ତୁ । ଏବଂ ବର୍ତ୍ତମାନ ଯେତେବେଳେ ଆମେମାନେ ପାଠ କରୁଅଛୁ ତାହା ଧ୍ୟାନ ଦେଇ ଶୁଣନ୍ତୁ । ମାଥିଉ, ତାର 5ମ ପର୍ବ ଏବଂ 45ତମ, 46ତେମ ପଦ; 44ତମ ରୁ, ଆରମ୍ଭ କରି ।

> *କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ଅଭିଶାପ ଦିଅନ୍ତି, ସେମାନଙ୍କୁ ଆଶୀର୍ବାଦ କର, ଏବଂ ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି ସେମାନଙ୍କ ପ୍ରତି ମଙ୍ଗଳ କର, ଏବଂ ଯେଉଁମାନେ ତୁମ୍ଭମାନଙ୍କୁ କପଟତାର ସହ ବ୍ୟବହାର କରନ୍ତି ଓ ତାଡନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର;*
>
> *ଯେପରି ତୁମ୍ଭେମାନେ ହେବ...କୁହାଯିବ...ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ: ସେ ତ...ଦୁଷ୍ଟ ଓ...ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରନ୍ତି, ପୁଣି ଧାର୍ମିକ ଓ...ଅଧାର୍ମିକମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି ।*

352 ତେଣୁକରି, ଆପଣ ଦେଖନ୍ତୁ, ସେହି ସମାନ ବର୍ଷା ଯାହା ଗହମକୁ ବୃଦ୍ଧି କରାଇଥାଏ, ତାହା ଏକ ବାଳୁଙ୍ଗାକୁ ମଧ୍ୟ ବୃଦ୍ଧି କରାଏ । ଏବଂ, ତାହାପରେ, ମୁଁ ସେହି ଚିତ୍ରଟିକୁ ପାଇଲି । ସେଠାରେ ଆପଣଙ୍କର ଶାରୀରିକ ସ୍ୱୀକାରୋକ୍ତକାରୀ ଅଛନ୍ତି, ଯାହାକି ଠିକ ମଣ୍ଡଳୀରେ ଅଛନ୍ତି । ମାତ୍ର ତାଙ୍କର ଫଳ...ସେ ଚିତ୍କାର କରିପାରନ୍ତି, ଡେଇଁପାରନ୍ତି, ନାଚିପାରନ୍ତି, ପରଭାଷାରେ କଥା କହିପାରନ୍ତି; ମାତ୍ର ତାଙ୍କର ଫଳଗୁଡିକ: ସେ ଏକ ବାଳୁଙ୍ଗା ଅଟେ । ଏବଂ ସେଠାରେ ଅନ୍ୟଟି ଅଛି, ଯାହା ପାଖରେ ସେହି ସମାନ ଆତ୍ମା ଅଛି । ପବିତ୍ରଆତ୍ମା ଏକ ଗୋଷ୍ଠୀ ମଧ୍ୟରେ ଠିକ୍ ଓହ୍ଲାଇ ଆସିପାରନ୍ତି, ଏବଂ ପବିତ୍ରଆତ୍ମାଙ୍କ ଦ୍ୱାରା, ଜଣେ କପଟୀ ଚିତ୍କାର କରିପାରେ, ଠିକ ସେହି ସମାନ ଭାବରେ ଯେତିକି ଜଣେ ବାଳୁଙ୍ଗା ସେହି ବୃଷ୍ଟି ଦ୍ୱାରା ଜୀବିତ ରହିପାରେ ଯାହା ପଠାଯାଇଥିଲା । ତାହାହିଁ ଅଟେ ଯାହାକି ପାଉଲ ଏଠାରେ କହୁଅଛନ୍ତି । ମାତ୍ର ଗୋଟିଏ ବାଳୁଙ୍ଗା ନିମନ୍ତେ ଏକ ଗହମ ହେବା, କିମ୍ବା ଏକ ଗହମ ନିମନ୍ତେ ଗୋଟିଏ

ବାଳୁଙ୍ଗା ହେବା ଏହା ଅସାଧ୍ୟ ଅଟେ । କଅଣ ଆପଣ ଏହା ବୁଝିଲେ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

*କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ* ହୋଇଅଛନ୍ତି, *ଏବଂ,... ପବିତ୍ରଆତ୍ମାଙ୍କର* ସହଭାଗୀ ହୋଇଅଛନ୍ତି,

ଏବଂ... *ଏବଂ ପରମେଶ୍ୱରଙ୍କ ଉତ୍ତମ ବାକ୍ୟର, ଏବଂ* ଭାବୀ ଯୁଗର ଶକ୍ତି *ଆସ୍ୱାଦନ କରିଅଛନ୍ତି,*

*...ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ* ସେମାନଙ୍କୁ *ପୁନର୍ବାର ନୂତନ କରାଇବା ଅସାଧ୍ୟ...*

ଶୁଣନ୍ତୁ ଯାହା ସେ କହୁଛନ୍ତି ।

...କାରଣ *ଯେଉଁ* ଭୂମି *ଆପଣା ଉପରେ ବାରମ୍ବାର...ପତିତ ବୃଷ୍ଟିଜଳ* ପାନ କରେ, ଯେପରିକି ଜଳସେଚନ କରାଯାଏ ଏବଂ ଏହାକୁ ଏଠାରେ ଚାଷ କରାଯାଏ, ଏବଂ ପ୍ରସ୍ତୁତ କରାଯାଏ;

କିନ୍ତୁ... *ତାହା ଯଦି କଣ୍ଟା ଓ* ଅଗରାଗଛ *ଉତ୍ପନ୍ନ* କରେ ତାହା ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ;...

ଅତଏବ, *ଆସ ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ* ପ୍ରାଥମିକ ଶିକ୍ଷା *ପରିତ୍ୟାଗ କରି, ସିଦ୍ଧିଲାଭ କରିବା...*ନିମନ୍ତେ *ଅଗ୍ରସର ହେଉ; ମୃତକର୍ମ*ରୁ *ମନଃପରିବର୍ତ୍ତନ,...*ପରମେଶ୍ୱରଙ୍କଠାରେ ବିଶ୍ୱାସର, ଏବଂ ପ୍ରଭୃତିର, *ଭିତ୍ତିମୂଳ ପୁନର୍ବାର ନ ବସାଇ,*

...ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା,...*ହସ୍ତାର୍ପଣ,... ଏବଂ* ବିଷୟଗୁଡ଼ିକ;...

353 ଦେଖନ୍ତୁ, ସେହି ଶାରୀରିକ ବିଶ୍ୱାସୀ, ସେହି ବିଗତ ଦିନଗୁଡ଼ିକରେ, ଠିକ ଆଜିର ପରି, ଏହା କହିବାକୁ ପସନ୍ଦ କରନ୍ତି, "ତେବେ, ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ । ମୁଁ ଅନୁତାପ କରିଅଛି । ମୁଁ—ମୁଁ ଆସିଛି, ମୁଁ ଏକ ସ୍ୱୀକାରୋକ୍ତି କରିଛି । ମୁଁ ବାପ୍ତିଜିତ ହୋଇଅଛି ।" ଦେଖନ୍ତୁ, ସେମାନେ ସେହି ଶାରୀରିକ ସଂସ୍କାର ଉପରେ ଦୋଷାରୋପ କରନ୍ତି । ଏବଂ ଏହା କଅଣ କରେ? ଏହା ବାଳୁଙ୍ଗାଗୁଡିକୁ ଉତ୍ପାଦନ କରେ ।

354 ସେହି ସିଦ୍ଧତା କଅଣ କରେ? ଏହା ହେଉଛି ସେହି ଗହମ । ସେହି ଗହମ ହେଉଛି ପରମେଶ୍ୱରଙ୍କ ବାକ୍ୟ । ସେ ଏହାକୁ ତାହାଙ୍କର ବାକ୍ୟ ଭାବରେ ବ୍ୟବହାର କରନ୍ତି । ଏହା ତାହାଙ୍କର ବୀଜ ଅଟେ । ଏହା ଉତ୍ପନ୍ନ କରିଥାଏ ।

355 ଏହା ତାହା ଉପରେ ନିର୍ଭର କରେ ଯେ ଆପଣଙ୍କ ହୃଦୟରେ କେଉଁ ବିହନ ବୁଣା ଯାଇଅଛି । ଯଦି ଆପଣ କେବଳ ମଣ୍ଡଳୀକୁ ଏଇଥି ପାଇଁ ଆସନ୍ତି କାରଣ ଆପଣ ନରକକୁ ଭୟ କରୁଛନ୍ତି, ଯଦି ଆପଣ ମଣ୍ଡଳୀରେ ଏଇଥି ପାଇଁ ଯୋଗ ଦିଅନ୍ତି କାରଣ ଆପଣ ଚାହାଁନ୍ତି

ନାହିଁ—ଆପଣ ନରକକୁ ଯିବାକୁ ଚାହାଁନ୍ତି ନାହିଁ, ତାହାହେଲେ ଆପଣ ଏବେ ସୁଦ୍ଧା ଏକ ବାଳୁଙ୍ଗା ଅଟନ୍ତି। ଯଦି ଆପଣ—ଯଦି ଆପଣ କେବଳ ଲୋକପ୍ରିୟ ହେବା ପାଇଁ ମଣ୍ଡଳୀରେ ଯୋଗ ଦିଅନ୍ତି, ତାହାହେଲେ ଆପଣ ଏବେ ସୁଦ୍ଧା ଏକ ବାଳୁଙ୍ଗା ଅଟନ୍ତି। ଯଦି ଆପଣ ଏହି ସମସ୍ତ ଆନୁଷ୍ଠାନିକ କାର୍ଯ୍ୟଗୁଡିକୁ କରନ୍ତି ଯାହାକି କରାଯିବାକୁ ଥାଏ, ଏବଂ ତାହାହିଁ ସବୁ କିଛି ଯାହା ଆପଣ ପାଇଅଛନ୍ତି, ତାହାହେଲେ ଆପଣ ଏବେ ସୁଦ୍ଧା ଏକ ବାଳୁଙ୍ଗା ଅଟନ୍ତି।

356 ମାତ୍ର ଏକ ପ୍ରକୃତ, ବାସ୍ତବ ଖ୍ରୀଷ୍ଟିଆନ ସିଦ୍ଧତା ଆଡକୁ ଅଗ୍ରସର ହୋଇଥାଏ ଯେପର୍ଯ୍ୟନ୍ତକି ଜଗତ ମରି ନ ଯାଏ ଏବଂ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ନୂତନ ସୃଷ୍ଟି ନ ହୋଇଯାଆନ୍ତି। ତେବେ, ସେହି ବ୍ୟକ୍ତିଙ୍କ ପାଇଁ କେବେ ପତିତ ହେବା ଅସାଧ୍ୟ ଅଟେ। ବାଇବଲ କଅଣ କୁହେ! ଦେଖନ୍ତୁ ଯେ ତାହା ଅବଶିଷ୍ଟ ଶାସ୍ତ୍ରାଂଶ ସହିତ କିପରି ତୁଳନା କରେ? ଦେଖନ୍ତୁ ଯେ ଏହା କିପରି ଭାବରେ ଠିକ ତାର ନିଜର ସ୍ଥାନରେ ସେଠାରେ ରହିଥାଏ?

357 ଏହା କିପରି ଭାବରେ ଏଠାରେ କହିପାରେ, "ଜଣେ ବ୍ୟକ୍ତି ଯିଏକି ଥରେ ଉଦ୍ଧାରପ୍ରାପ୍ତ ହୋଇଅଛି ସେ କଦାପି ବିନଷ୍ଟ ହୋଇପାରେ ନାହିଁ" ପୁଣି ଏଠାକୁ ଆସି ଏହା କୁହେ, "ମାତ୍ର, ଯଦି ଆପଣ ବିନଷ୍ଟ ଅଟନ୍ତି, କିମ୍ବା ଈଶ୍ୱର ନିନ୍ଦା କରନ୍ତି, ଏହା ଅସାଧ୍ୟ ଅଟେ"? ନିଶ୍ଚିତରେ, ଯଦି ଆପଣ ଜଣେ ଈଶ୍ୱର ନିନ୍ଦାକାରୀ ଅଟନ୍ତି, ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି।

358 "କୌଣସି ବ୍ୟକ୍ତି, ଯିଏକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା କଥା କୁହନ୍ତି, ଯୀଶୁଙ୍କୁ ଅଭିଶପ୍ତ ବୋଲି କହିବେ ନାହିଁ" ସାଧୁ ଯୋହନ 4...କିମ୍ବା ପ୍ରଥମ ଯୋହନ 4। ପରମେଶ୍ୱରଙ୍କ ଆତ୍ମା ଦ୍ୱାରା କଥା କହୁଥିବା କୌଣସି ବି ବ୍ୟକ୍ତି, ଯୀଶୁଙ୍କୁ "ଅଭିଶପ୍ତ" ବୋଲି କହିବ ନାହିଁ। ପରମେଶ୍ୱରଙ୍କ, ପ୍ରତ୍ୟେକ ଆତ୍ମା, ଯାହାକି ଖ୍ରୀଷ୍ଟିଆନ ମଣ୍ଡଳୀରେ ଅଛି, ପ୍ରତ୍ୟେକ ସେହି ବିଷୟ ସହିତ ସହମତ ଅଟେ ଯାହା ପରମେଶ୍ୱର କହିଥିଲେ।

359 ଆମେ ଏଠାରେ ପାଠ କରୁ, ଏବଂ କହୁ, "ସେ ଆମମାନଙ୍କର ଅପରାଧ ପାଇଁ ଆହତ ହୋଇଥିଲେ। ତାହାଙ୍କ କୋରଡାଘାତ ଦ୍ୱାରା ଆମେ ସୁସ୍ଥ ହୋଇଅଛୁ।"

360 ସେହି ପୁରାତନ ଶାରୀରିକ ମନ କୁହେ, "ଆଶ୍ଚର୍ଯ୍ୟକର୍ମର ଦିନଗୁଡ଼ିକ ଅତୀତ ହୋଇଅଛି। ମୁଁ *ଡାକ୍ତର ଜୋନ୍ସ* ଅଟେ।" ବୁଝିଲେ? "ଈଶ୍ୱରୀୟ ଆରୋଗ୍ୟତା ଭଳି କୌଣସି ବିଷୟ ନାହିଁ। ହୃଦୟ-ଅନୁଭବୀ ଧର୍ମ ଭଳି କୌଣସି ଜିନିଷ ନାହିଁ। ତୁମେମାନେ ତ କେବଳ ଏକ ଭାବାବେଗ-କାର୍ଯ୍ୟରତ ଗୋଷ୍ଠୀ ଅଟ। ତୁମେମାନେ ଭାବପ୍ରବଣ ଅଟ। ଦେଖନ୍ତୁ, ତାହା ସହିତ କେବଳ ତାହାହିଁ ସବୁକିଛି ଅଟେ। ଏହା ସହିତ କିଛି ହେଲେ ନାହିଁ। ଆମେମାନେ ପ୍ରେସ୍‌ବିଟେରିଆନ୍ ଅଟୁ। ଆମେମାନେ ଲୁଥେରାନ୍ ଅଟୁ," କିମ୍ବା ଏହା ଯାହାକିଛି ବି ଅଟେ। "ଆମେମାନେ ଜାଣୁ ଯେ ଆମେମାନେ କେଉଁଠାରେ ଛିଡା ହୋଇଅଛୁ।"

361 ମାତ୍ର ପରମେଶ୍ୱରଙ୍କ ଆତ୍ମା କଅଣ କୁହେ? ଯୀଶୁ ଖ୍ରୀଷ୍ଟ, ଏଠାରେ ସମାନ ଅଟନ୍ତି! "ଆମେନ୍," ପରମେଶ୍ୱରଙ୍କ ଆତ୍ମା କୁହେ। ଏହା ବାକ୍ୟ ସହିତ ଶୀଘ୍ର ହିଁ ସହମତ ହୋଇଯାଏ।

ହଁ, ଆଜ୍ଞା। ଏହା ଠିକ୍ ସେଠାରେ ଅଛି। ଦେଖନ୍ତୁ ଯେ ମୋର ବର୍ତ୍ତମାନ କହିବାର ଅଭିପ୍ରାୟ କଅଣ ଅଟେ?

362 "ଏହି ଶାରୀରିକ ସଂସ୍କାରଗୁଡିକ ମୃତ୍ୟୁକୁ ଜନ୍ମାଇଥାଏ," ପାଉଲ କହିଲେ।

363 ମାତ୍ର ଯେଉଁଠାରେ ଜୀବନ ଆସେ, ଏହି ସିଦ୍ଧତା ଆସେ, "ଯିଏ ମୋହର ବାକ୍ୟ ଶୁଣେ, ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଏବଂ କଦାପି ନିନ୍ଦିତ ହେବେ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି। ମୁଁ ତାଙ୍କୁ ଅନନ୍ତ ଜୀବନ ଦେବି, ଶେଷ ଦିନରେ ତାଙ୍କୁ ଉତ୍ଥାପିତ କରିବି। ଯେସମସ୍ତଙ୍କୁ ପିତା ମୋତେ ଦେଇଅଛନ୍ତି ମୋ ପାଖକୁ ଆସିବେ, ଏବଂ ସେମାନଙ୍କ ମଧ୍ୟରୁ କେହି ହେଲେ ବିନଷ୍ଟ ହେବେ ନାହିଁ।" ହୋଇପାରେ ନାହିଁ।

364 ତେଣୁକରି, ଏଠାରେ ତାହା ଅଛି ଯାହାକି—ଯାହାକି ଏହା କରେ। ଲୋକମାନେ ଭାବନ୍ତି ଯେ ତାହା ଲୋକମାନଙ୍କୁ ହୁଗୁଳା କରିଦିଏ। ଭାଇ, ଆପଣ ଏକ ସର୍ପର ଭୟ ତଳେ ପରମେଶ୍ୱରଙ୍କୁ ସେବା କରନ୍ତି ନାହିଁ। ପରମେଶ୍ୱର ଏପରି ଜଣେ ବ୍ୟକ୍ତି ନୁହଁନ୍ତି ଯିଏକି ନିଜ ହାତରେ ଏକ ଚାବୁକ ଧରି, ଚାରିଆଡ଼େ ଘଉଡାଇ ଥାଆନ୍ତି, ସେ ଜଣେ ପିତା, ସେ ପ୍ରେମ ଅଟନ୍ତି। ପରମେଶ୍ୱର ପ୍ରେମ ଅଟନ୍ତି। ଏବଂ ସାଧୁ ଯୋହନରେ, ବାଇବଲ କୁହେ, "ଯିଏ ପ୍ରେମ କରେ ସେ ପରମେଶ୍ୱରଙ୍କର ଅଟେ।"

365 ଆପଣ ପରମେଶ୍ୱରଙ୍କୁ ପ୍ରେମ କରନ୍ତି। ତେବେ ମୁଁ କରି ନ ଥାଏ, ଯଦି ମୁଁ ବାହାରି ଯାଏ ଏବଂ—ଏବଂ ଆଜି ରାତିରେ ମଦ୍ୟପାନ କରିଥାଏ। ମୁଁ ମୋ ଜୀବନରେ, କେବେବି ପିଇ ନାହିଁ। କିନ୍ତୁ ଯଦି ମୁଁ ବାହାରକୁ ଯାଇ ମଦ୍ୟପାନ କରେ, ତେବେ ମୁଁ ମାଡ ଖାଇବାଠାରୁ ଭୟ କରିବି ନାହିଁ। ତାହା ସେହି କାରଣ ନୁହେଁ ଯେ ମୁଁ ଯାଏ—ଯାଏ ନାହିଁ, ଯାଇ ତାହା କରେ ନାହିଁ। ସେହି କାରଣ ଯେଉଁଥିପାଇଁକି ମୁଁ ଏହା କରେ ନାହିଁ, ତାହା ହେଉଛି କାରଣ ମୁଁ ତାହାଙ୍କୁ ପ୍ରେମ କରେ। ସେ ମୋତେ ପ୍ରେମ କରନ୍ତି। ଏହା ବ୍ୟବସ୍ଥାର ଏକ କାର୍ଯ୍ୟ ନୁହେଁ। ଏହା ଏପରି କିଛି ନୁହେଁ ଯାହା ମୋତେ କିଛି କରିବାକୁ ପଡ଼ିଥାଏ। ଏହାର କାରଣ ହେଉଛି ସେ ପୂର୍ବରୁ ମୋ ପାଇଁ କିଛି କରି ସାରିଛନ୍ତି, ଏବଂ ମୁଁ ଏଥିପାଇଁ ତାଙ୍କୁ ପ୍ରେମ କରେ। ସେଠାରେ ଆପଣ ଅଛନ୍ତି।

366 ତେଣୁ, ସେଠାରେ ସେହି ଆତ୍ମା ସହିତ, ଯାହାକି ପ୍ରତିଜ୍ଞା କରାଯାଇଛି, "ମୁଁ ତାଙ୍କୁ ଅନନ୍ତ ଜୀବନ ଦେବି, ଏବଂ ସେମାନେ କଦାପି ବିନଷ୍ଟ ହେବେ ନାହିଁ।" କଅଣ ସେ ମିଛ କହିଥିଲେ ନା କଅଣ ସେ ସତ କହିଥିଲେ? ସେ ସତ୍ୟ କହିଥିଲେ। ତେଣୁକରି, ଆପଣ ଦେଖନ୍ତୁ ଯେ ଏହା କିପରି ବ୍ୟାଖ୍ୟା କରିଥାଏ? ଜଣେ ବ୍ୟକ୍ତି ଯିଏକି ଥରେ ଅନୁଗ୍ରହରେ ଆସିଯାଇଛି ତାଙ୍କର ଧର୍ମଭ୍ରଷ୍ଟ ହେବା ଅସାଧ୍ୟ ଅଟେ। ସେ ହୋଇପାରନ୍ତି ନାହିଁ। ସେ ନିଶ୍ଚିତରେ, ପତିତ ହୋଇପାରନ୍ତି, ମାତ୍ର ପଛକୁ ପଛ ମନଃପରିବର୍ତ୍ତନ ନିମନ୍ତେ ନୁହେଁ, ସେହି ସ୍ଥାନକୁ ଫେରିଯାଇ ପୁଣି ସେହି ପୁରୁଣା କାର୍ଯ୍ୟଗୁଡ଼ିକୁ ପୁନର୍ବାର କରିବା ନିମନ୍ତେ ନୁହେଁ।

367 ତେଣୁ ଆପଣମାନେ ସମସ୍ତେ ଯେଉଁମାନେକି ଗୋଟିଏ ଉଦ୍ଦୀପନାରୁ ଅନ୍ୟ ଉଦ୍ଦୀପନାକୁ

ଯାଉଥାଆନ୍ତି, ଗୋଟିଏ ସ୍ଥାନ ଏବଂ ତାହାପରେ ଅନ୍ୟ ସ୍ଥାନକୁ ଯାଉଥାଆନ୍ତି, କଅଣ ଆପଣ ଏହା ଦେଖୁ ନାହାଁନ୍ତି ଯେ ଆପଣ ସ୍ଥିର ନୁହଁନ୍ତି, ଆପଣ ସ୍ଥାପିତ ନୁହଁନ୍ତି? ତେବେ, ନିଶ୍ଚିତରେ, ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ଜାଣେ ନାହିଁ ଯେ ଯଦି..." ନିଶ୍ଚିତରେ ପରମେଶ୍ୱର ମୋତେ ସେହି ସେବାକାର୍ଯ୍ୟ ଦେଇ ନ ଥାଆନ୍ତେ ଯାହା ସେ ଦେଇଅଛନ୍ତି, ଏବଂ ମୋତେ ତୃଟିରେ ରହିବାକୁ ଦେଇଥାଆନ୍ତେ । ଏବଂ ଯଦି ଏହା ଶାସ୍ତ୍ର ଦ୍ୱାରା ପ୍ରମାଣିତ ହୋଇ ନ ଥିଲା, ତେବେ ଏହା ତ୍ରୁଟି ହେବ, ମାତ୍ର ଏହାର ସପକ୍ଷରେ *ଏଠାରେ* ସେହି ଶାସ୍ତ୍ରାଂଶ ଅଛି । ମଣ୍ଡଳୀ କେବେ ବି ଏକ ସ୍ଥାନ ହରାଇ ନାହିଁ ।

368 ଲୋକମାନେ ଯାଆନ୍ତି, ମଣ୍ଡଳୀରେ ଯୋଗ ଦିଅନ୍ତି, କଳି, ଝଗଡା, ନିନ୍ଦା କରନ୍ତି, ଏବଂ— ଏବଂ ସବୁକିଛି କରନ୍ତି, ଏବଂ ଯେକୌଣସି ପ୍ରକାରର କେବଳ ଏକ ଶାରୀରିକ ଜୀବନ ଯାପନ କରନ୍ତି, "ଓଃ, ହଁ, ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ ।"

369 ମୁଁ ଆଜି ଜଣେ ଏକ ସାନ ମହିଳାଙ୍କର ଏକ ସ୍ୱୀକାରୋକ୍ତି ଶୁଣିଲି ଯିଏକି ମୋତେ କହୁଥିଲେ ଯେ ତାଙ୍କ ସ୍ୱାମୀ ଜଣେ ପୁରୁଷଙ୍କ ସହିତ ଯାଉଅଛନ୍ତି । ସେ ସେମାନଙ୍କୁ ସ୍ଥାନ ପରେ ସ୍ଥାନରେ, ଧରିଅଛନ୍ତି । ଏବଂ ସେହି ସ୍ତ୍ରୀଲୋକଟି କହୁଥିଲେ, "ମୁଁ ଆପଣଙ୍କୁ ଜଣାଇବାକୁ ଯାଉଅଛି, 'ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ ।'" ଉମ୍-ହମ୍ ।

370 ରବିବାର ସକାଳେ ଏଠାରେ ବାହାରେ, ପ୍ରଚାର କରୁଥିବା ଜିମି ଓସ୍‌ବୋର୍ନଙ୍କୁ ଦେଖନ୍ତୁ; ଏବଂ ବୁଗି-ଉଗି, ରକ୍-ଏଣ୍ଡ୍-ରୋଲ୍ ଏବଂ ସବୁକିଛି, ସପ୍ତାହ ସାରା କରୁଥାଆନ୍ତି ।

371 ଏଲ୍‌ଭିସ୍ ପ୍ରେସ୍‌ଲିଙ୍କୁ ଦେଖନ୍ତୁ, ଯିହୁଦା ଇସ୍କାରିୟୋତର ଏକ 1947 ସଂସ୍କରଣ, ଆସେମ୍ବଲିଜ ଅଫ୍ ଗଡରେ ଯୋଗ ଦିଅନ୍ତି, ପେଣ୍ଟିକଷ୍ଟାଲ୍, ପବିତ୍ରଆତ୍ମାଙ୍କ ପାଇଁ ପରଭାଷାରେ କଥା କୁହନ୍ତି, ଏବଂ ତାହା ଅପେକ୍ଷା ଅଧିକ ସଂଖ୍ୟକ ପ୍ରାଣଗୁଡିକୁ ନରକର ଯନ୍ତ୍ରଣାକୁ ପଠାଇଥାନ୍ତି ଯେତିକି ସଂଖ୍ୟକ ମଦ୍ୟପମାନେ ଗତ ପଚାଶ ବର୍ଷ ମଧ୍ୟରେ ରହିଥିଲେ । ସମଗ୍ର ବିଶ୍ୱରେ ସାନ ସାନ କିଶୋର-ବୟସ୍କ ପିଲାମାନଙ୍କର ମନକୁ ବିକୃତ କରି ଦେଇଥାନ୍ତି, ଏପରିକି ସାନ ସାନ ଝିଅମାନେ ସେମାନଙ୍କର ଆନ୍ତରିକ ପୋଷାକଗୁଡିକୁ ବାହାର କରି ତାକୁ ମଞ୍ଚ ଉପରେ ଫିଙ୍ଗି ଦିଅନ୍ତି, ଏବଂ ତାଙ୍କୁ ହସ୍ତାକ୍ଷର କରିବାକୁ କହିଥାଆନ୍ତି । ଏତେ ଅଶ୍ଳୀଳ ଯେ ସେମାନେ ତାଙ୍କୁ ଟେଲିଭିଜନ୍‌ରେ ଦେଖାଇବେ ନାହିଁ, ତାର ଅଣ୍ଟାରୁ ତଳ ପର୍ଯ୍ୟନ୍ତ, ଯେଉଁ ପ୍ରକାରେ ତାର ଶରୀର ରହିଥାଏ । କଅଣ ପ୍ରମାଣ ନିମନ୍ତେ ପବିତ୍ରଆତ୍ମା, ପରଭାଷାରେ, କଥା କହୁଅଛନ୍ତି କି? ହେ ଭାଇ, ଯଦି ପବିତ୍ରଆତ୍ମା ସେଠାରେ ଥାଆନ୍ତେ, ତେବେ ତାହା ସେହିପରି ଭାବରେ ଆଚରଣ କରି ନ ଥାଆନ୍ତେ । ଆପଣ ଏହାଠାରୁ ଅଧିକ ଉତ୍ତମ ଜାଣିଛନ୍ତି । ନିଶ୍ଚିତରେ ନୁହେଁ । ପରମେଶ୍ୱର ଶୁଚିତା ଏବଂ ଶୁଦ୍ଧତା ଏବଂ ପବିତ୍ରତାକୁ ଭଲ ପାଆନ୍ତି ।

372 ମୁଁ ନିଜକୁ ଜଣେ ଖ୍ରୀଷ୍ଟିଆନ କରିବା ପାଇଁ ଶୁଚି ଏବଂ ଶୁଦ୍ଧ ଏବଂ ପବିତ୍ର ଆଚରଣ କରେ ନାହିଁ । ମାତ୍ର ଖ୍ରୀଷ୍ଟ, ମୋ ଭିତରେ, ମୋ ଭିତରେ ତାହା ବାସ କରନ୍ତି । ଏବଂ ମୁଁ ତାହାଙ୍କୁ ପ୍ରେମ

କରେ । ଏବଂ ଯଦି ମୁଁ କିଛି ଭୁଲ କରେ, ଏହା ମୋତେ ନିନ୍ଦା କରିଥାଏ । ଠିକ୍ ସେହିଠାରେ ହିଁ ମୁଁ କହିବି, "ହେ ପରମେଶ୍ୱର, ମୋତେ କ୍ଷମା କର ।" ପ୍ରତ୍ୟେକ ଦିନ, ନୀତି ଦିନ, ମୋତେ କ୍ଷମା ମାଗିବାକୁ ଅଛି । ଏବଂ ଆପଣମାନେ, ମଧ୍ୟ କରନ୍ତି । ନିଶ୍ଚିତ ଭାବରେ, ଆପଣ କରନ୍ତି ।

373 ମାତ୍ର ବର୍ତ୍ତମାନ ଯଦି ଆପଣ—ଯଦି ଆପଣ ଶାରୀରିକ ଅଟନ୍ତି, ଆପଣ କେବଳ ପଛକୁ ଘୁଞ୍ଚି ଯାଇ ଅପେକ୍ଷା କରନ୍ତି, କୁହନ୍ତି, "ଆହା, ତେବେ, ଠିକ୍ ଅଛି, ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ ।" ବୁଝିଲେ? ଏବଂ ତାହାପରେ ଯେତେବେଳେ ଆପଣ ନିନ୍ଦା କରନ୍ତି, ତାହା ସେତେବେଳେ ଅଟେ ଯେତେବେଳେ ଆପଣଙ୍କଠାରେ ସେହି ବିଶ୍ୱାସ ନ ଥାଏ ଯାହାକି ଏକଦା ସାଧୁମାନଙ୍କ ନିକଟରେ ଦତ୍ତ ହୋଇଥିଲା । ତାହାପରେ ଆପଣ ଏହାକୁ ପରିହାସ କରନ୍ତି, ଏବଂ ଏହାକୁ, "ଏକ ମନ୍ଦ ଆତ୍ମା" ବୋଲି କୁହନ୍ତି । କୁହନ୍ତି, "ତାହା ପବିତ୍ର ପାଖଣ୍ଡମାନଙ୍କର ଏକ ସମୂହ ।" ତାହାପରେ, ଆପଣ ନିଜକୁ ଅନୁଗ୍ରହ ଏବଂ ବିଚାର ମଧ୍ୟରେ ପୃଥକ କରି ଦିଅନ୍ତି, ତାହାପରେ ଆପଣ ଚିରଦିନ ପାଇଁ ବିନଷ୍ଟ ଅଟନ୍ତି ।

374 ଯୀଶୁ କହିଲେ, "ଏହା ବିରୁଦ୍ଧରେ ଗୋଟିଏ ବି ଶବ୍ଦ, ତାହା ଇହ ଜଗତରେ କିମ୍ବା ଆଗାମୀ ଜଗତରେ କେବେବି କ୍ଷମା କରାଯିବ ନାହିଁ ।" ଏବଂ ଆତ୍ମାରୁ ଜନ୍ମିତ, ଜଣେ ଖ୍ରୀଷ୍ଟିଆନ, ତାହା ବିଷୟରେ ମନ୍ଦ କହିପାରେ ନାହିଁ, କାରଣ ଏହା ହୋଇପାରେ ନାହିଁ । ଏହା ତାହା ସହିତ ସହମତ ହୋଇଥାଏ । ତାହା ଠିକ୍ ଅଟେ ।

375 ସେହି କାରଣରୁ ଲୋକମାନେ ମୋତେ କହିବାକୁ ଚେଷ୍ଟା କରନ୍ତି, ଯେ ସେଠାରେ ଥିବା ସେହି ଅଗ୍ନିସ୍ତମ୍ଭ, ଯାହାକି ଏଠାରେ ଆମ ସହିତ ଦେଖାଯାଏ, ସେମାନେ କହିବାକୁ ଚେଷ୍ଟା କରନ୍ତି, ଯେ, "ତାହା ଶୟତାନ ଅଟେ," ଯେ, "ଏହା କେବଳ କାଳ୍ପନିକ ଅଟେ," ଏହି ସବୁ । ମାତ୍ର ସେହି କ୍ୟାମେରା ପ୍ରମାଣ କଲା ଯେ ଏହା ତାହା ନ ଥିଲା । ଏବଂ ସେହି କାର୍ଯ୍ୟଗୁଡ଼ିକ ଠିକ୍ ଅବିକଳ ଭାବରେ ବାଇବଲରେ ରହିଥିଲା, ସେହି ସମାନ ଅଗ୍ନିସ୍ତମ୍ଭ ଯାହାକି ପାଉଲଙ୍କୁ ଦମ୍ମେସକର ତାଙ୍କର ମାର୍ଗରେ ଭେଟିଥିଲା । ଏହି ସମସ୍ତ କାର୍ଯ୍ୟଗୁଡିକ ଯାହା ସେ ସେଠାରେ କରିଥିଲେ, ବାଇବଲ ଦ୍ୱାରା, ଠିକ୍ ଅବିକଳ ଭାବେ ସେହି ସମାନ କାର୍ଯ୍ୟଗୁଡିକ କରୁଅଛି । ଏହା ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର ଅଟନ୍ତି ।

376 ଏବଂ ଯେତେବେଳେ ଆମେମାନେ ନୂତନ ଭାବରେ ଜନ୍ମଗ୍ରହଣ କରିଥାଉ, ଆମର ଅନନ୍ତ ଜୀବନ ରହିଥାଏ, ଏବଂ ବିନଷ୍ଟ ହୋଇ ନ ପାରୁ । ଏହା ଜଣେ ବ୍ୟକ୍ତି ନିମନ୍ତେ ଧର୍ମଭ୍ରଷ୍ଟ ହେବା ଅସାଧ୍ୟ ଅଟେ । ତାହାହିଁ ଅଟେ ଯାହାକି ବାଇବଲ କୁହେ ।

377 ତେବେ, ଶୁଣନ୍ତୁ, ଦେଖନ୍ତୁ ଯେ ପାଉଲ କଅଣ କୁହନ୍ତି । ମୁଁ ଏହାର ବାକି ଅଂଶ ପାଠ କରିବି, ଏବଂ ଦେଖିବି ଯଦି ତାହା ବର୍ତ୍ତମାନ, ଠିକ୍ ଶୁଭାଯାଉଛି କି ନୁହେଁ । ଆସନ୍ତୁ, କେବଳ ଗୋଟିଏ ମିନିଟ୍ ପାଇଁ ଯିବା । ସେହି ୫ମ ପଦ ।

*କିନ୍ତୁ ତାହା ଯଦି କଣ୍ଟା ଓ ଅଗରାଗଛ ଉତ୍ପନ୍ନ କରେ, ତେବେ ତାହା ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ; ପୁଣି ତାହାର ଚରମ ଦଶା ଅଗ୍ନି ଦାହ ।* (ତାହା

ସେହି ଅବିଶ୍ୱାସୀ ଅଟେ।)

378 ତେବେ ପାଉଲଙ୍କୁ ଦେଖନ୍ତୁ। "କିନ୍ତୁ, ହେ ପ୍ରିୟମାନେ,..." ବର୍ତ୍ତମାନ ସେ ସେମାନଙ୍କ ବିଷୟରେ କହୁଛନ୍ତି ଯେ ସେମାନଙ୍କୁ ବ୍ୟବସ୍ଥା ଅଧୀନରେ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି, ଆପଣ ଜାଣନ୍ତି, ବ୍ୟବସ୍ଥାର ସମସ୍ତ କାର୍ଯ୍ୟଗୁଡିକ କରିବାକୁ ଚେଷ୍ଟା କରୁଛନ୍ତି, ତଥାପି ସେମାନେ ଠିକ ସେତିକି ରୀତିମତ ଅଟନ୍ତି ଯେତିକି ସେମାନେ ହୋଇପାରନ୍ତି। ସେମାନଙ୍କ ପାଖରେ ନାନା ପ୍ରକାର ବାପ୍ତିସ୍ମମାନ ଏବଂ ହସ୍ତାର୍ପଣ, ଏବଂ ଏହି ସବୁ ବିଷୟମାନ ଅଛି।

*କିନ୍ତୁ, ହେ ପ୍ରିୟମାନେ, ଆମ୍ଭେମାନେ ଯଦ୍ୟପି ଏହିପରି କରୁଅଛୁ,...*

ଆପଣ ସେଠାରେ ଅଛନ୍ତି। ବର୍ତ୍ତମାନ ତାହାଙ୍କ କଥା ଶୁଣନ୍ତୁ।

*...ତଥାପି ତୁମ୍ଭମାନଙ୍କ ଅବସ୍ଥା ଯେ ତାହାଠାରୁ ଉତ୍ତମ ଓ ପରିତ୍ରାଣଯୁକ୍ତ, ଏହା*—*ଏହା* ଏହା ଜରିଆରେ *ଆମ୍ଭେମାନେ ଦୃଢରୂପେ ବିଶ୍ୱାସ* କରୁଅଛୁ।

*କାରଣ ପରମେଶ୍ୱର ତୁମ୍ଭମାନଙ୍କର* କର୍ମ ଆଉ *ସାଧୁ ଲୋକମାନଙ୍କର ସେବା* କରିଥିବା *ଦ୍ୱାରା, ଓ ଏବେ ମଧ୍ୟ କରୁଥିବା ଦ୍ୱାରା ତାହାଙ୍କ ନାମ ପ୍ରତି ତୁମ୍ଭେମାନେ* ଯେଉଁ *ପ୍ରେମ ପ୍ରକାଶ କରିଅଛ, ତାହା ଯେ ଭୁଲିଯିବେ, ଏପରି ଅନ୍ୟାୟକାରୀ ସେ ନୁହଁନ୍ତି।*

379 ଦେଖନ୍ତୁ ଯେ ସେ କଅଣ ବିଷୟରେ କହୁଅଛନ୍ତି? ସେ ଖ୍ରୀଷ୍ଟିଆନମାନଙ୍କର ଧର୍ମଭ୍ରଷ୍ଟ ହୋଇ, ମନ ଫେରଣ କରି ଫେରି ଆସିବା ଅସାଧ୍ୟ ବିଷୟରେ କହୁ ନାହାଁନ୍ତି। ସେ ତ ସେହି ଶାରୀରିକ ବିଶ୍ୱାସୀମାନଙ୍କ ବିଷୟରେ କହୁଅଛନ୍ତି ଯେଉଁମାନେକି ସଂସ୍କାରର ରୀତି ନୀତି ଦେଇ ଗତି କରନ୍ତି। "କିନ୍ତୁ," ସେ କହିଲେ, "ଆପଣମାନେ ଯେଉଁମାନେକି ନୂତନ ଭାବେ ଜନ୍ମ ହୋଇଅଛନ୍ତି, ଆପଣ ଖ୍ରୀଷ୍ଟିଆନ, ପ୍ରିୟମାନେ, ଆମ୍ଭେମାନେ ଆପଣମାନଙ୍କ ସମ୍ବନ୍ଧରେ ଉତ୍ତମ ଜିନିଷ ବିଷୟରେ ଦୃଢ଼ରୂପେ ବିଶ୍ୱାସ କରୁଅଛୁ। ଆପଣମାନେ ସେହି ବିଷୟଗୁଡିକ କୁହନ୍ତି ନାହିଁ। ଆପଣମାନେ ସେହି ପ୍ରକାର ଜୀବନଯାପନ କରନ୍ତି ନାହିଁ। ଆପଣ ଖ୍ରୀଷ୍ଟଙ୍କ ସହିତ ସୁରକ୍ଷିତ ଅଟନ୍ତି।"

ସେ ଏଠାରେ ପଶ୍ଚାତ୍ ସମୟରେ କଅଣ କହିଲେ? ତେବେ ଆସନ୍ତୁ ଏବ୍ରୀ 10 କୁ ଯିବା, ଯେଉଁଠାରେକି ଆମେମାନେ ପୁନର୍ବାର, ଆଜି ସକାଳେ ଥିଲୁ। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

380 ତେବେ ଆସନ୍ତୁ ଆମେମାନେ, ପୁନର୍ବାର, ଏଫିସୀୟ 4:30 କୁ ଫେରିଯିବା। ଏବଂ ଆସନ୍ତୁ ମାତ୍ର ଗୋଟିଏ ମିନିଟ୍, ଆମେମାନେ ଏହାକୁ ନେବା, ଏବଂ ଦେଖିବା ଯେ ଏହାର ସପକ୍ଷରେ ନେଇ, ଶାସ୍ତ୍ର ସହିତ ଶାସ୍ତ୍ରକୁ ମିଶାଇବା ନେଇ, ତାହା କଅଣ କହୁଅଛି। ଏଫିସୀୟ 4, ଆସନ୍ତୁ ଦେଖିବା। ଏଫିସୀୟ 4:30। ଆସନ୍ତୁ ଏହାକୁ ପାଠ କରିବା ଏବଂ ଦେଖିବା ଯେ ଏହା କଅଣ କୁହେ। ଶୁଣନ୍ତୁ।

*...ପରମେଶ୍ୱରଙ୍କ ପବିତ୍ରଆତ୍ମାଙ୍କୁ ଦୁଃଖ ଦିଅ ନାହିଁ,...*

ଆମେମାନେ କିପରି—କିପରି ସେହି ଶରୀରରେ ବାପ୍ତିଜିତ ହେଲୁ? ଗୋଟିଏ ଆତ୍ମା।

*...ପରମେଶ୍ୱରଙ୍କ ପବିତ୍ରଆତ୍ମାଙ୍କୁ ଦୁଃଖ ଦିଅ ନାହିଁ, ଯେଉଁଥିରେକି ତୁମେ ନିଜର ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ।*

କଅଣ ତାହା ଠିକ୍? ଆପଣ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା, ଖ୍ରୀଷ୍ଟଙ୍କ ଶରୀରରେ ମୁଦ୍ରାଙ୍କିତ ହୋଇଅଛନ୍ତି, ଗୋଟିଏ ଉଦ୍ଦୀପନାରୁ ଅନ୍ୟକୁ ନୁହେଁ, ମାତ୍ର ଶରୀରର ମୁକ୍ତି ଦିବସ ପର୍ଯ୍ୟନ୍ତ। ତାହାହିଁ ଅଟେ ଯାହାକି ଆପଣ ଅଟନ୍ତି। ତେଣୁ, ଆପଣଙ୍କ ନିମନ୍ତେ ବିନଷ୍ଟ ହେବାର କୌଣସି ଉପାୟ ନାହିଁ।

381 ଆପଣ ଭୟଭୀତ ହୁଅନ୍ତି। ଏବଂ ତାହାହିଁ କାରଣ ଅଟେ ଯେ ଭୟଭୀତ, ଏକ ଭୟଭୀତ, ଭୟ ଯୋଗୁ ସନ୍ଦେହ ରହିଥାଏ।

ପ୍ରେମ ସଙ୍ଗରେ ବିଶ୍ୱାସ ରହିଥାଏ। ମୁଁ ମୋର ପିତାଙ୍କୁ ପ୍ରେମ କରେ। ମୁଁ ତାଙ୍କୁ ଭୟ କରେ ନାହିଁ, କାରଣ ମୁଁ ତାଙ୍କୁ ଭଲ ପାଏ। ସେ ମୋର ଅନିଷ୍ଟ କରିବେ ନାହିଁ। ସେ ମୋ ପାଇଁ ମଙ୍ଗଳ ହିଁ କରିବେ। ଯଦି ମୁଁ ତାହାଙ୍କୁ ଭୟ କରୁଥାନ୍ତି, ଏବଂ, "ଓଃ, ମୁଁ ଜାଣେ ନାହିଁ ଯେ ସେ ଏହା କରିବେ, କି ନାହିଁ।" ବୁଝିଲେ?

382 କିନ୍ତୁ ଯଦି ମୁଁ ତାହାଙ୍କୁ ପ୍ରେମ କରେ, "ହଁ, ପିତା, ମୁଁ—ମୁଁ ତୁମକୁ ପ୍ରେମ କରେ। ଏବଂ ମୁଁ ଜାଣେ ଯେ ତୁମେ—ତୁମେ ମୋର ପିତା ଅଟ, ଏବଂ ତୁମେ ମୋତେ ପ୍ରେମ କର, ଏବଂ ମୁଁ ଭୟ କରେ ନାହିଁ ମାତ୍ର ତୁମେ ତୁମର ବାକ୍ୟ ରକ୍ଷା କରିବ। ଏହା ମୋ ପାଇଁ ତୁମର ପ୍ରତିଜ୍ଞା ଅଟେ।" ସେହିପରି ଭାବରେ ପରମେଶ୍ୱରଙ୍କ ଆତ୍ମା କରନ୍ତି।

383 "କିନ୍ତୁ, ଓଃ, ଯଦି ମୁଁ *ଏହା* କରିଥାଏ, ଯଦି ମୁଁ *ତାହା* କରିଥାଏ।" ଦେଖନ୍ତୁ, ସେଠାରେ ଆପଣ ପୁଣି ଥରେ ବ୍ୟବସ୍ଥାଗତ ପାର୍ଶ୍ୱକୁ ଆସିଗଲେ। କେବେ ବି ସେହି ବ୍ୟବସ୍ଥାଗତ ପାର୍ଶ୍ୱକୁ ଯାଆନ୍ତୁ ନାହିଁ। ଏହା ନକାରାତ୍ମକ ଅଟେ।

384 ସକାରାତ୍ମକ ଦିଗ ତାହା ଅଟେ ଯାହା ଆପଣ ଚାହାଁନ୍ତି। ଏହା ତ ଆଗରୁ ଏକ ସମାପ୍ତି କାର୍ଯ୍ୟ ଅଟେ। ଖ୍ରୀଷ୍ଟ ମୃତ୍ୟୁବରଣ କଲେ, ଏବଂ ଯେତେବେଳେ ସେ ମଲେ ସେହି ପାପ ନାଶ କରାଗଲା। ଏବଂ ଯଦି ପରମେଶ୍ୱର ଆପଣଙ୍କୁ ଅନନ୍ତ ଜୀବନ ହେତୁ ପୂର୍ବ ନିରୂପଣ କରିଛନ୍ତି ତେବେ, "ଯେସମସ୍ତଙ୍କୁ ପିତା ମୋତେ ଦେଇଅଛନ୍ତି, ସେମାନେ ମୋ ପାଖକୁ ଆସିବେ।" ଆପଣ ସେଠାରେ ଅଛନ୍ତି, ନଷ୍ଟ ହୋଇପାରନ୍ତି ନାହିଁ। ଆପଣ ଚିରକାଳ ନିମନ୍ତେ ସୁରକ୍ଷିତ ଅଟନ୍ତି। "କାରଣ ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ, ଏବଂ ଗୋଟିଏ ବଳିଦାନ ଦ୍ୱାରା ସେ ଚିରଦିନ ପାଇଁ ସିଦ୍ଧ କରିଅଛନ୍ତି।" ଆପଣ ସେଠାରେ ଅଛନ୍ତି। ଆମମାନଙ୍କ ପାଇଁ ବିନଷ୍ଟ ହେବାର କୌଣସି ଉପାୟ ନାହିଁ। ସଠିକ୍ ଭାବରେ। ତେବେ, କଅଣ ଏହା ଆପଣଙ୍କୁ ଭଲ ଅନୁଭବ କରାଏ ନାହିଁ କି?

385 ତେବେ, ଆପଣ କିପରି ଜାଣନ୍ତି ଯେ ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି? ଯେତେବେଳେ ଆପଣଙ୍କର ଆତ୍ମା ତାହାଙ୍କର ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରେ, ଯେତେବେଳେ ପରମେଶ୍ୱରଙ୍କ ପ୍ରେମ ଆପଣଙ୍କ ହୃଦୟରେ ରହିଥାଏ, ଯେତେବେଳେ ଆପଣଙ୍କଠାରେ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁ, ଭଦ୍ରତା, ଧୈର୍ଯ୍ୟ, ଉତ୍ତମତା, ନମ୍ରତା ରହିଥାଏ । ତାହା ସେତେବେଳେ ଅଟେ ଯେତେବେଳେ ଆପଣ...ଆତ୍ମାର ଫଳଗୁଡ଼ିକ ଆପଣଙ୍କର ଜୀବନକୁ ଅନୁସରଣ କରୁଥାଏ ।

386 ଏଥି ପାଇଁ ନୁହେଁ ଯେ ଆପଣ ଆତ୍ମାରେ ନୃତ୍ୟ କରିପାରନ୍ତି, ଓଃ, ଏହି ଆଧୁନିକ ସୂର ତାଳରେ, ଏକ ପିଆନୋରେ ବଜାଯିବାରେ, ଏଠାରେ ଅନେକେ ଅଛନ୍ତି ଯେଉଁମାନେକି ଆତ୍ମାରେ ନାଚିଥାଆନ୍ତି । ସେହି ସବୁ ବିଷୟଗୁଡ଼ିକ ଠିକ ଅଛି । ମାତ୍ର ସେମାନେ ସେହି ସମ୍ପୁର୍ଣ୍ଣ ବିଷୟକୁ ସେହି ବ୍ୟବସ୍ଥାଗତ ପାର୍ଶ୍ୱକୁ ନେଇ ଗଲେ, ଦେଖନ୍ତୁ, ଏବଂ ସେଥିପାଇଁ, ସେମାନେ ପରମେଶ୍ୱରଙ୍କ ଆତ୍ମାକୁ ପଛରେ ଛାଡିଦେଲେ ।

387 ସେହି କାରଣ ଅଟେ ଯେ, ଯେତେବେଳେ ପରମେଶ୍ୱର ଆପଣାକୁ ପ୍ରକାଶ କରିବାକୁ ଆରମ୍ଭ କଲେ, ସେମାନେ କହିଲେ, "ନିର୍ବୋଧତା । ଆମେ ଏହା ସହିତ କିଛି ହେଲେ କରିବାକୁ ଚାହୁଁ ନାହୁଁ ।" ସେମାନେ ପରମେଶ୍ୱରଙ୍କୁ ଜାଣନ୍ତି ନାହିଁ । ସେମାନେ ଏହାକୁ କେବେବି ଦେଖି ନାହାଁନ୍ତି । ସେମାନେ ଏହା ବୁଝିପାରନ୍ତି ନାହିଁ, କାରଣ ସେଠାରେ ତାହା ଭିତରେ ଏକ ଭିନ୍ନ ଜୀବନ ଅଛି । ସେ ଜାଣେ ନାହିଁ, ବାଳୁଙ୍ଗା ଜାଣେ ନାହିଁ ଯେ ସେହି ଗହମ କଅଣ କରୁଅଛି । ସେ ତ ଏକ ଭିନ୍ନ ଜୀବନ ଅଟେ ।

388 ସେହି ପ୍ରକାରେ ତାହା ଜଣେ ଖ୍ରୀଷ୍ଟିୟାନ ସହିତରେ ଅଟେ, ସେହି ଶାରୀରିକ ବିଶ୍ୱାସୀ, ସେହି ସ୍ୱୀକାରୋକ୍ତକାରୀ ପ୍ରତି ଅଟେ, ଯିଏକି ବାହାରି ଯାଇ ଏହା ସ୍ୱୀକାର କରେ, "ଓଃ, ହଁ, ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ ।" ତାଙ୍କ ପାଟିରେ ଏକ ବଡ଼ ସିଗାରେଟ୍ ରଖିଥାନ୍ତି, ଯେପରିକି ଏକ ଶୃଙ୍ଗବିହୀନ ଖାସୁ କରାଯାଇଥିବା ଟେକ୍ସାସ୍ ଗୋରୁ ଅଟେ ।

389 ଜଣେ ସ୍ତ୍ରୀଲୋକ, ତାଙ୍କ ଛୋଟ ଜାମା ପିନ୍ଧି, କୁହନ୍ତି, "ଓଃ, ହଁ, ମୁଁ ମଣ୍ଡଳୀର ଜଣେ ସଦସ୍ୟ ଅଟେ । ନିଶ୍ଚିତରେ, ମୁଁ ଅଟେ ।" ଆପଣଙ୍କର ଫଳଗୁଡିକ ପ୍ରମାଣ କରେ ଯେ ଆପଣ କିଛି ନୁହଁନ୍ତି ବରଂ ଶାରୀରିକ ଅଟନ୍ତି । ତାହା ଠିକ୍ । ନିଶ୍ଚିତ ଭାବରେ, ଏହା ଅଟେ । ସେଠାରେ ଗୋଟିଏ ମାତ୍ର ବିଷୟ ଅଛି ଯାହାକି ସେଥିପାଇଁ ଅନୁମତି ଦେଇଥାଏ: ତାହା ହେଉଛି ବୋଧହୁଏ ମାନସିକ ଅଭାବ କିମ୍ବା ଏକ କାମବାସନାର ଆତ୍ମା ଆପଣଙ୍କ ଉପରେ ରହିଛି । ତାହା ଠିକ୍ ।

390 ଯଦି ଆପଣ ଜଗତ ଭଳି ଆଚରଣ କରିବାକୁ ଚାହୁଁଛନ୍ତି, ବାଇବଲ କୁହେ, "ଯଦି ଆପଣ ଜଗତକୁ କିମ୍ବା ଜଗତର ଜିନିଷଗୁଡିକୁ ଭଲ ପାଆନ୍ତି, ତାହାହେଲେ ପରମେଶ୍ୱରଙ୍କ ପ୍ରେମ ଆପଣଙ୍କଠାରେ ନାହିଁ ।" ତେଣୁକରି ଆପଣ ସେଠାରେ ଅଛନ୍ତି ।

391 ତେବେ, ଆପଣ କୁହନ୍ତି, "ଓଃ, ବାଇବଲ କୁହେ, ତାହାହେଲେ ମୋତେ ତାହା ନିଶ୍ଚିତରେ

କରିବା ଉଚିତ୍ ।" ନା, ତାହା ସେପରି ନୁହେଁ । ଏଠାରେ ସେପର୍ଯ୍ୟନ୍ତ ରହିଥାଆନ୍ତୁ ଯେପର୍ଯ୍ୟନ୍ତକି ଖ୍ରୀଷ୍ଟ ଆପଣଙ୍କ ପାଇଁ କିଛି କରି ନ ଦିଅନ୍ତି, ଯାହାକି ଆପଣଙ୍କ ଭିତରୁ ତାହାକୁ ବାହାର କରିନିଏ । ତେବେ ଯାଇ ଆପଣ ପରମେଶ୍ୱରଙ୍କ ଆତ୍ମାରୁ ଜନ୍ମ ହୋଇଥାଆନ୍ତି । ଆପଣ ଯାହା କରନ୍ତି ତାହା ନୁହେଁ, ଏହା ତ ତାହା ଅଟେ ଯାହା ସେ ଆପଣଙ୍କ ପାଇଁ କରିଅଛନ୍ତି । ଯେପର୍ଯ୍ୟନ୍ତକି ଆପଣ ଏପରି ଏକ ପ୍ରେମ ନ ପାଇଯାଆନ୍ତି ଯେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରି ଯାଇଛନ୍ତି । ଏବଂ ତାହାପରେ ନିଜର ଜୀବନକୁ ଦେଖନ୍ତୁ, ଯଦି ତାହା—ଯଦି ତାହା ସହମତ ହୁଏ କି ନାହିଁ । ଏଥି ପାଇଁ ନୁହେଁ ଯେ ଆପଣ ନିଜର ଜୀବନକୁ ଗଢିବାକୁ ଚେଷ୍ଟା କରୁଥାଆନ୍ତି, ମାତ୍ର ଏଇଥି ପାଇଁ ଅଟେ କାରଣ ପରମେଶ୍ୱର ଆପଣଙ୍କୁ ତାହାଙ୍କର ଆତ୍ମାଙ୍କ ଅଧୀନତାରେ ଆଣନ୍ତି । ଏହା ଏପରି ନୁହେଁ ଯେ ଆପଣ ନିଜକୁ ପରମେଶ୍ୱରଙ୍କ ପଥରେ କଢାଇ ନେଉଛନ୍ତି । ଏହା ତ ପରମେଶ୍ୱର ଅଟନ୍ତି ଯିଏକି ଆପଣଙ୍କୁ ତାହାଙ୍କର ନିଜ ପଥରେ କଢାଇ ନେଉଥାଆନ୍ତି । ଆପଣ ନୁହଁନ୍ତି ଯିଏକି କଢାଇ ନେଉଅଛନ୍ତି, ମାତ୍ର ପରମେଶ୍ୱର କଢାଇ ନେଉଥାଆନ୍ତି ।

392 ତେବେ ଏହାକୁ ଦେଖନ୍ତୁ, ବର୍ତ୍ତମାନ, ଯେତେବେଳେ ଆମେ ଶେଷ ଆଡକୁ ଯାଉଅଛୁ । ସେହି ୧୧ଶ ପଦ ।

*ମାତ୍ର ଆମ୍ଭମାନଙ୍କର ଏକାନ୍ତ ଇଚ୍ଛା ଯେ ତୁମ୍ଭେମାନେ ପ୍ରତ୍ୟେକ ଶେଷ ପର୍ଯ୍ୟନ୍ତ ସୁଦ୍ଧା ଦୃଢ ଭରସା ସହ ସେହି ପ୍ରକାର ଯତ୍ନବାନ ହୁଅ:*

*ଯେପରି ତୁମ୍ଭେମାନେ ଶିଥିଳ ନ ହୋଇ, ଯେଉଁମାନେ ବିଶ୍ୱାସ ଓ ଧୈର୍ଯ୍ୟ ଦ୍ୱାରା ପ୍ରତିଜ୍ଞା ସମୂହର ଅଧିକାରୀ ବରଂ ସେମାନଙ୍କର ଅନୁକାରୀ ହୁଅ ।*

393 ତେବେ, ଏଠାରେ ଆଉ ଏକ ଟିପ୍ପଣୀ ଅଛି ।

*କାରଣ ପରମେଶ୍ୱର ଯେତେବେଳେ ଅବ୍ରହାମଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ, ସେତେବେଳେ ସେ ଆଉ କୌଣସି ମହତ୍ତର ନାମ ନ ପାଇବାରୁ, ଆପଣା ନାମରେ ଶପଥ କରି,*

*କହିଥିଲେ, ଆମ୍ଭେ ଅବଶ୍ୟ ତୁମଭକୁ ଆଶୀର୍ବାଦ କରିବା, ଓ ବୃଦ୍ଧି କରିବା, ତୁମ୍ଭର ବଂଶର ଅତିଶୟ ବୃଦ୍ଧି କରିବା ।*

394 ଯେତେବେଳେ ପରମେଶ୍ୱର ଅବ୍ରହାମଙ୍କୁ ଭେଟିଲେ! ତେବେ, ଅବ୍ରହାମ ବିନା କୌଣସି ଯୋଗ୍ୟତାରେ, ସେହି ନିୟମକୁ ପ୍ରାପ୍ତ କଲେ । ସେହି ନିୟମଟି ଅବ୍ରହାମଙ୍କ ସହିତ କରା ହୋଇଥିଲା । ଏହା ଅବିକଳ ଭାବେ, ସମ୍ପୂର୍ଣ୍ଣତଃ ଅନୁଗ୍ରହ ଅଟେ । ଅବ୍ରହାମ ଜଣେ ଅଧିକ ଭଲ ମଣିଷ ନ ଥିଲେ । ସେ ଜଣେ ପବିତ୍ର ବ୍ୟକ୍ତି ନ ଥିଲେ । ସେ ତ କେବଳ ଜଣେ ସାଧାରଣ ଲୋକ ଥିଲେ । ଏବଂ ପରମେଶ୍ୱର, ନିର୍ବାଚନ ଦ୍ୱାରା, ଅବ୍ରହାମଙ୍କୁ ବାଛିଥିଲେ, କାରଣ ପରମେଶ୍ୱର ତାହାଙ୍କୁ ମନୋନୀତ କରିଥିଲେ; ଏଇଥି ପାଇଁ ନୁହେଁ ଯେ ଅବ୍ରହାମ ତାହା ଚାହୁଁଥିଲେ, ଏଇଥି ପାଇଁ ନୁହେଁ ଯେ ଅବ୍ରହାମ *ଏହା* କରିଥିଲେ, ଏଇଥି ପାଇଁ ନୁହେଁ ଯେ ସେ ଜଣେ ଭଲ ମଣିଷ

ଥିଲେ, ଏଇଥି ପାଇଁ ନୁହେଁ ତାଙ୍କଠାରେ ଆଦୌ କୌଣସି ଯୋଗ୍ୟତା ରହିଥିଲା । ମାତ୍ର ଏହା ପରମେଶ୍ୱରଙ୍କ ପସନ୍ଦ ଥିଲା । ପରମେଶ୍ୱର ଅବ୍ରହାମଙ୍କୁ ନେଇଥିଲେ ।

395 ଆଜି, ଯେପରିକି ମୁଁ କୁହେ, ମୁଁ ବିଶ୍ୱାସ କରେ, "ଆମେମାନେ ଆମର ପ୍ରଚାରକମାନଙ୍କୁ ଚୟନ କରୁ ।" ଆମେମାନେ ସର୍ବତ୍ର ଯାଉ, କହୁ, "ତେବେ, ଦୀକନ୍‌ମାନଙ୍କ ମଧ୍ୟରୁ ଜଣେ ତ୍ୟାଗପତ୍ର ଦେଲେ । ଆସନ୍ତୁ ଆମେମାନେ ତାଙ୍କ ସ୍ଥାନକୁ ନେବା ପାଇଁ ଏହି ଭବନରେ ସର୍ବୋତ୍ତମ ବ୍ୟକ୍ତିଙ୍କୁ ଖୋଜିବା । ତେବେ, ପାଳକ ତ୍ୟାଗପତ୍ର ଦେଲେ; ଆସନ୍ତୁ ଆମେମାନେ ଖୋଜିବା, ଆମେମାନେ ସର୍ବୋତ୍ତମ ଜଣଙ୍କୁ ପାଇବା ।" ବେଳେବେଳେ ତାହା ଠିକ୍ ନୁହେଁ ।

396 ଯେତେବେଳେ ସେମାନେ ଯିହୁଦାର ସ୍ଥାନକୁ ନେବା ପାଇଁ ଜଣେ ଲୋକକୁ ବାଛିଲେ, ସେମାନେ ଭୁଲ୍ ଲୋକକୁ ପାଇଥିଲେ । ସେମାନେ ଜଣେ ଭଦ୍ରବ୍ୟକ୍ତି, ମଥିୟ, ଜଣେ ମହାନ୍ ଶାସ୍ତ୍ରୀ, ଜଣେ ପଣ୍ଡିତ, ଜଣେ କୂଟନୀତିଜ୍ଞଙ୍କୁ ପାଇଲେ । ସେମାନେ କହିଲେ, "ସେ ତ କେବଳ ସେହି ପ୍ରକୃତ ସ୍ଥାନକୁ ଗ୍ରହଣ କରିବେ । ପିଲାଏ, ସେ ତ ଜଣେ ପ୍ରକୃତ ପୁରୁଷ ପରି ଦେଖାଯାଆନ୍ତି ।" ମାତ୍ର ଏହା ପରମେଶ୍ୱରଙ୍କ ପସନ୍ଦ ନ ଥିଲା । ଏବଂ ସେ ଏହି ଲୋକଟିକୁ ନେଲେ, ଏବଂ ସେ କଦାପି ପରମେଶ୍ୱରଙ୍କ ପାଇଁ କିଛି ହେଲେ କଲେ ନାହିଁ ।

397 ମାତ୍ର ପରମେଶ୍ୱର ଜଣେ ସାନ, ପୁରୁଣା ଉଚ୍ଚ କ୍ରୋଧୀ-ସ୍ୱଭାବର, ବଙ୍କା-ନାକିଆ ଯିହୁଦୀକୁ ବାଛିଲେ ଯିଏକି ସେଠାରେ ତାଙ୍କର ମୂଖରେ ସେହି କଥା ନେଇ ଆସିଥିଲେ, "ମୁଁ ତଳକୁ ଯିବି । ମୁଁ ସେମାନଙ୍କୁ ଗିରଫ କରିବି ।"

398 ପରମେଶ୍ୱର କହିଲେ, "ମୁଁ ତାହା ଭିତରେ କିଛି ଗୋଟାଏ ଦେଖୁଅଛି । ମୁଁ ତାକୁ ବ୍ୟବହାର କରିବି ।"

399 ଏବଂ ପରମେଶ୍ୱର ଠିକ ସେହି ବଡ଼ ଜ୍ୟୋତିରେ ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଆଉ ସେ କହିଲେ, "ହେ ପ୍ରଭୁ, ତୁମେ କିଏ?"

400 ଉତ୍ତର ଦେଲେ, "ମୁଁ ଯୀଶୁ । କାହିଁକି, ତୁମ ପାଇଁ କଣ୍ଟକ ବିରୁଦ୍ଧରେ ଗୋଇଠା ମାରିବା ଏହା କଷ୍ଟକର । ତୁମେ ମୋତେ କାହିଁକି ତାଡ଼ନା କରୁଅଛ?" ସେହି ପରି ଭାବରେ, ଏବଂ ପରମେଶ୍ୱର ସେହି ବ୍ୟକ୍ତିଙ୍କୁ ନେଲେ ଓ ତାଙ୍କ ଠାରୁ ଜଣେ ସର୍ବଶ୍ରେଷ୍ଠ ବ୍ୟକ୍ତିଙ୍କୁ ନିର୍ମାଣ କଲେ ଯାହାକି ଯୀଶୁ ଖ୍ରୀଷ୍ଟଙ୍କ ସମୟଠାରୁ ଏହି ପୃଥିବୀର କେବେ ପଦାର୍ପଣ କରିଥିଲେ । ତାହା ପରମେଶ୍ୱରଙ୍କ ପସନ୍ଦ ଥିଲା ।

401 ଆଜି, ଆମେମାନେ ଏକ ପସନ୍ଦ କରିବାକୁ ଚେଷ୍ଟା କରିଥାଉ । ହେ ମଣ୍ଡଳୀଗଣ, ଆପଣ ଏହି ଲୋକକୁ ଏଠାକୁ ପଠାନ୍ତି, ଏବଂ ସେହି ଲୋକକୁ ଏଠାକୁ ପଠାନ୍ତି । ଏହାକୁ ସେହିପରି ଭାବରେ କରିବା ଉଚିତ ନୁହେଁ । ପରମେଶ୍ୱର ସେହି ମାର୍ଗଦର୍ଶନକୁ କରନ୍ତି । ଏହା ତ ସମସ୍ତକିଛି ଭିତରେ, ସମସ୍ତ ବିଷୟ ଦେଇ, ସମସ୍ତ ବିଷୟ ଉପରେ ପରମେଶ୍ୱର ଅଟନ୍ତି; କୌଣସି ମଣ୍ଡଳୀର କୌଣସି କିଛି କାଗଜପତ୍ର ନୁହେଁ । ଏହା ତ ତାହା ଅଟେ ଯାହା ପରମେଶ୍ୱର ଏହି ବିଷୟରେ କୁହନ୍ତି, ଯାହା ସେହି ପାର୍ଥକ୍ୟକୁ ଆଣିଥାଏ ।

402 ଧ୍ୟାନ ଦିଅନ୍ତୁ । ପରମେଶ୍ୱର ଅବ୍ରହାମଙ୍କୁ ବିନା ସର୍ତ୍ତରେ, ଏକ ପ୍ରତିଜ୍ଞା କରିଥିଲେ । ଏବଂ ବର୍ତ୍ତମାନ, ଅପେକ୍ଷା କରନ୍ତୁ, ଅବ୍ରହାମଙ୍କୁ ଗୋଟିଏ ବି କିଛି କାମ କରିବାକୁ ପଡି ନ ଥିଲା । ପରମେଶ୍ୱର କହିଲେ, "ମୁଁ ତ ଏହା ଆଗରୁ କରିସାରିଛି ।"

403 ପରମେଶ୍ୱର ଆଦମଙ୍କୁ ଏକ ପ୍ରତିଜ୍ଞା କରିଥିଲେ, କହିଲେ, "ଆଦମ, ଯଦି ତୁମେ ଏହାକୁ ସ୍ପର୍ଶ ନ କର, ତୁମେ ଚିରଦିନ ପାଇଁ ବଞ୍ଚି ରହିବ । କିନ୍ତୁ ଯେଉଁ ଦିନ ତୁମେ ତାହା ଖାଇବ, ସେଦିନ ତୁମେ ମରିବ ।"

404 ଆଦମ କହିଲେ, "ତେବେ ଯାହା ବି ହେଉ, ମୁଁ ତ କେବଳ ଆଶ୍ଚର୍ଯ୍ୟ କରୁଛି ଯେ ଏହାସବୁ କଅଣ ଅଟେ?" ସେ ଯାଇ ତାହାକୁ ଖାଇ ଦିଅନ୍ତି, ହେର୍ ଫେର କରି ଦିଅନ୍ତି ।

405 ପ୍ରତ୍ୟେକ ଥର ଯେତେବେଳେ ପରମେଶ୍ୱର କରନ୍ତି...ଜଣେ ମନୁଷ୍ୟ ପରମେଶ୍ୱରଙ୍କ ସହିତ ତାର ନିୟମ କରେ, କିମ୍ବା ପରମେଶ୍ୱର ଜଣେ ମନୁଷ୍ୟ ସହିତ ନିୟମ କରନ୍ତି, ସେହି ମନୁଷ୍ୟ ତାର ଅଂଶକୁ ଭାଙ୍ଗିଦିଏ । ଅତଏବ ପରମେଶ୍ୱରଙ୍କୁ କିଛି କରିବାକୁ ପଡିଥିଲା, କାରଣ ସେ ଦେଖିଥିଲେ ଯେ ମଣିଷ କଅଣ ଅଟେ । ଏବଂ ସେମାନେ ପୂର୍ବ ନିରୂପିତ ଥିଲେ, ସେମାନେ ମନୋନୀତ ଥିଲେ, ଏବଂ ପରମେଶ୍ୱରଙ୍କୁ କିଛି ଗୋଟାଏ କରିବାକୁ ପଡିଥିଲା । ତେଣୁକରି ପରମେଶ୍ୱର ତଳକୁ ଓହ୍ଲାଇ ଆସିଲେ ଏବଂ ଅବ୍ରହାମଙ୍କ ସହିତ ନିୟମ କଲେ, ବିନା କୌଣସି ସର୍ତ୍ତରେ । ଯଦି ଏହା ବିନା ସର୍ତ୍ତରେ ହୋଇ ନ ଥାନ୍ତା, ତାହାହେଲେ ଅବ୍ରହାମ ତ, ଅନେକ ବର୍ଷ ଆଗରୁ, ବିନଷ୍ଟ ଯାଇଥାନ୍ତେ ।

406 ତାଙ୍କୁ ସେଠାରେ ଗେରାରରେ, ମିଛ କହି, ପଶ୍ଚାଦ୍‌ଗମନ ଅବସ୍ଥାରେ ବସିଥିବାର ଦେଖନ୍ତୁ । ଏବଂ ନିଜର ପ୍ରାଣକୁ ବଞ୍ଚାଇବା ପାଇଁ, ତାଙ୍କ ପତ୍ନୀକୁ ଅନ୍ୟ ପୁରୁଷକୁ ଦେଇଥିଲେ । କି ଜଣେ ମଣିଷ! ସେଠାରେ ପଶ୍ଚାଦ୍‌ଗମନ ଅବସ୍ଥାରେ, ବସିଥିଲେ । ପରମେଶ୍ୱର ତାଙ୍କୁ କହିଥିଲେ, କହିଲେ, "ତୁମେ ଏହି ସ୍ଥାନକୁ ଛାଡ଼ି ଯିବ ନାହିଁ । ଏଠାରେ ରହିଥାଅ ।" ଦୁର୍ଭିକ୍ଷ ତାଙ୍କୁ ସେଠାରୁ ବାହାରିଯିବାକୁ ବାଧ୍ୟ କଲା । ସେ ସେହି ସ୍ତାନ ନିମନ୍ତେ ବାହାରି ପଡ଼ିଲେ ଯେଉଁଠାକୁ ଯିବାର ସହଜ ଥିଲା । ଆପଣ ଜାଣନ୍ତି ଯେ ଯେତେବେଳେ ଜଣେ ବ୍ୟକ୍ତି ସହଜ ରାସ୍ତା ଗ୍ରହଣ କରିଥାଏ ତାହା ସହିତ କଅଣ ଘଟିଥାଏ ।

407 ସେ ତଳେ ସେହି ସ୍ଥାନ ନିମନ୍ତେ ବାହାରି ପଡ଼ିଲେ, ଯେଉଁଠାରେ ଘାସ ସବୁଜ ଥିଲା । ଏବଂ ଯେତେବେଳେ ସେ ସେଠାରେ ତଳେ ପହଞ୍ଚିଲେ, ସେ ତାଙ୍କର ପ୍ରାଣକୁ ବଞ୍ଚାଇବା ପାଇଁ, ସେହି ରାଜାଙ୍କୁ କହିଲେ ଯେ ତାଙ୍କ ପତ୍ନୀ ତାଙ୍କର ଭଉଣୀ ଅଟନ୍ତି । ତେବେ, ତାହା ଏକ ମିଥ୍ୟା ଥିଲା । ଏବଂ ଯେକୌଣସି ପୁରୁଷ, ଯିଏକି ତାଙ୍କର ପ୍ରାଣକୁ ବଞ୍ଚାଇବା ପାଇଁ, ନିଜ ପତ୍ନୀକୁ ନେଇ ଅନ୍ୟ ପୁରୁଷକୁ ଦେଇଦେବେ! ସେଠାରେ ସେ ଥିଲେ, ଏକ ଛୋଟ ତମ୍ବୁରେ, ମିଛ କହି, ପଶ୍ଚାଦଗମନ ଅବସ୍ଥାରେ ବସି ରହିଥିଲେ, ଏବଂ ଠିକ ତାଙ୍କର ସେଥିରୁ ବାହାରେ ଥିଲେ...ସେହି ପ୍ରତିଜ୍ଞାରୁ ଏବଂ ସବୁକିଛିଠାରୁ ସମ୍ପୂର୍ଣ୍ଣ ଭାବରେ ବାହାରେ ଥିଲେ, ମାତ୍ର ତଥାପି ସେ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଥିଲେ ।

408 ଏବଂ ସେଠାରେ ଅବୀମେଲକ ଥିଲେ, ସେ ଜଣେ ଉତ୍ତମ, ଶୂଚୀ ବ୍ୟକ୍ତି ଥିଲେ। ନିଶ୍ଚିତରେ, ପ୍ରତ୍ୟେକ ରାତି ତାଙ୍କର ପ୍ରାର୍ଥନା କରିଥିଲେ। ଶହେ ବର୍ଷ ବୟସ୍କା, ଏହି ଜେଜେମାଙ୍କୁ ପାଇଲେ, ଯିଏକି ସେଠାକୁ ପୁନର୍ବାର ସୁନ୍ଦର ଏବଂ ଯୌବନାବସ୍ଥାରେ, ଆସିଥିଲେ। ଅବୀମେଲକ କହିଲେ, "ତାହାହିଁ ସେହି ଝିଅ ଯାହାର ମୁଁ ଅପେକ୍ଷା କରୁଥିଲି, ତେଣୁ ମୁଁ ତାଙ୍କୁ ବିବାହ କରିବାକୁ ଯାଉଅଛି।"

409 ଅବ୍ରହାମ କହିଲେ, "ଆପଣ ତାଙ୍କୁ ଗ୍ରହଣ କରିପାରନ୍ତି। ସେ ମୋର ଭଉଣୀ ଅଟେ।"

ସେହି ସ୍ତ୍ରୀ, "ସେ ମୋର ଭାଇ ଅଟନ୍ତି।"

410 ତେଣୁ ସେହି ରାଜା ତାଙ୍କୁ ସେଠାକୁ ନେଇଯାଆନ୍ତି ଏବଂ ତାଙ୍କୁ ଧୁଆ ଧୋଇ କରିବା ପାଇଁ ତାଙ୍କ ପାଖରେ ଥିବା ସେହି ସ୍ତ୍ରୀଲୋକମାନଙ୍କୁ ଦେଇ ଦିଅନ୍ତି ଏବଂ—ଏବଂ ସୁନ୍ଦର ପୋଷାକ ପିନ୍ଧାଇ, ତାଙ୍କୁ ଏକ—ଏକ ରାଜକୁମାରୀ ଭାବରେ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ଦେଇ ଦିଅନ୍ତି। ଏବଂ ସେ ତାଙ୍କର ପ୍ରାର୍ଥନା କରି, ବିଛଣା ଉପରେ ବିସ୍ତାରିତ ହୋଇ, ତାଙ୍କର ପାଦ ଉପରକୁ କରି, ଏହା କହୁଥାଆନ୍ତି, "ଆସନ୍ତାକାଲି, ମୁଁ ସେହି ସୁନ୍ଦର ଏବ୍ରୀ ଝିଅକୁ ବିବାହ କରିବି, ସେହି—ସେହି ପିଲାର ଭଉଣୀ ଯିଏକି ସେଠାରେ ଅଛି। ଓଃ, ଏହା ଅଦ୍ଭୁତ ହେବ। ହେ ପ୍ରଭୁ, ତୁମେ ଜାଣ ଯେ ମୁଁ ତୁମକୁ କିପରି ପ୍ରେମ କରେ! ହଁ, ଆଜ୍ଞା। ଚମତ୍କାର!"

411 ଏବଂ ପରମେଶ୍ୱର କହିଲେ, "ତୁମେ ତ ଜଣେ ମୃତ ଲୋକ ସଦୃଶ ଅଟ।" ଉଃ-ହୁଃ!

412 [ଭାଇ ବ୍ରାନହାମ୍ କାଶନ୍ତି—ସମ୍ପା।] (ମୋତେ କ୍ଷମା କରନ୍ତୁ।) ଅବ୍ରା-...କାହିଁକି, ଅବ୍ରହାମ ତ ସେଠାରେ ମିଛ କହି, ପଶ୍ଚାଦ୍‌ଗମନ ଅବସ୍ଥାରେ, ବସି ରହିଥିଲେ। ଏବଂ ଏଠାରେ ଏହି ବ୍ୟକ୍ତି ଜଣକ ଥିଲେ, ଜଣେ ସଚ୍ଚୋଟ ଏବଂ ଧର୍ମୀ ଏବଂ ସରଳ ବ୍ୟକ୍ତି। "କାହିଁକି," ଅବୀମେଲକ କହିଲେ, "ପ୍ରଭୁ, ତୁମେ ତ ମୋର ହୃଦୟର ଅଖଣ୍ଡତାକୁ ଜାଣିଛ। କଅଣ ସେ ମୋତେ କହି ନ ଥିଲା, ଯେ ତାହା ତାଙ୍କର 'ଭଉଣୀ' ଥିଲା?"

413 କହିଲେ, "ମୁଁ ତୁମର ହୃଦୟର ଅଖଣ୍ଡତାକୁ ଜାଣେ। ସେହି କାରଣରୁ ମୁଁ ତୁମକୁ ମୋ ବିରୁଦ୍ଧରେ ପାପ କରିବାଠାରୁ ନିବୃତ୍ତ କରୁଅଛି। ତାହା ଠିକ୍। ମୁଁ ତୁମ ହୃଦୟର ଅଖଣ୍ଡତାକୁ ଜାଣେ। କିନ୍ତୁ ତାର ସ୍ୱାମୀ ମୋର ଭବିଷ୍ୟଦ୍‌ବକ୍ତା ଅଟେ।" ହାଲ୍ଲେଲୁୟା! ଓଃ, ଯଦି ତାହା ଅନୁଗ୍ରହ ନୁହେଁ କି, ତେବେ କଅଣ ଅଟେ? "ପଶ୍ଚାଦ୍‌ଗମନ, ଏକ ମିଛ କହୁଥିବା, ଏବଂ ସେଠାରେ ବସି ରହିଥିବା ଅବସ୍ଥାରେ, କିନ୍ତୁ ତଥାପି ତାହା ମୋର ଭବିଷ୍ୟଦ୍‌ବକ୍ତା ଅଟେ। ତୁମେ ଏକ ନୈବେଦ୍ୟ ନିଅ, ଏବଂ ତାହା ପାଖକୁ ଯାଅ, ଏବଂ ତାର ପତ୍ନୀଙ୍କୁ ଫେରାଇ ଦିଅ, ନୋହିଲେ ତୁମେ ଜଣେ ମୃତ ବ୍ୟକ୍ତି ହୋଇଯିବ। ମୁଁ ତୁମର ପ୍ରାର୍ଥନା ଆଉ ଅଧିକ ଶୁଣିବି ନାହିଁ। ସେ ତୁମ ପାଇଁ ପ୍ରାର୍ଥନା କରୁ।" ଆମେନ୍। ଆପଣ ସେଠାରେ ଅଛନ୍ତି। "ତାହା ମୋର ଭବିଷ୍ୟଦ୍‌ବକ୍ତା ଅଟେ।"

ତେବେ, ଆପଣ କୁହନ୍ତି, "ଓଃ, ମୋର ଇଚ୍ଛା ଯେ ମୁଁ କାଳେ ଅବ୍ରହାମ ହୋଇଥାଆନ୍ତି।"

414 "ଯଦି ଆମେ ଖ୍ରୀଷ୍ଟଙ୍କଠାରେ ମୃତ ଅଟୁ, ଆମେ ଅବ୍ରହାମଙ୍କ ବଂଶ ଅଟୁ, ଏବଂ ପ୍ରତିଜ୍ଞା ଅନୁଯାୟୀ ଉତ୍ତରାଧିକାରୀ ଅଟୁ।" ଠିକ୍। ତାହାହିଁ ଅଟେ ଯାହାକି ବାଇବଲ କୁହେ। କଅଣ ଆପଣ ଏହାକୁ ପାଠ କରିବାକୁ ଚାହାଁନ୍ତି କି? କାହିଁକି, ବାଇବଲ କୁହେ ଯେ—ଯେ ସେହି ପ୍ରତିଜ୍ଞାଟି ଅବ୍ରହାମ ଏବଂ ତାଙ୍କ ବଂଶ ପାଇଁ କେବଳ ନ ଥିଲା। ଯେପରିକି ଆପଣ... ଅବ୍ରହାମଙ୍କର ଅନେକ ବଂଶ ରହିଥିଲା, ନିଶ୍ଚିତରେ, ଅନେକ ସନ୍ତାନମାନେ ରହିଥିଲେ। ଇଶ୍ମାଏଲ ତାଙ୍କର ସନ୍ତାନ ଥିଲେ। ସାରାଙ୍କ ମୃତ୍ୟୁ ପରେ, କତୁରା ନାମ୍ନୀ, ଆଉ ଜଣେ ସ୍ତ୍ରୀଲୋକ ଦ୍ୱାରା, ତାଙ୍କର ସାତ-ଆଠ ସନ୍ତାନ ଥିଲେ। ମାତ୍ର, ଦେଖନ୍ତୁ, ସେହି ବଂଶଟି ପ୍ରତିଜ୍ଞାତ ଥିଲା, ଯାହାକି ଇସ୍‌ହାକ ଥିଲେ, ଏବଂ ଇସ୍‌ହାକ ଜରିଆରେ ଖ୍ରୀଷ୍ଟ ଆସିଲେ, ଖ୍ରୀଷ୍ଟଙ୍କ ଜରିଆରେ ଆମେମାନେ ଆସିଲୁ। ସେହି ପ୍ରତିଜ୍ଞାଟି ବିନା ସର୍ତ୍ତରେ ଥିଲା।

415 ତେବେ, ଅବ୍ରହାମଙ୍କ ବିଷୟରେ କଅଣ ଅଟେ? କାହିଁକି, ସେ ତ ବିନଷ୍ଟ ହୋଇ ଯାଇଥାଆନ୍ତେ, ତାଙ୍କୁ ପୁନର୍ବାର ଫେରାଇ ଆଣିବା ଏହା ତ ଅସମ୍ଭବ ହୋଇଯାଇଥାନ୍ତା। ନିଶ୍ଚିତରେ। ଏହା ତ ଶାଉଲଙ୍କ ନିମନ୍ତେ ତାଙ୍କୁ ପୁନର୍ବାର ଫେରାଇ ଆଣିବା ଅସମ୍ଭବ ହୋଇଯାଇଥାନ୍ତା, ଯଦି ତାହା, ଆପଣ ଯଦି ସେହି ଶାସ୍ତ୍ରକୁ ସେହିପରି ଭାବରେ ପାଠ କରିବେ। ବୁଝିଲେ? କିନ୍ତୁ ଏହା ସେହିପରି ନ ଥିଲା। ପରମେଶ୍ୱରଙ୍କ ପ୍ରତିଜ୍ଞା ସବୁଦିନ ପାଇଁ ଚିରସ୍ଥାୟୀ ହୋଇ ରହିଥାଏ।

416 ଆସନ୍ତୁ ଏଠାରେ ଗୋଟିଏ ମିନିଟ୍ ପାଇଁ ପାଠ କରିବା। ମୁଁ ଚାହେଁ ଯେ ଆପଣ ଏହାକୁ ପାଠ କରନ୍ତୁ। ମୁଁ ଚାହେଁ ଯେ ଆପଣ ଗାଲାତୀୟ 3:16 ବାହାର କରନ୍ତୁ, ଏବଂ ଏହାକୁ ପାଠ କରନ୍ତୁ, ଏବଂ ବର୍ତ୍ତମାନ ଦେଖନ୍ତୁ ଯେ ସେହି ପ୍ରତିଜ୍ଞାଟି କଅଣ ଅଟେ, ଏବଂ ଦେଖନ୍ତୁ ଯେ ସେତେବେଳେ କଅଣ ହୁଏ ଯଦି—ଯଦି ଆମେମାନେ ତାହାଙ୍କର ପ୍ରତିଜ୍ଞା ଅଟୁ କି ନୋହୁଁ, 3:16। ଏଠାରେ ଶୁଣନ୍ତୁ। ଠିକ୍ ଅଛି। ମୁଁ 15ତମ ପଦ, ମଧ୍ୟ ପାଠ କରିବାକୁ ଯାଉଅଛି।

> *ହେ ଭାଇମାନେ, ମୁଁ ମନୁଷ୍ୟ ଭାବରେ କହୁଅଛି; ଉଇଲ୍ ମନୁଷ୍ୟ ଦ୍ୱାରା କରାଗଲେ ସୁଦ୍ଧା, ଯେତେବେଳେ ତାହା ସ୍ଥିରୀକୃତ ହୁଏ, ସେତେବେଳେ କେହି ତାହା ଅନ୍ୟଥା କରିପାରେ ନାହିଁ, ବା ସେଥିରେ କିଛି ଯୋଗ କରିପାରେ ନାହିଁ।*
>
> *ଅବ୍ରହାମ ଓ ତାହାଙ୍କ ସନ୍ତାନ* (ସନ୍ତାନ, ସ-ନ୍ତା-ନ।), *ତାହାଙ୍କ ସନ୍ତାନ ପ୍ରତି ପ୍ରତିଜ୍ଞାସମୂହ ଉକ୍ତ ହୋଇଥିଲା।*

"ଅବ୍ରହାମ ଓ ତାହାଙ୍କର ସନ୍ତାନ ପ୍ରତି।" ତେବେ ଦେଖନ୍ତୁ।

> *ଅନେକଙ୍କୁ* (ବହୁବଚନ) *ଲକ୍ଷ୍ୟ କରି, ସନ୍ତାନମାନଙ୍କୁ ବୋଲି କୁହାଯାଏ ନାହିଁ; କିନ୍ତୁ... ଜଣଙ୍କୁ, ଅର୍ଥାତ ଖ୍ରୀଷ୍ଟଙ୍କୁ, ଲକ୍ଷ୍ୟ କରି ତୁମ୍ଭର ସନ୍ତାନ, ବୋଲି କୁହାଯାଏ।*

417 ତେବେ, ଖ୍ରୀଷ୍ଟ ଅବ୍ରହାମଙ୍କ ବଂଶ ଥିଲେ। "ଏବଂ ଆମେ ଖ୍ରୀଷ୍ଟଙ୍କଠାରେ ମୃତ ହୋଇ, ଏବଂ ତାହାଙ୍କ ଶରୀରରେ ବାପ୍ତିଜିତ ହେବା ଦ୍ୱାରା, ଆମେ ଅବ୍ରହାମଙ୍କ ବଂଶ ଅଟୁ, ଏବଂ ପ୍ରତିଜ୍ଞାର ଉତ୍ତରାଧିକାରୀ ଅଟୁ।" ତାହାହେଲେ ଏହା କିପରି ଅଟେ, ଯେ ଆପଣ କିପରି

କେବେ ଧର୍ମଭ୍ରଷ୍ଟ ହେବାକୁ ଯାଉଅଛନ୍ତି, ଯଦି ପରମେଶ୍ୱର ଆପଣଙ୍କୁ ସେହି ପ୍ରତିଜ୍ଞା କରିଥିଲେ? ଆପଣ କିପରି ଭାବରେ କେବେ ପଶ୍ଚାଦ୍‌ଗମନ ହେବାକୁ ଯାଉଛନ୍ତି, ଏବଂ ଚାଲିଯିବାକୁ ଯାଉଛନ୍ତି ଏବଂ ଏଥିପାଇଁ ନରକକୁ ଯିବାକୁ ଯାଉଛନ୍ତି?

418 ତେବେ, ଆପଣ କୁହନ୍ତି, "ଆଚ୍ଛା, କଅଣ ଆମେମାନେ ପଶ୍ଚାଦ୍‌ଗମନ କରି ନ ପାରୁ?" ଅବଶ୍ୟ କରିପାରୁ। ଏବଂ ଯେତେବେଳେ ଆପଣ ପଶ୍ଚାଦ୍‌ଗମନ କରନ୍ତି, ଆପଣ ତାହା ପାଇଁ ଭୋଗିବାକୁ ଯାଉଛନ୍ତି, ଆପଣ ଚିନ୍ତା କରନ୍ତୁ ନାହିଁ। ଅବ୍ରହାମ ଏହା ଭୋଗିଥିଲେ, ଏବଂ ବାକି ଅନ୍ୟମାନେ ମଧ୍ୟ ତାହା ଭୋଗିଥିଲେ, ଏବଂ ଆପଣମାନେ ମଧ୍ୟ ତାହା ଭୋଗିବେ। କଅଣ ଆପଣ ଏହା ଭାବୁ ନାହାଁନ୍ତି ଯେ ଏହା ଆପଣଙ୍କୁ ପାପ କରିବାର ଏକ ଅଧିକାରକୁ ଦେଇଥାଏ। ଏହା ଦିଏ ନାହିଁ। ଆପଣଙ୍କୁ ସେହି ସବୁ ବିଷୟ ପାଇଁ ମୂଲ୍ୟ ଦେବାକୁ ପଡିବ ଯାହା ଆପଣ କରନ୍ତି। ଆପଣ ଯାହା ବୁଣିବେ ତାହାହିଁ ଅମଳ କରିବେ। ଆପଣ ଗୋଟିଏ ଛୋଟ ପାପ କରନ୍ତୁ ଏବଂ ଆପଣ ସମଗ୍ର ବାଲ୍‌ଟି ପୂର୍ଣ୍ଣ ଅମଳ କରିବେ। ତାହା ଠିକ୍। ମାତ୍ର, ହେ ଭାଇ, ତାହାର ଅର୍ଥ ଏହା ନୁହେଁ ଯେ ଆପଣ ବିନଷ୍ଟ ହୋଇ ଯାଇଛନ୍ତି। ତାହା ଅବିକଳ ଠିକ୍ ଅଟେ। ଅବ୍ରହାମ ଯାହା ବୁଣିଥିଲେ ଅବିକଳ ଭାବେ ଠିକ୍ ତାହାହିଁ ଅମଳ କଲେ। ତାହା ଠିକ୍ ଅଟେ। ମାତ୍ର ସେ ତଥାପି ଉଦ୍ଧାରପ୍ରାପ୍ତ ଥିଲେ।

419 ପରମେଶ୍ୱର ଇସ୍ରାଏଲ ସହିତ ଯେଉଁ ନିୟମ କରିଥିଲେ: ସେମାନେ ସେମାନଙ୍କର ଐ-ତିହ୍ୟ ହରାଇଥିଲେ, ସେମାନେ ସେହି ପ୍ରତିଜ୍ଞାତ ଦେଶକୁ ହରାଇ ମିସରକୁ ଚାଲି ଯାଇଥିଲେ, ମାତ୍ର ସେମାନେ ସେମାନଙ୍କର ନିୟମକୁ ହରାଇ ନ ଥିଲେ। ପରମେଶ୍ୱର କହିଲେ, "ମୁଁ ଅବ୍ରହାମଙ୍କ ସହିତ କରିଥିବା ମୋର ପ୍ରତିଜ୍ଞାକୁ ମନେ ରଖିଛି। ମୋର ମନେ ଅଛି, ଏବଂ ମୁଁ ମୋର ଲୋକମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଓହ୍ଲାଇ ଆସିଛି। ମୋଶା, ସେଠାରେ ତଳକୁ ଯାଅ, ଏବଂ ଫାରୋଙ୍କୁ କୁହ, ମୁଁ କୁହେ, 'ମୋର ଲୋକମାନଙ୍କୁ ଯିବାକୁ ଦିଅ।' ମୋର ମନେ ଅଛି ଯେ ମୁଁ ଅବ୍ରହାମଙ୍କ ସହ ଏବଂ ତାଙ୍କ ବଂଶ ସହ ଏକ ପ୍ରତିଜ୍ଞା କରିଅଛି।"

420 ଠିକ ସେହି ସମାନ ବିଷୟ ଆମ ସହିତରେ ଅଟେ। ତେଣୁକରି ଯଦି ଆପଣ ମୃତ ଅଟନ୍ତି, ଏବଂ ଆପଣଙ୍କର ଜୀବନ ଖ୍ରୀଷ୍ଟଙ୍କ ମାଧ୍ୟମରେ, ପରମେଶ୍ୱରଙ୍କଠାରେ ଲୁଚି ରହିଛି, ତେବେ ଜଗତରେ ଏପରି କିଛି ବିଷୟ ନାହିଁ ଯାହାକି ଆପଣଙ୍କୁ ସ୍ପର୍ଶ କରିପାରେ। ତେବେ, ଆପଣ ଯାଇ ଭୁଲ୍ କରିପାରନ୍ତି, କିନ୍ତୁ ଯଦି ଆପଣ ପ୍ରକୃତରେ, ବାସ୍ତବରେ, ପରମେଶ୍ୱରଙ୍କ ଜଣେ ସନ୍ତାନ ଅଟନ୍ତି, ଏବଂ ଆପଣ ଦେଖନ୍ତି ଯେ ଆପଣ ଗୋଟିଏ ଭୁଲ୍ କରିଛନ୍ତି, ତାହାହେଲେ ଆପଣ ଉଠିବେ ଏବଂ ପୁନର୍ବାର ଚେଷ୍ଟା କରିବେ। ତାହା ଠିକ୍ ଅଟେ, ଏବଂ ଆପଣ ସେଠାରେ ପଡ଼ି ରହିବେ ନାହିଁ।

421 କିନ୍ତୁ ଯଦି ଆପଣ ଭୟାଳୁ ଅଟନ୍ତି, ଯଦି ଆପଣ ଏକ ବାଳୁଙ୍ଗା ଅଟନ୍ତି, ଯଦି ଆପଣଙ୍କଠାରେ କୌଣସି "ଉଠିବା ବିଷୟ" ନାହିଁ, ତେବେ ଆପଣ କହିବେ, "ଆହଃ, ତେବେ, ଯେକୌଣସି ପ୍ରକାରେ ବି, ଏଥିରେ କିଛି ହିଁ ନ ଥିଲା।"

422 ପରମେଶ୍ୱରଙ୍କ ରାଜ୍ୟ ଏପରି ଜଣେ ବ୍ୟକ୍ତିଙ୍କ ପରି ଅଟେ ଯିଏକି ଏକ ଟଣାଜାଲ ନେଇ ସମୁଦ୍ରକୁ ଯାଆନ୍ତି, ଓ ତାକୁ ନିକ୍ଷେପ କରନ୍ତି । ଯେତେବେଳେ ସେ ଟାଣନ୍ତି, ସେଥିରେ ତାଙ୍କର କଇଁଛ, ବେଙ୍ଗ, ସାପ, ଝିଟିପିଟି, ବୁଢୀଆଣି, ଏବଂ ମାଛ ରହିଥାଏ । ତାହା ସେହି ସୁସମାଚାର ଅଟେ ଯେତେବେଳେ ଏହା ପ୍ରଚାର ହୋଇଥାଏ ।

423 ଯେପରିକି ପ୍ରଭୁ ଜଣେ ସେବକ, ଯଥା ଭାଇ ଗ୍ରାହାମଙ୍କୁ କହିବେ, "*ଏଠାରେ* ଉପରକୁ ଯାଅ । *ଏହି* କୋଣକୁ ଯାଅ ଏବଂ ଅଳ୍ପ ସମୟ ମାଛ ଧର, ଭାଇ ଗ୍ରାହାମ୍ ।" ଠିକ ଅଛି, ତାଙ୍କ ଜାଲକୁ ନେଇ ସେଠାରେ ଉପରକୁ ଯାଆନ୍ତି ଓ ମାଛ ଧରିବା ଆରମ୍ଭ କରନ୍ତି ।

"ଭାଇ ବିଲ୍, ଆପଣ କୁଆଡେ ଯାଉଛନ୍ତି?"

"ମୁଁ ଅନ୍ୟ କୌଣସି ସ୍ଥାନକୁ ଯାଉଅଛି, ଏବଂ *ଏହି* କୋଣରେ ଜାଲ ପକାଇବି ।"

424 ମୁଁ ଟାଣୁଅଛି, "ପ୍ରଭୁ, ସେମାନେ ସେଠାରେ ଅଛନ୍ତି, ତୁମେ ଜାଣ ଯେ ସେମାନେ କଅଣ ଅଟନ୍ତି ।" ମୁଁ ପୁଣିଥରେ ଜାଲକୁ ଟାଣିଥାଏ, "ଠିକ ଅଛି, ପ୍ରଭୁ, ସେମାନେ ଏଠାରେ ଅଛନ୍ତି ।"

425 ତେବେ, ଆରମ୍ଭରୁ ହିଁ, ସେହି କଇଁଛଟି ଏକ କଇଁଛ ହିଁ ଥିଲା । ଆପଣ କେବଳ ଜାଲରେ ଧରାପଡିଲେ । ତାହା ଠିକ୍ । ଏବଂ ସେହି ପ୍ରକାରେ ହିଁ ଲୋକମାନେ ଭାବପ୍ରବଣ ହୋଇଯାଆନ୍ତି, "ଓଃ, ହାଲ୍ଲେଲୁୟା! ହାଲ୍ଲେଲୁୟା! ପରମେଶ୍ୱରଙ୍କ ପ୍ରଶଂସା ହେଉ! ପରମେଶ୍ୱରଙ୍କ ମହିମା ହେଉ! ହାଲ୍ଲେଲୁୟା!" ସେମାନେ କେବଳ ଜାଲରେ ଧରାପଡିଲେ, ତାହାହିଁ ସବୁକିଛି ଅଟେ ।

426 ଯଦି ସେହି ପୁରୁଣା କଇଁଛ ଆତ୍ମା ସେମାନଙ୍କ ଭିତରେ ଥାଏ, ତେବେ ଏହା ଅଧିକ ସମୟ ହେବ ନାହିଁ, ଯେତେବେଳେକି ସେମାନେ କହିବେ, "ତେବେ, ମୁଁ ଆପଣଙ୍କୁ କହୁଛି,..." ଏଠାରେ ସେ ଗୁରୁଣ୍ଡି ଗୁରୁଣ୍ଡି, ଫେରିଯାଏ ।

427 ଏବଂ ସେହି ବୁଢୀ କ୍ରଫିସ୍ କହିବ, "ମାତ୍ର ମୁଁ ତାହା ବୁଝିପାରୁ ନାହିଁ ।" ବୁଝିଲେ?

428 ସୁଶ୍ରୀ ବୁଢୀଆଣି ସେଠାରେ କିଛି ସମୟ ପାଇଁ ବସିଥାଏ, ତେବେ ସେ ଯାଏ "ପ୍ଲପ, ପ୍ଲପ, ପ୍ଲପ," ଠିକ ଫେରିଯାଏ, "ତେବେ, ଯାହା ବି ହେଉ, ସେଥିରେ କିଛି ହିଁ ନ ଥିଲା ।"

429 ସୁଶ୍ରୀ ସର୍ପ କହିବ, "ଓଃ, ସେମାନେ ତ ପବିତ୍ର-ପାଖଣ୍ଡର ଏକ ସମୂହ ଅଟନ୍ତି । ତାହା ସହିତ ଏହାହିଁ କେବଳ ସେଠାରେ ଅଛି । ମୁଁ ତ ସେହି ସ୍ଥାନକୁ ଯିବି ଯେଉଁଠାରେ ସେମାନଙ୍କର ଏହାଠାରୁ ଅଧିକ ଉତ୍ତମ ଜ୍ଞାନ ଅଛି ।" କାହିଁକି, ଆପଣ ତ ଆରମ୍ଭରୁ ହିଁ, ଏକ ସାପ ଅଟନ୍ତି । ସେହି ସୁସମାଚାର ଜାଲ ଠିକ ଆପଣଙ୍କୁ ଧରିଥିଲା, ତାହା ହିଁ ସବୁକିଛି ଅଟେ ।

430 କିନ୍ତୁ ମାଛକୁ ତ ସ୍ୱାମୀଙ୍କ ମେଜକୁ ନିଆଯାଏ । ସେ ତ ଆରମ୍ଭରୁ ହିଁ, ଏକ ମାଛ ଥିଲା । ତାଙ୍କ ଭିତରେ ଏକ ମାଛର ବୀଜ ଥିଲା । ସେ ଆରମ୍ଭରୁ ହିଁ, ଏକ ମାଛ ଥିଲା, ଏବଂ ପରମେଶ୍ୱର ଜଗତ ପତ୍ତନାବଧିରୁ ତାଙ୍କ ମାଛକୁ ଜାଣିଥିଲେ । ହାଲ୍ଲେଲୁୟା!

431 ମନେରଖନ୍ତୁ, ସେମାନେ ସମସ୍ତେ ସେଠାରେ ସେହି ସମାନ କାଦୁଅ ଜଳରୁ ନିଶ୍ୱାସ ନେଉଅଛନ୍ତି । ସେମାନେ ସମସ୍ତେ ସେହି ସମାନ ଗହ୍ୱରରୁ ନିଶ୍ୱାସ ନେଉଛନ୍ତି । ତାହା ଠିକ୍ । "ଆମେ ସମସ୍ତେ ତିଆରି କଲୁ...ସେହି ସମାନ ଆତ୍ମିକ ଶୈଳରୁ ପାନ କଲୁ । ସମସ୍ତେ ପ୍ରାନ୍ତରରେ ମାନ୍ନା ଭୋଜନ କଲୁ ।" କାଲେବ ଏବଂ ଯିହୋଶୂୟ ସେହି ସମାନ ମାନ୍ନା ଭୋଜନ କରିଥିଲେ ଯାହା—ଯାହା ଅବଶିଷ୍ଟ ଅନ୍ୟମାନେ ଭୋଜନ କରିଥିଲେ । ଏବଂ ସେମାନେ ସମସ୍ତେ ପ୍ରାନ୍ତରରେ ପତିତ ହୋଇଗଲେ । ମାତ୍ର ସେଠାରେ ଦୁଇଜଣ ଆରପାରିକୁ ଯିବା ହେତୁ ମନୋନୀତ ହୋଇଥିଲେ, ଏବଂ ସେମାନେ ଗଲେ । ତାହା ଠିକ୍ ଅଟେ ।

432 "ଆମେମାନେ ସମସ୍ତେ ସେହି ସମାନ ନିର୍ଝରରୁ ପାନ କରିଥିଲୁ ।" କିନ୍ତୁ ସେହି ସମସ୍ତ ଯେଉଁମାନେକି ପାନ କରିଥିଲେ ରକ୍ଷା ପାଇଲେ ନାହିଁ । ଆମେମାନେ ସମସ୍ତେ ଏକାଠି ଚିତ୍କାର କରିଥିଲୁ । ଆମେ ସମସ୍ତେ ଏକାଠି ଆନନ୍ଦିତ ହୋଇଥିଲୁ । ମାତ୍ର ମନୋନୀତମାନେ ହିଁ ରକ୍ଷାପ୍ରାପ୍ତ ହୋଇଥିଲେ । କଅଣ ଆପଣମାନେ ଧ୍ୟାନ ଦେଲେ କି? ଏହା କୁହେ, "ଶେଷ ଦିନରେ, ଏହି ଦୁଇଟି ଆତ୍ମା, ଏତେ ନିକଟବର୍ତ୍ତୀ ହେବେ ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ପ୍ରତାରଣା କରି ଦେବ," *ଯଦି ସମ୍ଭବ ହୁଏ ।* ବୁଝିଲେ? ତାହା ହେଉଛି ପରମେଶ୍ୱରଙ୍କ ପ୍ରକୃତ ଆତ୍ମା, ଅନନ୍ତ ଜୀବନ ପାଇଁ ମନୋନୀତ ହୋଇଅଛି ।

433 ବର୍ତ୍ତମାନ ଆମେମାନେ ଶେଷ କରୁଅଛୁ । ତାହାପରେ ଭାଇ ନେଭିଲ୍ ସେହିଠାରୁ ନେବେ ଯେଉଁଠାରେ ମୁଁ ଏହାକୁ ଛାଡି ଦେଇଥିବି । ଠିକ୍ ଅଛି ।

> *ମୋହର ଭାବ ଏହି, ଯେଉଁ ନିୟମ, ପରମେଶ୍ୱରଙ୍କ କର୍ତ୍ତୃକ ପୂର୍ବରୁ ସ୍ଥିରୀକୃତ ହୋଇଥିଲା, ଚାରି ଶ ବର୍ଷ ପରେ, ଦତ୍ତ ବ୍ୟବସ୍ଥା ଥିଲା, ଚାରି ଶ ତିରିଶ ବର୍ଷ ପରେ, ଦତ୍ତ ବ୍ୟବସ୍ଥା ତାହା ବ୍ୟର୍ଥ କରେ ନାହିଁ, ଯେପରି ତଦ୍ୱାରା ପ୍ରତିଜ୍ଞା ନିଷ୍ଫଳ କରାଯାଏ ।*

ତାହା ସେହି ପ୍ରତିଜ୍ଞା ଥିଲା ଯାହାକି ପରମେଶ୍ୱର ଅବ୍ରହାମଙ୍କୁ ଦେଇଥିଲେ, ଏହା ପୂର୍ବେକି ବ୍ୟବସ୍ଥା କେବେ ଲୋକଲୋଚନକୁ ଆସିଥିଲା ।

> *କାରଣ ଅଧିକାର ଯଦି—ଯଦି ବ୍ୟବସ୍ଥାମୂଳକ ହୁଏ, ତେବେ ତାହା ଆଉ ପ୍ରତିଜ୍ଞାମୂଳକ ନୁହେଁ: କିନ୍ତୁ ପରମେଶ୍ୱର ପ୍ରତିଜ୍ଞା ଦ୍ୱାରା ଅବ୍ରହାମଙ୍କୁ ତାହା ଦାନ କରିଅଛନ୍ତି ।*

ଆପଣ ଯାହା କରନ୍ତି ତାହା ଦ୍ୱାରା ନୁହେଁ, କୌଣସି ବ୍ୟବସ୍ଥା ଦ୍ୱାରା ନୁହେଁ, ଆପଣଙ୍କ ମଣ୍ଡଳୀର କୌଣସି ବ୍ୟବସ୍ଥା ଦ୍ୱାରା ନୁହେଁ, ମଣ୍ଡଳୀରେ ଯୋଗ ଦେବା ଦ୍ୱାରା ନୁହେଁ, କିମ୍ୱା ଅନ୍ୟ କୌଣସି ବ୍ୟବସ୍ଥା ଦ୍ୱାରା ନୁହେଁ । ଏହା ତ ଆପଣଙ୍କ ପାଇଁ, ସମ୍ପୂର୍ଣ୍ଣ ଭାବେ ପରମେଶ୍ୱରଙ୍କର ଏକ ଅନୁଗ୍ରହର କାର୍ଯ୍ୟ ଅଟେ । ସେଠାରେ ଆପଣ ଅଛନ୍ତି ।

434 ଦେଖନ୍ତୁ ।

*ତେବେ ବ୍ୟବସ୍ଥା କାହିଁକି ଦତ୍ତ ହେଲା? ଯେଉଁ ସନ୍ତାନଙ୍କୁ ଲକ୍ଷ୍ୟ କରି ପ୍ରତିଜ୍ଞା କରାଯାଇଥିଲା, ତାହାଙ୍କ ନ ଆସିବା ପର୍ଯ୍ୟନ୍ତ ତାହା ଆଜ୍ଞାଲଂଘନ ହେତୁ ଯୋଗ କରାଗଲା;...*

କଅଣ ତାହା ସେତିକି ସରଳ ନୁହେଁ କି ଯେତିକି ସରଳ ମୋ ମୁହଁରେ ନାକ ଅଛି? "ଯେଉଁ ସନ୍ତାନଙ୍କୁ ଲକ୍ଷ୍ୟ କରି ପ୍ରତିଜ୍ଞା କରାଯାଇଥିଲା, ଯାହାକି ଖ୍ରୀଷ୍ଟ ଥିଲେ, ଯାହାଙ୍କ ପାଇଁ ପ୍ରତିଜ୍ଞା କରାଯାଇଥିଲା, ତାହାଙ୍କ ନ ଆସିବା ପର୍ଯ୍ୟନ୍ତ ତାହା ଯୋଗ କରାଗଲା ।"

*...ପୁଣି ତାହା ଦୂତମାନଙ୍କ ଦ୍ୱାରା ଜଣେ ମଧ୍ୟସ୍ଥଙ୍କ ହସ୍ତରେ ସ୍ଥାପିତ ହୋଇଥିଲା ।*

*ମଧ୍ୟସ୍ଥ ଗୋଟିଏ ପକ୍ଷର ପ୍ରତିନିଧି ନୁହଁନ୍ତି, କିନ୍ତୁ ପରମେଶ୍ୱର ଏକ ।*

435 ତେବେ, ମୁଁ ଠିକ ଏଠାରେ ଛାଡୁଅଛି, ଯେପରିକି ଆସନ୍ତା ବୁଧବାର ପାଇଁ, ଠିକ ସେଠାରୁ ଭାଇ ନେଭିଲ ଆରମ୍ଭ କରନ୍ତି ।

436 ତେବେ କଅଣ ଆପଣମାନେ ବୁଝିଲେ ଯାହା ଆମେମାନେ କହିଅଛୁ? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ନୂତନ-ଜନ୍ମ ହୋଇଥିବା ଜଣେ ଖ୍ରୀଷ୍ଟିଆନଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ଅସାଧ୍ୟ ଅଟେ ଯେ...ମୋର ଅଭିପ୍ରାୟ ନୁହେଁ ଯେ, ବର୍ତ୍ତମାନ, ସେ ନିଜକୁ, "ନୂତନ-ଜନ୍ମ" ବୋଲି କୁହନ୍ତି । ମୋର ଅଭିପ୍ରାୟ, ଜଣେ ପ୍ରକୃତ, ନୂତନ-ଜନ୍ମ ପାଇଥିବା ଖ୍ରୀଷ୍ଟିଆନଙ୍କ ପାଇଁ, କେବେ ବି ଅନୁଗ୍ରହରୁ ପତିତ ହେବା, ସେ ତାହା କରିପାରନ୍ତି ନାହିଁ । ସେ ପତିତ ହୋଇପାରନ୍ତି, ତାହା ଠିକ୍, ମାତ୍ର ସେ ସେହି ଅନୁଗ୍ରହରୁ, କେବେବି, ବାହାର ହୋଇପାରନ୍ତି ନାହିଁ ।

ଅବ୍ରହାମ ଅନୁଗ୍ରହରୁ ପତିତ ହୋଇଗଲେ । ନିଶ୍ଚିତରେ, ସେ ହୋଇଥିଲେ । ପରମେଶ୍ୱର ତାଙ୍କୁ "ସେଠାରେ ରହିବା" ପାଇଁ କହିଥିଲେ । ସେ ଏଥିରୁ ବାହାରିଗଲେ, ମାତ୍ର ସେ କେବେବି ତାଙ୍କର ନିୟମକୁ ହରାଇ ନ ଥିଲେ । ସେ ତଥାପି ପରମେଶ୍ୱରଙ୍କ ମନୋନୀତ ଥିଲେ । ସେ ସେଠାରେ ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ବସି ରହିଥିଲେ । ସେ ସର୍ବଦା ଥିଲେ । ସେ ସର୍ବଦା ପରମେଶ୍ୱରଙ୍କ ରହିବେ ।

437 ତେବେ ଧ୍ୟାନ ଦିଅନ୍ତୁ । ବାଇବଲ କୁହେ, ଯେ, "ସମଗ୍ର ଇସ୍ରାଏଲ ଉଦ୍ଧାର ପାଇବେ ।" କେତେ ଜଣ ତାହା ଜାଣନ୍ତି? ବାଇବଲ କୁହେ, "ସମସ୍ତ ଇସ୍ରାଏଲ ରକ୍ଷା ପାଇବେ ।" ତେବେ, "ଇସ୍ରାଏଲ ସେହି ଇସ୍ରାଏଲର ନୁହେଁ ଯାହାକି ଶରୀର ଅନୁସାରେ ଅଟେ, କିନ୍ତୁ ଆତ୍ମାରେ ଇସ୍ରାଏଲ୍, ଯେହେତୁ ଦାନସମୂହ ଏବଂ ଆହ୍ୱାନ ଅନ୍ୟଥା ହୁଏ ନାହିଁ ।" କଅଣ ଏହା ତାହା ନ ଥିଲା କି ଯାହା ବାଇବଲ, ଠିକ ତାର ପରବର୍ତ୍ତୀ ପଦରେ କୁହେ? ଗାଲାତୀୟ । ଠିକ୍ ଅଛି । "ସମସ୍ତ ଇସ୍ରାଏଲ ଉଦ୍ଧାର ପାଇବେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଉଦ୍ଧାର ପାଇବେ ।" ଆମେମାନେ କିପରି ଇସ୍ରାଏଲ୍ ହେବା? "ଖ୍ରୀଷ୍ଟଙ୍କଠାରେ ମୃତ ହୋଇ, ଅବ୍ରହାମଙ୍କ ବଂଶକୁ ଗ୍ରହଣ କରୁ, ଏବଂ ପ୍ରତିଜ୍ଞା ଅନୁଯାୟୀ ଆମେ ଉତ୍ତରାଧିକାରୀ ଅଟୁ ।"

438 ପାଉଲ କହିଲେ, "କାରଣ ବାହାରେ ଯେ ଯିହୁଦୀ, ସେ ଯିହୁଦୀ ନୁହେଁ, କିନ୍ତୁ ଅନ୍ତରରେ ଯେ ଯିହୁଦୀ, ସେ ଯିହୁଦୀ, ସେହି ପ୍ରତିଜ୍ଞାତ ଜଣ।" ଏବଂ ଆମେମାନେ ପ୍ରତିଜ୍ଞା ଦ୍ୱାରା, ଖ୍ରୀଷ୍ଟଙ୍କ ଜରିଆରେ, ତାହାଙ୍କୁ ଆମର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ଦ୍ୱାରା, ଅବ୍ରହାମଙ୍କ ସନ୍ତାନ ଅଟୁ।

439 ଓଃ, ମୁଁ ଆଶା କରେ ଯେ ଆପଣ ଏହା ଦେଖନ୍ତି। ମୁଁ ଆଶା କରେ ଯେ ଆପଣ ଏହା ବୁଝନ୍ତି, ଯଦି ଆପଣ ଏହା ସହିତ ଅଳ୍ପ ସମୟ ପାଇଁ ରହିପାରନ୍ତି। ତେବେ ଏଠାରେ ଆମେ ଏହାକୁ ସମାପ୍ତ କରିବା, ତାହାପରେ ଆମେ ମଲ୍‌କୀଷେଦକ ଉପରେ ଆରମ୍ଭ କରିବା, ଯାହାକି ପୁନର୍ବାର ଏହି ବିଷୟ ନିକଟକୁ ଫେରାଇ ଆଣିଥାଏ। ଆମେମାନେ ଠିକ୍ ଆରମ୍ଭ କରିବା... ଓଃ, ଏହା ତ ଠିକ୍, ସମଗ୍ର ବିଷୟ ଅଦ୍ଭୁତ ଅଟେ। ମାତ୍ର ଆମେମାନେ କେବଳ ସେହି ଲହୁଣୀ ବିଷୟ ଭିତରକୁ ଯାଉଅଛୁ।

440 ତେବେ, ଦେଖନ୍ତୁ, ଯଦି ଆପଣ ଏହାକୁ *ଏଠାରେ* ନେବେ, ଏହା ଏପରି ଦେଖାଯାଏ, ଯଦି ଆପଣ ଏହାକୁ କେବଳ ପର୍ଯ୍ୟବେକ୍ଷଣରୁ ପାଠ କରିପାରିବେ, ଯେପରିକି ଜଣେ ପ୍ରକୃତ କଠୋର ତ୍ରିତ୍ତ୍ୱ ବ୍ୟକ୍ତି, ଯିଏକି ବିଶ୍ୱାସ କରନ୍ତି ଯେ ତିନୋଟି ପରମେଶ୍ୱର ଅଛନ୍ତି, ଥରେ ମୋତେ କହିଲେ, ଯେ, "ମାଥିଉ 3 ସମ୍ପୂର୍ଣ୍ଣ ଭାବରେ ଘୋଷଣା କରିଥିଲା ଯେ ସେଠାରେ ପରମେଶ୍ୱରତ୍ୱରେ ତିନି, ତିନି ଜଣ ବ୍ୟକ୍ତି ଅଛନ୍ତି।"

441 ମୁଁ କହିଲି, "ମୁଁ ଏହା ଦେଖିବାକୁ ପାଇଲି।"

442 ସେ କହିଲେ, "ଦେଖନ୍ତୁ।" ଠିକ ଏହି ପ୍ରଚାର ମଞ୍ଚରୁ ଛିଡା ହୋଇ, ସେ କହିଲେ, "ଏଠାରେ ଦେଖ, ମାଥିଉ 3," କହିଲେ, "'ଯେତେବେଳେ ଯୀଶୁ ଜଳରୁ ସିଧା ବାହାରକୁ ଆସିଲେ, ଦେଖ, ତାଙ୍କ ପ୍ରତି ଆକାଶ ଉନ୍ମୁକ୍ତ ହେଲା, ଏବଂ ସେ ପରମେଶ୍ୱରଙ୍କ ଆତ୍ମାକୁ ଏକ କପୋତ ପରି ଦେଖିଲେ। ଏବଂ ସ୍ୱର୍ଗରୁ ଏକ ବାଣୀ କହିଲା, "ଏହା ମୋର ପ୍ରିୟ ପୁତ୍ର, ଯାହାଙ୍କଠାରେ ମୁଁ ଅତି ପ୍ରସନ୍ନ ଅଟେ।"' ଏବଂ ସେଠାରେ ତିନିଜଣ ଥିଲେ: ନଦୀ କୂଳରେ ପୁତ୍ର; ମଝିରେ ପବିତ୍ରଆତ୍ମା; ଏବଂ ପିତା ଉପରେ।"

ମୁଁ କହିଲି, "ଭାଇ, ଶାସ୍ତ୍ର *ତାହାକୁ* ସେହିପରି ପାଠ କରେ ନାହିଁ।"

"ଓଃ, ହଁ ଏହା କରେ!"

ମୁଁ କହିଲି, "ବର୍ତ୍ତମାନ ଏହାକୁ ପୁଣିଥରେ ପାଠ କରନ୍ତୁ, ଖୋଜି ଦେଖନ୍ତୁ ଯେ ଏହା କରେ କି ନାହିଁ।"

443 ତେବେ, ଏଠାରେ ତାଙ୍କର ଚିତ୍ର ଅଛି। *ଏଠାରେ* ପରମେଶ୍ୱର, ସେହି ପୁତ୍ର ଅଛନ୍ତି; *ସେଠାରେ* ପରମେଶ୍ୱର, ସେହି ପିତା ଅଛନ୍ତି; *ଏଠାରେ* ପରମେଶ୍ୱର, ସେହି ପବିତ୍ରଆତ୍ମା, ଏକ କପୋତ ପରି ଅଛନ୍ତି। ତେବେ ଦେଖନ୍ତୁ। ବାଇବଲ କୁହେ, ଯେତେବେଳେ ଯୀଶୁ ବାପ୍ତିଜିତ ହେଲେ, "ପୁତ୍ର ସିଧାସଳଖ ଜଳ ଭିତରୁ ବାହାରି ଆସିଲେ, ଦେଖ, ତାଙ୍କ ଉପରେ ଆକାଶ ଉନ୍ମୁକ୍ତ ହୋଇଗଲା। ଏବଂ ଏକ ସ୍ୱର କହିଲା..." ସେ ପରମେଶ୍ୱରଙ୍କ ଆତ୍ମା,

ପରମେଶ୍ୱରଙ୍କ ଆତ୍ମାଙ୍କୁ, ଏକ କପୋତ ପରି ଦେଖିଲେ। *ସେଠାରେ* କୌଣସି ଅନ୍ୟ ଜଣେ ବ୍ୟକ୍ତି ନୁହଁନ୍ତି, ମାତ୍ର ପରମେଶ୍ୱରଙ୍କ ଏହି ଆତ୍ମା ସେହି କପୋତ ଥିଲେ ଯାହାକି ତାହାଙ୍କ ଉପରେ ଥିଲା, ଏବଂ ଏକ ବାଣୀ କହୁଥିବାର, ଆସିଲା, "ଏହା ମୋର ପ୍ରିୟ ପୁତ୍ର, ଯାହାଠାଙ୍କରେ ବାସ କରିବାକୁ ମୁଁ ଅତି ପ୍ରସନ୍ନ ଅଟେ।" ତେବେ ମାଥିଉ ୩ ପାଠ କରନ୍ତୁ ଏବଂ ଦେଖନ୍ତୁ ଯେ ଏହା ତାହା କୁହେ କି ନୁହେଁ। ବୁଝିଲେ? ତିନି ଜଣ ବ୍ୟକ୍ତି ନୁହଁନ୍ତି, ଆଦୌ ନୁହେଁ।

444 ଏବଂ ତାହାହିଁ ହେଉଛି ସେହି ମାର୍ଗ...ଏହା ତାହା କୁହେ ନାହିଁ ଯେ ଜଣେ ପୁରୁଷ ପାଇଁ କେବେ ଫେରିବା ଅସମ୍ଭବ ଅଟେ, ତେବେ, ଯେତେବେଳେ ସେ ବିପଥଗମନ କରିଥାନ୍ତି। ଏହା ତାହା କୁହେ ନାହିଁ। ଏହା ତାହା କୁହେ ନାହିଁ। ଏହା କୁହେ, "ଜଣେ ବ୍ୟକ୍ତି ସେଠାରେ ଥରେ ରହିବା ପରେ, ସେହି ବ୍ୟକ୍ତିଙ୍କ ନିମନ୍ତେ ଫେରି ଆସି ନିଜକୁ ନୂତନୀକୃତ କରିବା ଅସମ୍ଭବ ଅଟେ।" ସେ ଏହା କରିପାରେ ନାହିଁ।

445 ବାଇବଲ କୁହେ, "ଯିଏ ପରମେଶ୍ୱରଙ୍କଠାରୁ ଜନ୍ମ ହୋଇଅଛି, ସେ ପାପ କରେ ନାହିଁ, କାରଣ ସେ ପାପ କରିପାରେ ନାହିଁ। କାରଣ ପରମେଶ୍ୱରଙ୍କ ବୀଜ ତାଙ୍କଠାରେ ରହିଥାଏ, ଏବଂ ସେ ପାପ କରିପାରେ ନାହିଁ। ମୁଁ କିପରି ଏକ ପାପୀ ବୋଲି କୁହାଯାଇପାରେ, ଯେତେବେଳେ ମୋର ସ୍ଥାନ ନେବା ପାଇଁ ସେଠାରେ ଏକ ବଳିଦାନ ଅଛି? ମୁଁ କିପରି ମରିପାରେ, ଯେତେବେଳେ ମୋ ପାଇଁ ମୃତ୍ୟୁର ମୂଲ୍ୟ ପ୍ରଦାନ କରାଯାଇଅଛି? ମୁଁ କିପରି ମରିପାରେ, ଯେତେବେଳେ ମୁଁ ଅନନ୍ତ ଜୀବନ ପାଇଅଛି? ମୁଁ ଏହା କିପରି କରିପାରେ? ଆପଣ ଏହା କରିପାରନ୍ତି ନାହିଁ।

446 ମୁଁ କିପରି ଏହି ସହରର ନଗରାଧ୍ୟକ୍ଷଙ୍କଠାରୁ ଏକ ଲିଖିତ ଅନୁମତି ପାଇପାରେ, ଯେ ଏହି ସହର ଦେଇ ଘଣ୍ଟାକୁ ଷାଠିଏ ମାଇଲ ଗାଡି ଚଲାଇପାରେ, ଏବଂ କୌଣସି ଅଧିକାରୀ ଘଣ୍ଟାକୁ ଷାଠିଏ ମାଇଲ ଗାଡି ଚଲାଇବା ପାଇଁ ମୋତେ ଗିରଫ କରିପାରନ୍ତି? ଆପଣ ଏହା କିପରି କରିପାରନ୍ତି? ମୁଁ ନଗରାଧ୍ୟକ୍ଷଙ୍କଠାରୁ ଏକ ଅନୁମତି ପାଇଅଛି ଯାହାକି କୁହେ ଯେ ମୁଁ ତାହା କହିପାରେ। ସେ ମୋତେ ଗିରଫ କରିପାରନ୍ତି ନାହିଁ। ତାଙ୍କର—ତାଙ୍କର ଗିରଫ ହେବା, ସେ ସିଟି ଏବଂ ଅନ୍ୟାନ୍ୟ ସବୁକିଛି ବଜାଇ ପାରନ୍ତି, ଏବଂ ମୁଁ ଏହାକୁ ଅଣଦେଖା କରିପାରେ। ଏହାର କୌଣସି ଅର୍ଥ ନୁହେଁ; ମୋ ପାଖରେ ଏକ ଅନୁମତି ଅଛି।

447 ଏବଂ ମୁଁ କିପରି ଭାବରେ, ତାହାହେଲେ, ଯେତେବେଳେକି ଖ୍ରୀଷ୍ଟ ମୋ ପାଇଁ ମରିଛନ୍ତି ଏବଂ ତାହାଙ୍କର ଅନୁଗ୍ରହ ଓ ମୋ ପାଇଁ ପ୍ରେମ ହେତୁ ମୁଁ ତାହାଙ୍କର ଧାର୍ମିକତା ହୋଇ ଯାଇଅଛି? ଯେତେବେଳେ ମୋର ଏବଂ ପରମେଶ୍ୱରଙ୍କ ମଧ୍ୟରେ, ଏକ ବଳିଦାନ ଅଛି, ସେତେବେଳେ ମୁଁ କିପରି ଭାବରେ ପାପ କରିପାରେ? ମୁଁ ପାପ କରିପାରେ ନାହିଁ। ଏହା କରିପାରେ ନାହିଁ। ପରମେଶ୍ୱର ମୋତେ କଦାପି ଦେଖନ୍ତି ନାହିଁ; ସେ ତ ଖ୍ରୀଷ୍ଟଙ୍କୁ ଦେଖନ୍ତି। ସେ ମୋ ସ୍ଥାନରେ ଛିଡା ହୋଇଛନ୍ତି। ଏବଂ ଯେତେବେଳେ ମୁଁ କିଛି ଗୋଟାଏ ଭୁଲ କରେ, ଖ୍ରୀଷ୍ଟ ମୋର ସ୍ଥାନ ନେଇ ନିଅନ୍ତି। ମୁଁ ମୋର ସ୍ୱୀକାରୋକ୍ତି କରେ, "ମୁ ଭୁଲ ଅଟେ। ସେ

ଠିକ୍ ଅଟନ୍ତି । ପ୍ରଭୁ, ତୁମେ ମୋର ହୃଦୟ ଜାଣିଛ । ତୁମେ ଜାଣ ଯେ ମୋର ଏହା କରିବାର ଅଭିପ୍ରାୟ କି ନୁହେଁ । ଏବଂ ମୁଁ ଭୁଲ୍ ଅଟେ । ମୋତେ କ୍ଷମା କର ।" ପରମେଶ୍ୱର ଏହାକୁ କଦାପି ଦେଖନ୍ତି ନାହିଁ । ଯୀଶୁଙ୍କ ରକ୍ତ ମୋତେ, ସବୁବେଳେ ଆଚ୍ଛାଦନ କରି ରହିଥିଲା । ତାହାହେଲେ ପରମେଶ୍ୱର ମୋତେ କିପରି କେବେ ଦେଖିପାରନ୍ତି? ପାପ କିପରି—କିପରି ଭାବରେ ମୋ ଉପରେ ଗଣନା କରାଯାଇପାରେ, ଯେତେବେଳେକି ସେ ତାହା କରିପାରନ୍ତି ନାହିଁ? ଠିକ ଯେତେବେଳେ ମୁଁ ଏହାକୁ କରେ, ଏହାକୁ କ୍ଷମା କରାଯାଇଥାଏ । [ଭାଇ ବ୍ରାନହାମ୍ ତାଙ୍କ ଆଙ୍ଗୁଳି ଟିପନ୍ତି—ସମ୍ପା ।] ତାହା ଠିକ୍ ଅଟେ ।

448 ଠିକ ଏହିପରି ଏକ—ଏକ ଛୋଟ ଡ୍ରପର୍ ନେବା, ଏକ ଛୋଟ ଆଖି-ଡ୍ରପର, ଏବଂ ଏହାକୁ କଳା ସ୍ୟାହୀରେ ଭର୍ତି କରି ଦିଅନ୍ତୁ ଏବଂ ତାହାକୁ ଏକ ବାଲ୍‌ଟୀ ବିରଞ୍ଜକ ଉପରେ ଧରି ରଖନ୍ତୁ, ଏବଂ ଏହାକୁ ସେଥିରେ ପକାଇ ଦିଅନ୍ତୁ, ଏବଂ ତାହାପରେ ଏହାକୁ ପୁନର୍ବାର ଖୋଜିବାକୁ ଚେଷ୍ଟା କରନ୍ତୁ । ଏହା ତ ଠିକ ସେହି ବିରଞ୍ଜକରେ ପରିବର୍ତ୍ତିତ ହୋଇଯାଏ । ସେହି ସ୍ୟାହୀ ବିରଞ୍ଜକରେ ପରିବର୍ତ୍ତିତ ହୋଇଯାଏ । ଏବଂ ତାହାହିଁ ଅଟେ ଯାହାକି, ଆପଣଙ୍କର ଅଙ୍ଗୀକୃତ ପାପଗୁଡିକ ଅଟେ, ଯଦି ଆପଣ ଖ୍ରୀଷ୍ଟଙ୍କଠାରେ ଅଛନ୍ତି । ଆପଣଙ୍କ ଏବଂ ପରମେଶ୍ୱରଙ୍କ ମଧ୍ୟରେ ବିରଞ୍ଜକର ଏକ ପୁରା ବାଲ୍‌ଟୀ ଅଛି, ଏବଂ ଆପଣଙ୍କର ପାପ ଧାର୍ମିକ ହୋଇଯାଏ କାରଣ ଏକ ଧାର୍ମିକ ବଳିଦାନ ଆପଣଙ୍କ ପାଇଁ ଅପେକ୍ଷା କରୁଅଛି ।

> ଯେତେବେଳେ ମୁଁ ଦିନର ଶେଷରେ ନଦୀକୁ ଆସେ,
> ଏବଂ ଦୁଃଖର ଶେଷ ଆହୁଲା ପ୍ରବାହିତ ହୋଇ ସାରିଥାଏ;
> ଗୋଟିଏ ଭାବନା ଥାଏ ଯାହାକି ମୋତେ ଉଲ୍ଲସିତ କରିଥାଏ ଏବଂ
> ମୋର ହୃଦୟକୁ ଆନନ୍ଦିତ କରିଥାଏ,
> ମୋତେ ଏକାକୀ ଯର୍ଦନ ପାର ହେବାକୁ ପଡିବ ନାହିଁ ।

449 ତାହାହିଁ ଗୋଟିଏ ଭଲ କଥା ଅଟେ । ତାହାହିଁ ଗୋଟିଏ ଭଲ କଥା ଅଟେ । ମୋତେ ଏହାକୁ ଅତିକ୍ରମ କରିବାକୁ ପଡିବ ନାହିଁ । ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ, ଆମେ ମାର୍ଗର ଶେଷକୁ ଓହ୍ଲାଇ ଆସୁଅଛୁ । ସୂର୍ଯ୍ୟ ଉଜ୍ଜ୍ୱଳ ହେବାକୁ ନାସ୍ତି କରିଦେବ, ତାହାପରେ ପରମେଶ୍ୱର ଡାକରା ଦେବେ ।

450 ଆଦମ ପହଞ୍ଚି ହବାଙ୍କୁ ଜାଗ୍ରତ କରାଇବେ ଏବଂ କହିବେ, "ପ୍ରିୟେ, ଏଠାରେ ତାହା ଅଟେ । ଜାଗ୍ରତ ହେବାର ସମୟ ଆସି ଯାଇଛି ।"

451 ହବା ପହଞ୍ଚି ହେବଲକୁ ନେବେ, କହିବେ, "ପ୍ରିୟ, ଆସ । ଜାଗ୍ରତ ହେବାର ସମୟ ଆସି ଯାଇଛି ।" ହେବଲ ଯାଇ ଶେଥକୁ ନେବେ । ଏବଂ ଶେଥ ଯାଇ ନୋହଙ୍କୁ ନେବେ । ନୋହ ଯାଇ ନେବେ...ଓଃ, ତଳେ, ତଳେ ଅବ୍ରହାମ ପର୍ଯ୍ୟନ୍ତ, ଏବଂ ତଳ ପର୍ଯ୍ୟନ୍ତ ଯେତେବେଳେ ସେମାନେ ଆସିବେ । ପରମେଶ୍ୱରଙ୍କ ପୁତ୍ର ଯେତେବେଳେ ଆସିବେ ସେତେବେଳେ ସେଠାରେ ଏକ ବଡ଼ କମ୍ପନ ଏବଂ ଜାଗରଣ ହେବ । ଆମେମାନେ ସେହି ଦିନ ତାହାଙ୍କ

ସାଦୃଶ୍ୟତାରେ ଛିଡା ହେବୁ ।

452 ତେବେ, ଯଦି ଆପଣ ଏଠାରେ ପାପ କରନ୍ତି, ଆପଣ ତାହା ପାଇଁ ମୂଲ୍ୟ ପରିଶୋଧ କରିବାକୁ ଯାଉଛନ୍ତି । ମୁଁ ଅଛି...

453 ଏହା କେବଳ ମୋ ମନକୁ ଆସିବାର ଜାରି ରଖେ, ମୋତେ ଏହା କହିବାକୁ ହିଁ ପଡିବ । ମୁଁ ଏହାକୁ ଚାରି କିମ୍ବା ପାଞ୍ଚ ଥର, କ୍ଷାନ୍ତ କରିବାକୁ ଚେଷ୍ଟା କରିଛି । ମୋତେ ଏହା କହିବାକୁ ପଡିବ । କେତେ ଜଣ ଏହି ଭାଇ, ପାଳକଙ୍କୁ ମନେ ରଖିଛନ୍ତି, ଯିଏକି ଏଠାରେ ଚର୍ଚ୍ଚ ଅଫ ଗଡ଼ରେ ରହିଥିଲେ? ଭାଇ, ଠିକ୍ ଏଠାରେ ଉପରେ, ତାଙ୍କର ନାମ କଅଣ ଥିଲା? ସେଠାରେ ତଳେ ଭୋର୍ଗଙ୍ଗ ପାଇଁ କାମ କରୁଥିଲେ । ଓଃ, ଆପଣ ସମସ୍ତେ...ସେହି ପ୍ରଥମ ଚର୍ଚ୍ଚ ଅଫ ଗଡ଼, ଠିକ୍ ଏଠାରେ କୋଣରେ । କିମ୍ବା, ଅବସାଦର ସେହି—ର ସେହି ସମୟରେ ରାୱଲେଗ ବିକ୍ରୟ କରୁଥିଲେ । ଜଣେ ପ୍ରକୃତ ଧାର୍ମିକ, ସାଧୁ ବ୍ୟକ୍ତି ଥିଲେ । ଭାଇ ସ୍ମିଥ୍ ସେଠାରେ ଉପରେ ତାଙ୍କ ସ୍ଥାନକୁ ନେଇଥିଲେ । ମୁଁ କିଛି ମିନିଟରେ ତାଙ୍କ ନାମକୁ କହିବି । ସେ ଜଣେ ପରମେଶ୍ୱରଙ୍କ-ଉଦ୍ଧାର ପ୍ରାପ୍ତ ବ୍ୟକ୍ତି ଥିଲେ ।

454 ମନେରଖନ୍ତୁ, ଯଦି ଆପଣ ସଂଶୋଧନକୁ ଗ୍ରହଣ ନ କରିବେ, ଏବଂ ଆପଣ ଜଣେ ଖ୍ରୀଷ୍ଟିଆନ ଭାବରେ କିଛି ଭୁଲ୍ କରିବେ, ପରମେଶ୍ୱର ଆପଣଙ୍କୁ ଚେତାବନୀ ଦେବେ । ଏବଂ ତାହାପରେ ଯଦି ଆପଣ ଚେତାବନୀ ଗ୍ରହଣ ନ କରିବେ, ତେବେ ସେ ଆପଣଙ୍କୁ ପୃଥିବୀରୁ ଠିକ ଉଠାଇ ନେବେ । ତାହାହିଁ ଅଟେ ଯାହାକି ସେ କରିଥିଲେ ।

455 କଅଣ ଆପଣଙ୍କର ବାଇବଲରେ, ମନେ ଅଛି କି? ସେହି କରିନ୍ଥୀୟ ମଣ୍ଡଳୀକୁ ଦେଖନ୍ତୁ । ସେ ସେମାନଙ୍କୁ କହିଥିଲେ ଯେ ସେମାନଙ୍କର, ଖ୍ରୀଷ୍ଟଙ୍କଠାରେ, କଅଣ ସ୍ଥାନ ଥିଲା । ମାତ୍ର ସେ ସେମାନଙ୍କୁ ସେହି ବିଷୟରେ ଚେତାବନୀ ଦେଇଥିଲେ ଯାହା ଯାହା ଘଟିବାକୁ ଯାଉଥିଲା । ଏବଂ ସେମାନେ ନିଜକୁ ସଂଶୋଧନ କରିଥିଲେ, ପରମେଶ୍ୱରଙ୍କ ସହିତରେ, ସଠିକ ହୋଇ ଯାଇଥିଲେ ।

456 ଏବଂ ଏହି ଛୋଟ ଭାଇଟି, ସେ ଜଣେ ଅଦ୍ଭୁତ ସାନ ଭାଇ ଥିଲେ, ମୁଁ ବିଶ୍ୱାସ କରେ, ଜଣେ ପରମେଶ୍ୱରଙ୍କ-ପରିତ୍ରାଣ ପ୍ରାପ୍ତ ବ୍ୟକ୍ତି ଥିଲେ । ଏବଂ ସେ ଏଠାରେ ତଳେ ନିଜ ପାଇଁ ଏକ ଚାକିରି ପାଇଥିଲେ...ଭୋର୍ଗଙ୍ଗଠାରେ । ଯଦି ତାଙ୍କର କିଛି ଲୋକ ଏଠାରେ ବସିଥିବେ, ମୁଁ ଆଶା କରେ ଯେ ଆପଣ ଏହା ଭାବୁ ନାହାଁନ୍ତି ଯେ ମୁଁ...ମୁଁ ଜାଣେ ନାହିଁ ଯଦି ଆପଣ ଏଠାରେ ବସିଛନ୍ତି କି ନାହିଁ । ମାତ୍ର, ରାମସି, ଭାଇ ରାମସି, କେତେ ଜଣଙ୍କୁ ଏଠାରେ ଉପରେ ଚର୍ଚ୍ଚ ଅଫ ଗଡରେ ଭାଇ ରାମସିଙ୍କୁ ମନେ ଅଛି? ନିଶ୍ଚିତରେ, ଆପଣଙ୍କୁ ମନେ ଅଛି, ଅଦ୍ଭୁତ ସାନ ବ୍ୟକ୍ତି ଜଣେ । ଏବଂ ସେ ମୋ ଘରକୁ ଆସନ୍ତି ଏବଂ ଆମେ ଏକାଠି କଥା ହୋଇଥାଉ, ଏବଂ ଆମେ ସେଠାରେ ବସି କାନ୍ଦିଥାଉ ଏବଂ ପରସ୍ପରର ହାତ ଧରିଥାଉ; ଜଣେ ପ୍ରକୃତ ଖ୍ରୀଷ୍ଟିଆନ ।

457 ଦିନେ ମୁଁ ସେଠାରେ ତାଙ୍କ ପାଖକୁ ଗଲି, ଠିକ ବିଦେଶରୁ ଏକ ସଭା କରି ଆସିଥିଲି, ମୋର କାର୍ ଯାଞ୍ଚ କରାଇଥିଲି, ଭାଇ ରାମସି କହିଲେ, "ବିଲି, ମୁଁ ଆପଣଙ୍କ ପାଇଁ କଅଣ

କରିପାରେ?"

458 ମୁଁ କହିଲି, "ଭାଇ ରାମସି, ତାଙ୍କୁ ଯାଞ୍ଚ କରନ୍ତୁ। ତେଲ ପରିବର୍ତ୍ତନ କରନ୍ତୁ।"

459 "ଠିକ ଅଛି," ସେ କହିଲେ, "ଭଲ, ଉତ୍ତମ।" କହିଲେ, "କଅଣ ଆପଣଙ୍କର ଏକ ଭଲ ସଭା ହେଲା କି?"

460 ମୁଁ କହିଲି, "ଓଃ, ଭାଇ ରାମସି, ଏହା ଚମତ୍କାର ଥିଲା।" ମୁଁ କହିଲି, "ମୁଁ ଇଚ୍ଛା କରେ ଯଦି ଆପଣ ମୋ ସହିତ କୌଣସି ସମୟରେ ଯାଇପାରନ୍ତେ। ଆପଣ କାହିଁକି ମୋ ସହିତ ଯାଉନାହାଁନ୍ତି?"

ସେ କହିଲେ, "ମୁଁ ଆଉ ପ୍ରଭୁଙ୍କର ସେବା କରେ ନାହିଁ, ବିଲି।"

ମୁଁ ଚାରିପାଖକୁ ଅନାଇଲି, ମୁଁ କହିଲି, "ଆପଣ କଅଣ କହୁଛନ୍ତି?"

461 ସେ କେବଳ ଏକ ପ୍ରକାର କହିଲେ, "ମୁଁ ଆଉ ତାହାଙ୍କର ସେବା କରେ ନାହିଁ," ଚାଲି ଗଲେ।

462 ମୁଁ ଭାବିଲି, "ଓଃ, ସେ ତ କେବଳ କହି ଚାଲିଗଲେ।" ମୁଁ ଚାଲିଗଲି, କୌଣସି ସ୍ଥାନକୁ ଚାଲିଗଲି।

463 ଫେରି ଆସିଲି ଓ ମୋ କାରରେ ବସିପଡିଲି। ମୁଁ ଘରକୁ ଆସିଲି, ଏବଂ ମୁଁ ସେହି ବିଷୟରେ ଚିନ୍ତା କରିବାକୁ ଲାଗିଲି, "ମୁଁ ଆଉ ପ୍ରଭୁଙ୍କର ସେବା କରେ ନାହିଁ।"

464 ପ୍ରଭୁ ମୋ ହୃଦୟରେ ଫେରି ଯାଇ ପୁନର୍ବାର ତାହାଙ୍କୁ ପଚାରିବା ପାଇଁ ମୋତେ କହିଲେ। ତେଣୁକରି, ମୁଁ କହିଲି, "ମେଡା, ପ୍ରାର୍ଥନାରେ କେବଳ ଧରି ରଖ।"

465 ଏବଂ ମୁଁ ଗଲି, ଓ ମୋ କାରରେ ବସିଲି ଓ ପୁଣିଥରେ ଫେରି ଗଲି, ପୁନର୍ବାର ଅଟକି ଗଲି, ଭୋର୍ଗଙ୍କ ଭିତରକୁ ଗଲି। ମୁଁ କହିଲି, "ଭାଇ ରାମସି, ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ।"

କହିଲେ, "ଠିକ୍ ଅଛି, ବିଲି, ଏହା କଅଣ ଅଟେ?"

ମୁଁ କହିଲି, "ଆପଣ କହିଲେ, କିଛି ସମୟ ପୂର୍ବରୁ, ଯେ ଆପଣ ଆଉ ପ୍ରଭୁଙ୍କର ସେବା କରନ୍ତି ନାହିଁ। ଆପଣ ମୋତେ କେବଳ ଥଟ୍ଟା କରୁଥିଲେ, କଅଣ ନୁହେଁ କି?"

ସେ କହିଲେ, "ନା।"

ମୁଁ କହିଲି, "ଭାଇ ରାମସି, ଆପଣଙ୍କର—ଆପଣଙ୍କର ତାହା ଅଭିପ୍ରାୟ ନୁହେଁ।"

ସେ କହିଲେ, "ହଁ।"

ମୁଁ କହିଲି, "କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି ନାହିଁ କି?"

ସେ କହିଲେ, "ଯଦି ମୁଁ ତାହାଙ୍କୁ ପ୍ରେମ କରୁଥାଆନ୍ତି, ତାହାହେଲେ ମୁଁ ତାହାଙ୍କର ସେବା କରୁଥାଆନ୍ତି, କଅଣ ମୁଁ ନୁହେଁ କି, ବିଲି?" ଚାଲିଗଲେ।

ମୁଁ ଭାବିଲି, "କୁହ, ଭାଇ ରାମସି!"

କହିଲେ, "ମୁଁ ଏହା ବିଷୟରେ ଆଉ କଥାବାର୍ତ୍ତା କରିବାକୁ ଚାହେଁ ନାହିଁ।"

466 ମୁଁ ଘରକୁ ଗଲି, କକ୍ଷକୁ ଗଲି, କବାଟ ବନ୍ଦ କରିଦେଲି। ଏବଂ, ଓଃ, ଆପଣ ଜାଣନ୍ତି ଯେ ଯେ ଆପଣ କିପରି ପ୍ରକୃତରେ ଭାରଯୁକ୍ତ ଅନୁଭବ କରନ୍ତି, ଯେପରିକି ଆପଣ ଜଣେ ଶିଶୁଠାରୁ କୁକିଜକୁ କିମ୍ବା କିଛି ଗୋଟାଏ ବିଷୟକୁ ନେଇଯାଇଛନ୍ତି, ଆପଣ ଜାଣନ୍ତି। ମୁଁ—ମୁଁ ଭାବିଲି, "କଅଣ? ଏହା ହୋଇପାରେ ନାହିଁ। ନିଶ୍ଚିତରେ ଭାଇ ରାମସିଙ୍କ ସହ କିଛି ଗୋଟାଏ ଘଟିଅଛି।"

467 ଏବଂ ସେଠାରେ ଜିମି ନାମକ, ଏକ ସାନ ଅଶ୍ୱେତ ବାଳକ ଥିଲା, ସେ ଏଠାରେ ମଣ୍ଡଳୀକୁ ଆସେ। ତାଙ୍କର ଗୋଟିଏ ଗୋଡ ଅଛି, ଆପଣମାନେ ଜାଣନ୍ତି; ସେ ଏକ ପ୍ରକାର, ଛୋଟେଇ ଛୋଟେଇ ଚାଲେ। ମୁଁ ତାଙ୍କ ନାମ ଭୁଲିଯାଉଛି, ସେଠାରେ ତଳେ ଭର୍ଗୀଙ୍ଗଠାରେ କାମ କରେ, ଏକ ରେକର୍ ଚଳାନ୍ତି। ସେ ମୋତେ ଭେଟିଲେ, ଏବଂ ସେ କହିଲେ, "ଆପଣ ଜାଣନ୍ତି, ରେଭ. ବ୍ରାନହାମ୍," ସେ କହିଲେ, "ମୁଁ ଏଠାରେ ଆଖପାଖରେ ଏହି ଡାଃ. ରାମସି ବିଷୟରେ ଜାଣି ନାହିଁ।" ସେ କହିଲେ, "ମୁଁ ଅନ୍ୟ ଦିନ, ତାଙ୍କୁ କହିଲି, କହିଲି, 'ଆମେମାନେ ସମସ୍ତେ ଏଠାରେ ଆଖପାଖରେ ନିଜର ମୁହଁ ଖୋଲିବାକୁ ଡରୁଥିଲୁ।' କହିଲେ, 'ଆପଣ ଜଣେ ଧାର୍ମିକ ବ୍ୟକ୍ତି ଥିଲେ।' କିନ୍ତୁ," କହିଲେ, "ସେ ତାଙ୍କର ପ୍ରଚାରକର ଲାଇସେନ୍ସକୁ ନେଇ ଟୋକେଇ ପାଖକୁ ଗଲେ ଓ ସେଗୁଡିକୁ ଚିରିଦେଲେ, ଏବଂ ସେଗୁଡିକୁ ଟୋକେଇରେ ଫୋପାଡି ଦେଇ, କହିଲେ, 'ମୁଁ ଏହା ସହିତ ଆଉ କିଛି କରିବାକୁ ଚାହେଁ ନାହିଁ।'"

ସେ କହିଲେ, "ହେ, ମହାଶୟ!" କହିଲେ, "ଆପଣଙ୍କୁ ତାହା କରିବା ଉଚିତ୍ ନୁହେଁ।"

ସେ କହିଲେ, "ଓଃ, ଜିମ୍, ମୁଁ ପ୍ରଭୁଙ୍କର ସେବା କରିବାରୁ କ୍ଷାନ୍ତ ହୋଇସାରିଛି।"

ତେଣୁ ସେ ଆଗକୁ, କହିଲେ, "ଆପଣଙ୍କର ତାହା ଅଭିପ୍ରାୟ ନୁହେଁ।"

468 ଏବଂ କହିଲେ, "ତାହାପରେ ସେ ମୋତେ କହିଲେ, କହିଲେ ଯେ ଶ୍ରମ ଦିବସରେ, ସେ ତାଙ୍କର ଭାଲ୍‌ଭଗୁଡିକ ସଠିକ କରିବାକୁ ଆସୁଛନ୍ତି," ମୁଁ ବିଶ୍ୱାସ କରେ ଯେ ଏହା ଥିଲା। "ଏବଂ ସେ କହିଲେ, 'ତେବେ, ମୁଁ ଚାହେଁ ଯେ ତୁମେ ଆସି ମୋତେ ସାହାଯ୍ୟ କର, ଜିମ୍।'"

469 ସେ କହିଲେ, "ମୁଁ ମଣ୍ଡଳୀରୁ ଆସିବା ପରେ ମୁଁ ଆପଣଙ୍କୁ ସାହାଯ୍ୟ କରିବି, କିନ୍ତୁ ପ୍ରଥମେ ତ ମୁଁ ମଣ୍ଡଳୀକୁ ଯାଉଅଛି।"

470 କହିଲେ ଯେ ସେ ଚାଲିଗଲେ, "ଏବଂ ଶ୍ରୀମାନ ରାମସି ତାଙ୍କ କାରରେ ଭାଲ୍‌ଭଗୁଡିକ ସଠିକ କରୁଥିଲେ। ସେ କହିଲେ, 'ଜିମି, ନଦୀ ଉପରେ ଦେଇ ଚାଲି ଯାଅ। ଏଠାରେ ମଦଶାଳାଗୁଡିକ ବନ୍ଦ ହୋଇଯାଇଛି। ନଦୀ ଉପରେ ଦେଇ ଯାଅ ଏବଂ ମୋତେ ବିୟର ମଦର ଏକ ପେଟି ଆଣିଦିଅ।'"

471 ସେ କହିଲେ, "ଶ୍ରୀମାନ ରାମସି, ମୁଁ ଅନେକ ବିଷୟଗୁଡିକ ପାଇଁ ଦୋଷୀ ଅଟେ, କିନ୍ତୁ ପ୍ରଭୁଙ୍କର ଜଣେ ସେବକଙ୍କ ପାଇଁ ବିୟର ମଦର ଏକ ପେଟି ଆଣିବାର ମାମଲାରେ ମୁଁ କଦାପି ଦୋଷୀ ହେବି ନାହିଁ।" ସେ କହିଲେ, "ନା, ଆଜ୍ଞା। ମୁଁ ତାହା କେବେବି କରିବି ନାହିଁ।"

472 ଏବଂ ସେ କହିଲେ, "ତେବେ, ଯାଅ। ଜିମ୍, ତାହା ଆଣିଦିଅ।"

473 ସେ କହିଲେ, "ଶ୍ରୀମାନ ରାମସି, ମୁଁ ଆପଣଙ୍କ ଭାଲ୍‌ଭଗୁଡିକ ସଠିକ କରିଦେଉଛି। କିନ୍ତୁ ଯଦି ଆପଣ କୌଣସି ବିୟର ଆଣିବେ, ତାହାହେଲେ ଆପଣଙ୍କୁ ଯାଇ ନିଜେ ଏହାକୁ ଆଣିବାକୁ ପଡିବ।" ସେ କହିଲେ, "ମୁଁ କେବେହେଲେ ବି ପ୍ରଭୁଙ୍କର ଜଣେ ସେବକ ପାଇଁ ସେହିପରି ଭାବରେ କିଛି ଗୋଟାଏ ଆଣିବାକୁ ଯାଉ ନାହିଁ।"

474 ଅତଏବ ରାମସି ଜିମିଙ୍କ କାରରେ ବସି ପଡ଼ି, ନଦୀକୁ ଉପର ଦେଇ ଚାଲିଗଲେ; ଅଧା ମଦ ପିଇଥିବା ଅବସ୍ଥାରେ, ବିୟରର ଏକ ପେଟି ସହିତ, ଏହାକୁ ପିଉଥାଇ, ଫେରି ଆସିଲେ।

475 ସେ ପତିତ ହୋଇ ଚାଲିଲେ, ଏବଂ ଅସୁସ୍ଥ ହୋଇ ପଡ଼ିଲେ। ବୁଝିଲେ? ପରମେଶ୍ୱର ଆଉ ତାଙ୍କ ସହିତ କଥା ହୋଇପାରିଲେ ନାହିଁ। ମୁଁ ତାଙ୍କୁ ଚେତାବନୀ ଦେଲି, ମୁଁ ଯାହା କରି ପାରିଥାନ୍ତି ତାହା ସବୁକିଛି କଲି। ଭାଇ ସ୍ମିଥ ତାଙ୍କ ନିକଟକୁ ଯାଇ ତାଙ୍କୁ ଚେତାବନୀ ଦେଲେ। ସମସ୍ତେ ତାଙ୍କ ପାଇଁ ଯାହା କରି ପାରିଥାନ୍ତେ ତାହା ସବୁକିଛି କରିବାକୁ ଚେଷ୍ଟା କଲେ। ତଥାପି ସେ କେବଳ ନିଜର ମୁଣ୍ଡକୁ ହଲାଇ ଦେଲେ। କଅଣ ହେଲା? ସେ ଅସୁସ୍ଥ ହୋଇ ମୃତ୍ୟୁବରଣ କଲେ। ତାହା ଏହା ଦର୍ଶାଇଲା ଯେ ସେ ଜଣେ ପରିତ୍ରାଣ ପ୍ରାପ୍ତ ବ୍ୟକ୍ତି ଥିଲେ। ଯଦି ପରମେଶ୍ୱର ତାଙ୍କୁ ନ କରିପାରିବେ...ତାଙ୍କୁ ଆଜ୍ଞା ପାଳନରେ ନ ଆଣିପାରିବେ, ତେବେ ସେ ତାଙ୍କୁ ଏହି ପୃଥିବୀରୁ ନେଇଯିବେ ଏବଂ ଘରକୁ ଆଣିବେ। ଅବିକଳ ଠିକ ତାହାହିଁ ଅଟେ ଯାହାକି ବାଇବଲ କୁହେ। ତାହାହିଁ ଅଟେ ଯାହାକି ବାଇବଲ ପ୍ରତିଜ୍ଞା କରେ। ଯଦି ଆପଣ ସଂଶୋଧନରେ ସହ୍ୟ ନ କରିବେ, ତାହାହେଲେ ଆପଣଙ୍କୁ ଘରକୁ ଆସିବାକୁ ପଡିବ।

476 ଅତଏବ ପରମେଶ୍ୱର ଆପଣଙ୍କୁ ଉଦ୍ଧାର କରି ସାରିବା ପରେ ଆପଣଙ୍କୁ ଆଉ ହରାଇପାରନ୍ତି ନାହିଁ, ମାତ୍ର ସେ ଏଠାରେ ଆପଣଙ୍କର ଦିନଗୁଡିକୁ କମ୍ କରି ଦେଇପାରନ୍ତି, ଏବଂ ଆପଣ କରିଥିବା ପ୍ରତ୍ୟେକ ପାପ ପାଇଁ ଆପଣଙ୍କୁ ମୂଲ୍ୟ ପରିଶୋଧ କରାଇ ପାରନ୍ତି। ତେଣୁ, ଯଦି ଆପଣ ପାପ କରିବେ, ତାହାହେଲେ ଆପଣ ତାହା ପାଇଁ ମୂଲ୍ୟ ପରିଶୋଧ କରିବାକୁ ଯାଉଛନ୍ତି ଯାହା ଆପଣ କରିଥାଆନ୍ତି। କେବଳ ତାହା ମନେରଖନ୍ତୁ।

477 ତେବେ, ବର୍ତ୍ତମାନ ପ୍ରଭୁ ଆପଣଙ୍କ ସହିତରେ ରୁହନ୍ତୁ। ମୁଁ ଆଜି ରାତିରେ, ବିଶ୍ୱାସ କରେ, ଯେ ଭାଇ ରାମସି ଉଦ୍ଧାର ପାଇଥିଲେ। ଅବଶ୍ୟ, ମୁଁ ଏହାକୁ ବିଶ୍ୱାସ କରେ। ମାତ୍ର ସେ କେବଳ ପରମେଶ୍ୱରଙ୍କ କଥା ମାନି ନ ଥିଲେ, ଏବଂ ଯେତେବେଳେ ସେ ପରମେଶ୍ୱରଙ୍କ କଥା ମାନିଲେ ନାହିଁ, ପରମେଶ୍ୱରଙ୍କୁ ତାଙ୍କୁ ଘରକୁ ଆଣିବାକୁ ପଡିଲା। ତାହା ହିଁ କେବଳ ଏକ ମାତ୍ର ବିଷୟ କରିବା ପାଇଁ ଥିଲା, କାରଣ, ଏହା କଅଣ ଥିଲା? "ସେ ସେହି ରକ୍ତ ଉପରେ ନିନ୍ଦା ଓ ଅପମାନ ଆଣିଥାଆନ୍ତେ ଯେଉଁଥିରେ ସେ ପବିତ୍ରୀକୃତ କରା ହୋଇଥିଲେ।" କଅଣ ତାହା ଠିକ୍ ଅଟେ?

"ଏବଂ ସେହି ନିୟମକୁ ଏକ ଅଶୁଚି ବିଷୟ ବୋଲି ଗଣନା କରିଥିଲେ," ଯଦି ତାହା ଅବିକଳ ଠିକ ଏହା ନୁହେଁ କି ଯାହା ଏହି ଏବ୍ରୀ ପତ୍ରଟି କହିଥାଏ । ବୁଝିଲେ? ତାଙ୍କ ପାଇଁ ବିନଷ୍ଟ ହେବା ଏହା ଅସମ୍ଭବ ହେବ, ମାତ୍ର ସେ ନିନ୍ଦା ଓ ଅପମାନ ଆଣିବେ, ତେଣୁକରି ପରମେଶ୍ୱରଙ୍କୁ ତାଙ୍କୁ ପୃଥିବୀରୁ ନେଇଯିବାକୁ ପଡିବ ଏବଂ ଘରକୁ ଆଣିବାକୁ ପଡିବ । ଅବିକଳ ତାହାହିଁ ଅଟେ ଯାହାକି ଘଟିଥିଲା ।

ତେବେ ପ୍ରଭୁ ଆଶୀର୍ବାଦ କରନ୍ତୁ, ଯେତେବେଳେକି ଆମେମାନେ ପ୍ରାର୍ଥନାର ଏକ କ୍ଷଣ ପାଇଁ ନିଜର ମସ୍ତକଗୁଡିକୁ ନତ କରୁଅଛୁ ।

478 ତେବେ, ଅତି ପବିତ୍ର ଓ ଅନୁଗ୍ରହକାରୀ ପିତା, ଆମେମାନେ ବାସ୍ତବରେ ସେହି ପ୍ରତିଜ୍ଞା ପାଇଁ ତୁମଠାରେ ପ୍ରକୃତରେ କୃତଜ୍ଞ ଅଟୁ ଯାହା ଆମର ଅଛି, ଯେ ତୁମେ ଆମକୁ କେବେ ବି ଛାଡିବ ନାହିଁ କିମ୍ବା ପରିତ୍ୟାଗ କରିବ ନାହିଁ । ତୁମେ ପ୍ରତିଜ୍ଞା କରିଛ ଯେ ତୁମେ ଜୀବନସାରା ଆମ ସହିତରେ ଯିବ, ଏବଂ ମୃତ୍ୟୁରେ ତୁମେ ଆମ ପାଖରେ ରହିବ । ତୁମେ ଆମକୁ ପ୍ରତିଜ୍ଞା କରିଛ ଯେ ଆମଠାରେ ଅନନ୍ତ ଜୀବନ ରହିବ । ତୁମେ ଆମକୁ ଏହା ଉନ୍ମୁକ୍ତ ଭାବରେ ଦେଇଅଛ । ଆମେ ଏହାକୁ କଦାପି ହରାଇ ନ ପାରୁ । "ଯେସମସ୍ତେ ମୋ ପାଖକୁ ଆସନ୍ତି, ସମସ୍ତଙ୍କର ଅନନ୍ତ ଜୀବନ ରହିବ ।" ଏବଂ ଯଦି ଏହା ଅନନ୍ତ ଜୀବନ ଅଟେ, ତାହାହେଲେ ଏହାର କୌଣସି ଅନ୍ତ ନାହିଁ, ଏବଂ ତୁମେ ଆମକୁ ଶେଷ ଦିନରେ ଉତ୍ଥାପିତ କରିବ ବୋଲି ପ୍ରତିଜ୍ଞା କରିଅଛ । ଏଥିପାଇଁ ଆମେମାନେ ବହୁତ କୃତଜ୍ଞ ଅଟୁ । ଆମେମାନେ ଧନ୍ୟବାଦୀ ଅଟୁ ଯେ ତୁମର ବାକ୍ୟ ଆମକୁ ଏହା ଶିକ୍ଷା ଦେଇଥାଏ । ଏହା ଆମକୁ ଏକ ସୁନିଶ୍ଚିତ ଭରସା ଦେଇଥାଏ । ଏହା ଆମକୁ ଜଣାଇଥାଏ ଯେ ଆମର ପିତା ପ୍ରେମ ଅଟନ୍ତି । ସେ ଆମକୁ ପ୍ରେମ କରନ୍ତି, ଏବଂ ସେ ଆମକୁ ବାଛିଛନ୍ତି । ତୁମେ କହିଛ, "ତୁମେମାନେ ମୋତେ ବାଛି ନାହଁ, ମାତ୍ର ମୁଁ ତୁମମାନଙ୍କୁ ବାଛିଅଛି ଓ ନିଯୁକ୍ତ କରିଅଛି ।" ଏବଂ ପିତା, ମୁଁ ତୁମକୁ ଧନ୍ୟବାଦ ଦେଉଅଛି, ଯେ ତୁମେ ଏହା କରିଅଛ । ଏବଂ ଆଜିରାତି, ଏଠାରେ ଅନେକେ ବସିଛନ୍ତି, ଏବଂ ଯେଉଁମାନେକି ଅନନ୍ତ ଜୀବନ ପାଇଁ ନିଯୁକ୍ତ ହୋଇଅଛନ୍ତି, ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଅଛନ୍ତି । ଏବଂ ଆତ୍ମାଙ୍କର ଫଳଗୁଡିକ ସେମାନଙ୍କର ଜୀବନକୁ ଅନୁସରଣ କରେ: ଭଦ୍ର, ନମ୍ର, ଦୀନ, ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଉତ୍ତମତା । ଆମେ ସେଗୁଡିକ ପାଇଁ କୃତଜ୍ଞ ଅଟୁ ।

479 ଏବଂ ପିତା, ଆମେମାନେ ପ୍ରାର୍ଥନା କରୁଛୁ, ଯେ ଆଜି ରାତିରେ, ଯଦି ଏଠାରେ ଏପରି କିଛି ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେକି ସେହି ଫଳଗୁଡିକ ସେମାନଙ୍କ ସହିତରେ ନାହିଁ, ମାତ୍ର ସେମାନେ କିଛି ଚମତ୍କାର ଉପରେ ବିଶ୍ରାମ କରୁଅଛନ୍ତି, ଯେହେତୁ ସେମାନେ ଦିନେ, କୃତ୍ରିମ ଭାବେ ଭାବାବେଗରେ କାର୍ଯ୍ୟରତ ହୋଇଥିଲେ, କାରଣ ସେମାନେ ଭାବପ୍ରବଣ ହୋଇ ଯାଇଥିଲେ, ସେମାନେ ଭଲ ଅନୁଭବ କରିଥିଲେ, ହୋଇପାରେ ସେମାନେ ଚିତ୍କାର କରିଥିବେ, ସେମାନେ ହୁଏତ ଅନେକ କାର୍ଯ୍ୟଗୁଡିକ କରିଥିବେ । ମାତ୍ର, ହେ ପିତା, ଯଦି ସେମାନେ ଆତ୍ମାର ଫଳ ପାଇ ନାହାଁନ୍ତି, ଯାହାକି ସେମାନଙ୍କୁ ଦିନକୁ ଦିନ ନିରନ୍ତର ପ୍ରେମରେ

ରଖିଥାଏ, ସେମାନଙ୍କର ଶତ୍ରୁମାନଙ୍କୁ କ୍ଷମା କରିଥାଏ, ସେମାନଙ୍କର ଭୁଲ୍‌ଗୁଡିକୁ ଠିକ୍ କରିଥାଏ, ଏବଂ ଶାନ୍ତିପୂର୍ଣ୍ଣ ଏବଂ ସ୍ନେହପୂର୍ଣ୍ଣ ଭାବରେ ଜୀବନ ଯାପନ କରିଥାଏ, ଏବଂ ପରସ୍ପର ଜଣେ ଅନ୍ୟ ପ୍ରତି ମଧୁର ଏବଂ ଦୟାଳୁ ରହିଥାଏ, ଏବଂ ମଣ୍ଡଳୀ ପାଇଁ ଏକ ଉତ୍ସାହ, ଖ୍ରୀଷ୍ଟ ଏବଂ ତାହାଙ୍କର ସନ୍ତାନମାନଙ୍କ ପାଇଁ ଏକ ପ୍ରେମ ରଖିଥାଏ, ତେବେ ହେ ଅନନ୍ତ ପରମେଶ୍ୱର, ସେମାନଙ୍କୁ କ୍ଷମା କର। ଯଦିଓ ସେମାନେ ମଣ୍ଡଳୀର ସଦସ୍ୟ, ପାର୍ଥିବ ଶରୀରର ସଦସ୍ୟ ଥାଆନ୍ତି, ଏହା ହେଉ ଯେ ସେମାନେ ବର୍ତ୍ତମାନ ଯାଇ ସେହି ଶାରୀରିକ, ମୃତ କର୍ମଗୁଡ଼ିକୁ ଅନ୍ୟତ୍ର ରଖି ଦିଅନ୍ତୁ, ଏବଂ ସିଦ୍ଧତା ଆଡ଼କୁ ଅଗ୍ରସର ହେଉନ୍ତୁ। ହେ ପ୍ରଭୁ, ଏହା ପ୍ରଦାନ କର। ଏହା ହେଉ ଯେ ସେମାନେ ସେହି ସିଦ୍ଧ ବ୍ୟକ୍ତିଙ୍କ ନିକଟକୁ ଆସନ୍ତୁ ଏବଂ ତାହାଙ୍କୁ ସେମାନଙ୍କର ପାପଗୁଡିକ ପାଇଁ ପ୍ରାୟଶ୍ଚିତ ଭାବରେ ଗ୍ରହଣ କରନ୍ତୁ, ଯେପରିକି ସେ ଜଣେ ଦୋଷୀ ପୁରୁଷ ଏବଂ ଦୋଷୀ ସ୍ତ୍ରୀ ପାଇଁ ଏକ ସିଦ୍ଧ ବଳିଦାନ ଭାବରେ ଛିଡା ହୋଇପାରନ୍ତି। ଏବଂ ସେମାନଙ୍କୁ ନିଜର ପ୍ରେମ ଏବଂ ଶାନ୍ତିର ଅନୁଗ୍ରହକୁ ଯୋଗାନ୍ତୁ, ଯେପର୍ଯ୍ୟନ୍ତକି ସେମାନେ ଚିରଦିନ ପାଇଁ ଜୀବିତ ରହିବା ନିମନ୍ତେ ପରମେଶ୍ୱରଙ୍କ ଉପସ୍ଥିତିରେ ଆସି ନ ଯାଆନ୍ତି। ପିତା, ଏହାକୁ ପ୍ରଦାନ କର।

ଯେତେବେଳେକି ଆମେମାନେ ଆମର ମସ୍ତକଗୁଡିକୁ ନତ କରିଅଛୁ:

480 ଯଦି ଏପରି କେହି ଜଣେ ଅଛନ୍ତି ଯିଏକି ନିୟମବିଧି ସକଳର ଏକ ଶାରୀରିକ ଜୀବନକୁ, ପୁଣି ନାନା ବାପ୍ତିସ୍ମର, ସମ୍ବେଦନାର, ସେହିପରି ଛୋଟ ଛୋଟ ଶାରୀରିକ ଜିନିଷଗୁଡ଼ିକର ଜୀବନକୁ, ପ୍ରକୃତ ପ୍ରେମରେ ପରିପୂର୍ଣ୍ଣ ଏକ ବାସ୍ତବ ହୃଦୟ ସହିତରେ ବଦଳାଇବାକୁ ଚାହାଁନ୍ତି, ଯେପରିକି—ଯେପରିକି ଆପଣ ନିଜର ସବୁଠୁ ତିକ୍ତ ଶତ୍ରୁ ପାଖକୁ ସୁଦ୍ଧା ଯାଇପାରିବେ, ଏବଂ ତାଙ୍କ ଚାରିପାଖେ ନିଜର ବାହୁକୁ ଦେଇ ଏହା କହିପାରିବେ, “ଭାଇ, ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବି। ମୁଁ ଆପଣଙ୍କୁ ପ୍ରେମ କରେ।” ଯଦି ଆପଣ ଶାରୀରିକ ବିଷୟର ସେହି ଅନୁଭୁତିକୁ ସେହି ପ୍ରେମର ଏକ ପ୍ରକୃତ ଅନୁଭୂତି ସହିତ ଅଦଳ ବଦଳ କରିବାକୁ ଚାହାଁନ୍ତି, କଅଣ ଆପଣ ନିଜର ହାତକୁ ପରମେଶ୍ୱରଙ୍କ ଆଡକୁ ଉଠାଇବେ, ଏବଂ କହିବେ କି, “ହେ ପରମେଶ୍ୱର, ଆଜି ରାତିରେ ମୋତେ ନିଅ ଏବଂ ମୋତେ ତାହା କର ଯାହା ମୋତେ ହେବା ଉଚିତ୍”? ମୁଁ ଆପଣ ପାଇଁ ଠିକ ଏଠାରେ ପ୍ରଚାର ମଞ୍ଚରୁ, ପ୍ରାର୍ଥନା କରିବି। କଅଣ ଆପଣ ପ୍ରାର୍ଥନା ଚାହୁଁଛନ୍ତି କି? ନିଜର ହାତ ଉଠାନ୍ତୁ।

481 ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ ଆଶୀର୍ବାଦ କରନ୍ତୁ, ମହାଶୟ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ। ଅନ୍ୟ କେହି ଅଛନ୍ତି କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ। “ମୁଁ ଅନେକ ବର୍ଷ ଧରି ମଣ୍ଡଳୀରେ ରହିଅଛି।” ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଆଜ୍ଞା। ପରମେଶ୍ୱର ଆପଣଙ୍କୁ ଏଠାରେ ଆଶୀର୍ବାଦ କରନ୍ତୁ, ଭାଇ। ହେ ସାନ ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। “ମୁଁ ପରମେଶ୍ୱରଙ୍କୁ ମୋତେ ଶାନ୍ତିପୂର୍ଣ୍ଣ କରିବାକୁ ନିବେଦନ କରିବି।” କଅଣ ଆପଣ…କଅଣ ଆପଣ ପ୍ରକୃତରେ କ୍ରୋଧୀ ଅଟନ୍ତି କି? କଅଣ ଆପଣ ଆଉ କୌଣସି ମାର୍ଗ ପାଉ ନାହାଁନ୍ତି କି? କଅଣ ଆପଣ

ସନ୍ଦେହ କରୁଛନ୍ତି କି? କଅଣ ଆପଣ ଇତସ୍ତତଃ ହେଉଛନ୍ତି କି? କଅଣ ଆପଣ ଆଶ୍ଚର୍ଯ୍ୟ କରନ୍ତି ଯେ ଏହା ପ୍ରକୃତରେ ଠିକ୍ କି ନୁହେଁ? ଯେତେବେଳେ ଆପଣ ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତି, କଅଣ ଆପଣ ସେତେବେଳେ ଏକ ସମ୍ପୂର୍ଣ୍ଣ ଆଶ୍ୱାସନା, ପ୍ରେମରେ ପରିପୂର୍ଣ୍ଣ ଏକ ହୃଦୟ ସହିତରେ ଆସନ୍ତି କି? କଅଣ ଆପଣ କୌଣସି ଭୟ ନ କରି ତାହାଙ୍କ ନିକଟକୁ ଯାଇ, ଏହା କୁହନ୍ତି କି, "ମୁଁ ଜାଣେ ଯେ ସେ ମୋର ପିତା ଅଟନ୍ତି"?

482 ଏବଂ ସେଠାରେ କୌଣସି ନିନ୍ଦା ନ ଥାଏ, ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରି ଯାଇଛନ୍ତି। ଆପଣ ଏହା ଜାଣନ୍ତି। ଏବଂ ଆପଣ ନିଜର ଜୀବନକୁ ଲକ୍ଷ୍ୟ କରନ୍ତୁ: ଆପଣ ପ୍ରେମୀ ଅଟନ୍ତି, ଆପଣ କ୍ଷମାଶୀଳ ଅଟନ୍ତି, ଆପଣ ଭଦ୍ର ଅଟନ୍ତି, ଆପଣ ଶାନ୍ତିପୂର୍ଣ୍ଣ, ଆପଣ ନମ୍ର ଅଟନ୍ତି। ଆତ୍ମାଙ୍କର ଏହି ସମସ୍ତ ଫଳଗୁଡିକ ଦିନକୁ ଦିନ, ଆପଣଙ୍କ ଜୀବନ ସହିତରେ ଲାଗି ରହିଥାଏ। ଏବଂ ଠିକ ଯେତେବେଳେ ଆପଣ କିଛି ଗୋଟାଏ ଭୁଲ୍ କରନ୍ତି, ଓଃ, ମୋର ପ୍ରଭୁ, ଠିକ ଯେତିକି ବେଳେ ଏହା ଆପଣଙ୍କର ମନକୁ ଆସେ ଯେ ଆପଣ ଭୁଲ୍ କରିଛନ୍ତି, ଠିକ ସେହିଠାରେ ହିଁ, ଶୀଘ୍ର ଆପଣ ଏହାକୁ ଠିକ୍ କରି ନିଅନ୍ତି। ଆଉ ଏକ ମିନିଟ୍ ପାଇଁ ଅଧିକ ଅପେକ୍ଷା କରନ୍ତି ନାହିଁ, ଠିକ୍ ସେହି ସମୟରେ ଯାଆନ୍ତି ଏବଂ ଏହାକୁ ଠିକ୍ କରି ନିଅନ୍ତି। ଯଦି ଆପଣ ନ କରନ୍ତି, ତେବେ, ଆପଣଙ୍କଠାରେ ଖ୍ରୀଷ୍ଟଙ୍କ ଆତ୍ମା ନାହିଁ। ହୋଇପାରେ ଆପଣ ଜଣେ ଭଲ ନାରୀ ହୋଇଥିବେ, ଆପଣ ଜଣେ ଭଲ ପୁରୁଷ ହୋଇଥିବେ, ଆପଣଙ୍କୁ ମଣ୍ଡଳୀରେ ସମସ୍ତେ ଭଲ ବୋଲି ଜ୍ଞାନ କରୁଥିବେ, ହୁଏତ ଆପଣଙ୍କୁ ପଡ଼ୋଶରେ ଭଲ ବୋଲି ଭାବୁଥିବେ, ମାତ୍ର କଅଣ ଆପଣ ସେହି ସିଦ୍ଧତା ଆଡ଼କୁ ଯାଇଛନ୍ତି କି, ସେହି ସ୍ଥାନକୁ ଯେଉଁଠାରେକି ଆପଣ ସମ୍ପୂର୍ଣ୍ଣ ଭାବରେ ଖ୍ରୀଷ୍ଟଙ୍କ ଉପରେ ଭରସା କରିଥାଆନ୍ତି? ଏବଂ ଏହା ଦ୍ୱାରା, ଆପଣ ମୁଦ୍ରାଙ୍କିତ ହୋଇଥାଆନ୍ତି। "ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ଏବଂ ଏହା ତାଙ୍କ ପାଇଁ ଧାର୍ମିକତା ବୋଲି ଗଣନା କରାଗଲା। ତାହାପରେ ପରମେଶ୍ୱର ତାଙ୍କୁ ଏକ ନିଶ୍ଚିତକରଣ ଭାବରେ, ସୁନ୍ନତର ମୁଦ୍ରା ପ୍ରଦାନ କଲେ।"

483 ତେବେ ଆପଣ କୁହନ୍ତି, "ମୁଁ ପରମେଶ୍ୱରଙ୍କୁ ବିଶ୍ୱାସ କରେ। ମୁଁ ଏକ ସ୍ୱୀକାରୋକ୍ତି କରିଅଛି।" ମାତ୍ର କଅଣ ପରମେଶ୍ୱର ଆପଣଙ୍କୁ ଆପଣଙ୍କର ଜୀବନ ଉପରେ, ପ୍ରେମ, ଆନନ୍ଦ, ଆତ୍ମାର ଫଳଗୁଡିକର, ପବିତ୍ରଆତ୍ମାଙ୍କ ମୁଦ୍ରା ଦେଇଛନ୍ତି କି, ଏହା ପ୍ରମାଣ କରିବା ହେତୁ ଯେ ଆପଣ ଉଦ୍ଧାର ପାଇଅଛନ୍ତି? ଯଦି ସେ ତାହା କରିନାହାଁନ୍ତି, ତେବେ ସେ ଏପର୍ଯ୍ୟନ୍ତ ଆପଣଙ୍କର ବିଶ୍ୱାସକୁ ଚିହ୍ନିତ କରି ନାହାଁନ୍ତି। ଆପଣ କେବଳ ଏକ ସ୍ୱୀକାରୋକ୍ତି କରିଅଛନ୍ତି। ସେ ଏହାକୁ ଗ୍ରହଣ କରିନାହାଁନ୍ତି, ସେଠାରେ କିଛି ଗୋଟାଏ ଭୁଲ ଅଛି। ତେବେ, କଅଣ ଆପଣ ତାହାଙ୍କୁ ଗ୍ରହଣ କରିବାକୁ ଚାହିଁବେ କି? ନିଜର ହାତ ଉଠାନ୍ତୁ, ଯଦି ଅନ୍ୟ କେହି ଅଛନ୍ତି, ଏହା ପୂର୍ବେକି ଆମେମାନେ ପ୍ରାର୍ଥନା କରୁ।

484 ହେ ଯୁବା ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ, ମଧ୍ୟ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

ଠିକ୍ ଅଛି। ଆମେ ପ୍ରାର୍ଥନା କରିବା ପୂର୍ବରୁ, ଆଉ କେହି ଅଛନ୍ତି କି? ଠିକ୍ ଅଛି। ଭଉଣୀ, ପରମେଶ୍ୱର ଆପଣଙ୍କୁ, ସେଠାରେ ପଛରେ ଆଶୀର୍ବାଦ କରନ୍ତୁ। ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ହେ ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ତାହା ଠିକ୍ ଅଟେ। ପ୍ରାୟଃ ଦଶ, ପନ୍ଦରଟି ହାତ ଉପରକୁ ଉଠିଅଛି।

ତେବେ ଆସନ୍ତୁ ପ୍ରାର୍ଥନା କରିବା।

485 ହେ ଧନ୍ୟ ପ୍ରଭୁ, ସେମାନଙ୍କ ଆସନରେ, ସେମାନେ ଏକ ବେଦୀ ପାଉଅଛନ୍ତି। ଏହା ସେମାନଙ୍କ ଆସନରେ, ଯେଉଁଠାରେ ସେମାନେ ବର୍ତ୍ତମାନ ବସିଛନ୍ତି, ଯେ ତୁମେ ସେମାନଙ୍କ ହୃଦୟ ସହିତ କଥା ହୋଇଅଛ, ଯେ ସେମାନେ "ଭୁଲ" ଅଟନ୍ତି। ଏହା ସେମାନଙ୍କ ଆସନରେ ଅଟେ ଯେ ତୁମେ ସେମାନଙ୍କ ହୃଦୟରେ ଏକ ଇଚ୍ଛା ଦେଇଅଛ, ଯେ ସେମାନେ "ଯୀଶୁଙ୍କ ପରି ଅଧିକ ହେବାକୁ ଇଚ୍ଛା କରୁଛନ୍ତି।"

486 ସେମାନେ ଚାହୁଁଛନ୍ତି ଯେ ସେମାନଙ୍କର ଜୀବନ ପରିବର୍ତ୍ତନ ହେଉ। ସେମାନେ ଦୀନ ଓ ନମ୍ର ହେବାକୁ ଚାହୁଁଛନ୍ତି। ସେମାନେ ଭଦ୍ର ଏବଂ ଧୈର୍ଯ୍ୟରେ ପରିପୂର୍ଣ୍ଣ ହେବାକୁ ଚାହୁଁଛନ୍ତି। ସେମାନେ ଦୀର୍ଘସହିଷ୍ଣୁ, ସହନଶୀଳ ହେବାକୁ ଚାହୁଁଛନ୍ତି। ସେମାନେ ଖ୍ରୀଷ୍ଟିଆନ-ପରି, ଅତ୍ୟଧିକ ଖ୍ରୀଷ୍ଟଙ୍କ-ପରି ହେବାକୁ ଚାହୁଁଛନ୍ତି, ଏପରିକି ଜଗତ ସୁଦ୍ଧା କହିବ, ଯେତେବେଳେ ସେମାନେ ମାର୍ଗରେ ଯାଉଥିବେ, "ସେହି ବ୍ୟକ୍ତିଟି ପ୍ରକୃତରେ ଜଣେ ଖ୍ରୀଷ୍ଟିଆନ ଅଟେ। ସେହି ସ୍ତ୍ରୀଲୋକଟି ପ୍ରକୃତରେ ଜଣେ ଖ୍ରୀଷ୍ଟିଆନ ଅଟେ। ଓଃ, ସେମାନେ ତ ସବୁଠାରୁ ଭଦ୍ର, ନମ୍ର, ମଧୁର ଲୋକମାନେ ଅଟନ୍ତି!"

487 ପ୍ରଭୁ, ଏହା ପ୍ରଦାନ କର, ଯେ ଆଜି ରାତିରେ ସେମାନେ ସେହି ଅଭିଜ୍ଞତାକୁ ଗ୍ରହଣ କରିବେ। ଏବଂ ଏହା ହେଉ ଯେ ସେମାନେ କଦାପି ସେମାନଙ୍କର ମଣ୍ଡଳୀର ଦକ୍ଷତା ଉପରେ, କୌଣସି ମଣ୍ଡଳି ସହିତ ସେମାନଙ୍କର ସମ୍ପର୍କ ଉପରେ, କୌଣସି ନାମଧାରୀ ସଂସ୍ଥା ଉପରେ ବିଶ୍ରାମ ନ କରନ୍ତୁ; କିମ୍ବା ସେମାନଙ୍କର କୌଣସି ଭାବନା ଉପରେ, କୌଣସି ଚମତ୍କାର ବିଷୟ ଉପରେ, ଯେପରିକି ଭାବପ୍ରବଣ ଭାବରେ, ଏପରି କୌଣସି ବିଷୟ ଉପରେ ଯାହାକି ଘଟିଅଛି; ଯେ ସେମାନେ ଉଚ୍ଚ ପାଟିରେ ଚିତ୍କାର କରିଛନ୍ତି, ପରଭାଷାରେ କଥା କହିଛନ୍ତି, କିମ୍ବା ଅନ୍ୟ କିଛି ଗୋଟାଏ କରିଛନ୍ତି, ତାହା ଉପରେ ବିଶ୍ରାମ ନ କରନ୍ତୁ।

488 ହେ ଅନନ୍ତଜୀବୀ ପରମେଶ୍ୱର, ସେମାନେ ସେହି ବିଷୟ ଗୁଡିକର ଆଧାରରେ ସ୍ୱର୍ଗକୁ ଯିବାର ଭରସା କରିବାକୁ ଚେଷ୍ଟା ନ କରନ୍ତୁ, କାରଣ ଆମେ ଏହାକୁ ଅନେକ ଥର ଦୁର୍ଭାଗ୍ୟଜନକ ଭାବରେ ବିଫଳ ହୋଇଥିବାର ଦେଖିଅଛୁ। ଏବଂ ତୁମେ କହିଛ ଯେ ଏହା ବିଫଳ ହେବ, "ଯଦି ଏହା ପରଭାଷା ଥାଏ, ଏହା କ୍ଷାନ୍ତ ହୋଇଯିବ! ଯେଉଁଠାରେ ତାହା ଭବିଷ୍ୟବାଣୀ ଥାଏ, ତାହା ଲୋପ ପାଇଯିବ। ଯେଉଁଠାରେ ଏହା ଜ୍ଞାନ ଥାଏ, ତାହା ଲୋପ ପାଇଯିବ। ଓଃ, ଯେଉଁଠାରେ ଏହି ସବୁ ବିଷୟ ରହିଥାଏ, ଏପରିକି ବରଦାନଗୁଡିକ,

ଆରୋଗ୍ୟତାର ଚମତ୍କାର, ସେଗୁଡ଼ିକ ସବୁ କ୍ଷାନ୍ତ ହୋଇଯିବ । କେବଳ ସେହି ଈଶ୍ୱରୀୟ ପ୍ରେମ ସ୍ଥାୟୀ ରହିବ ।"

489 ହେ ପରମେଶ୍ୱର, ସେମାନଙ୍କ ହୃଦୟରେ ତାହା ସୃଷ୍ଟି କର, ଏବଂ ସେମାନେ ତାହା ଜାଣନ୍ତୁ ଯେ ତାହା ସେହି ଆତ୍ମା ହିଁ ଅଟେ ଯାହାକି ସେହି ଫଳଗୁଡିକୁ ଆଣିଥାଏ । ହେ ପ୍ରଭୁ, ତାହା ବର୍ତ୍ତମାନ ହିଁ କର, ଯେତେବେଳେକି ଆମେ ତୁମ ଉପରେ ଅପେକ୍ଷା କରୁଅଛୁ, କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

490 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]...ଅଗ୍ନିଜ୍ୱାଳା ପିଣ୍ଡଗୁଡିକ ଉଡୁଥିବାର ଦେଖିବା, ଏବଂ ଘୁଘୁ କାପ୍ତାଗୁଡିକୁ ଭବନରେ ଏପାଖ ସେପାଖ ଗମନ କରୁଥିବାର ଦେଖିବା, ଖ୍ରୀଷ୍ଟଙ୍କୁ ଆପଣା ହାତରେ କଣ୍ଟା ଥିବା ସହ, ଏବଂ ତାହାଙ୍କୁ ଆସିବାର ଦେଖିବା...ଓଃ, କଅଣ ଆପଣ ଜାଣିଛନ୍ତି ଯେ ତାହା ଖ୍ରୀଷ୍ଟାରୀର କୃତ୍ରିମ ବ୍ୟବସ୍ଥା ଅଟେ? ସେ କହିଥିଲେ, "ଯେତେବେଳେ ଏହି ଜିନିଷଗୁଡ଼ିକ ଘଟିବାକୁ ଆରମ୍ଭ କରେ, ସେତେବେଳେ ଉର୍ଦ୍ଧ୍ୱ ଦୃଷ୍ଟି କର, ତୁମର ମୁକ୍ତି ସନ୍ନିକଟ ।" ତେଣୁକରି ଏହା ସେହି କାରଣ ହିଁ ଅଟେ ଯେ ମୁଁ ପ୍ରତି ମିନିଟରେ ମଣ୍ଡଳୀକୁ ଯୋର ଦେବାରେ ଇଚ୍ଛା କରିଥାଏ ଯେତିକି ମୁଁ କରିପାରେ, ଏବଂ ଆପଣଙ୍କୁ ସୁଦୃଢ଼ କରିପାରେ । ଭାଇ ନେୱିଲ୍ ସବୁବେଳେ ଆମ ସହିତ ନ ଥାଇ ପାରନ୍ତି । ମୁଁ ବିଶ୍ୱାସ କରେ ଯେ ଭାଇ ନେୱିଲ ଜଣେ ଭଲ, ସୁଦୃଢ ସୁସମାଚାର ଶିକ୍ଷକ ଅଟନ୍ତି । ଆମେମାନେ ଜାଣି ନାହୁଁ ଯେ କେଉଁ ବିଷୟ ଆପଣାକୁ ଏହି ପ୍ରଚାର ମଞ୍ଚ ନିକଟକୁ ନିଜର ବାଟ କଢେଇ ନେଇଯିବ, ଏବଂ, ଯେତେବେଳେ ଏହା ଏଠାରେ ପହଞ୍ଚିବ, "ମୋର ମେଣ୍ଢା ମୋର ସ୍ୱର ଜାଣନ୍ତି ।" ସେହି ବାକ୍ୟ ସହିତ ରୁହନ୍ତୁ । ଆପଣ ସେହି ବାକ୍ୟକୁ କେବେବି ଛାଡନ୍ତୁ ନାହିଁ । ଆପଣ ଏହା ସହିତ ଠିକ୍ ଲାଗି ରୁହନ୍ତୁ । ଆପଣ ସେହି ସ୍ୱାଧୀନତାରେ ଦୃଢ଼ ଭାବରେ ଛିଡା ହୁଅନ୍ତୁ ଯେଉଁଠାରେ ଖ୍ରୀଷ୍ଟ ଆପଣଙ୍କୁ ମୁକ୍ତ କରିଅଛନ୍ତି । ଦାସତ୍ୱର ସେହି ସମସ୍ତ ଯୁଆଳିରେ ଓ ପ୍ରଭୃତି ସବୁରେ ଜଡିତ ହୁଅନ୍ତୁ ନାହିଁ । ଦୃଢ଼ ଭାବରେ ଛିଡା ହୁଅନ୍ତୁ, ଏବଂ ମୁକ୍ତ ଭାବରେ ଛିଡା ରୁହନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରିବେ । ଜଗତରେ ଆମେ ଭୟ କରିବା ଭଳି କୌଣସି ବିଷୟ ନାହିଁ ।

491 ଆପଣ ସବୁବେଳେ ଆଶ୍ଚର୍ଯ୍ୟ କରୁଥାଆନ୍ତି । ମୁଁ ଲକ୍ଷ୍ୟ କରେ ଯେ ଲୋକମାନେ ପ୍ରାର୍ଥନା କରାଇବାକୁ ଆସନ୍ତି, ସେମାନେ ଧାଡିରେ ବଙ୍କେଇ ହୋଇ ରହିଥିବେ । ପରବର୍ତ୍ତୀ ସମୟରେ ଯେତେବେଳେ ସେମାନେ ଏକ ଆରୋଗ୍ୟତା ଅଭିଯାନକୁ ଦେଖନ୍ତି, ସେମାନେ ଏହି ଧାଡିକୁ ଚାଲିଯିବେ, ସେମାନେ ଏହି ଧାଡିକୁ ଚାଲିଯିବେ । ମୁଁ ସେମାନଙ୍କୁ ଦୋଷ ଦିଏ ନାହିଁ । ସେମାନେ ଆରାମ ପାଇବାକୁ ଚେଷ୍ଟା କରୁଛନ୍ତି, ମାତ୍ର ସେମାନେ ଭୁଲ୍ ମାର୍ଗରେ ଯାଉଛନ୍ତି । ଆପଣ ବିପରୀତ କାର୍ଯ୍ୟ କରୁଛନ୍ତି, ଯାହା ପରମେଶ୍ୱର ନ କରିବା ପାଇଁ କହିଥିଲେ । ବୁଝିଲେ? ଯେତେବେଳେ ଆପଣ ସାହସର ସହିତ ଅନୁଗ୍ରହର ସିଂହାସନ ନିକଟକୁ ଚାଲିକରି ଯାଆନ୍ତି, ଏବଂ ବିଶ୍ୱାସ କରନ୍ତି, ଯେ, "ତୁମେ ମାଗିଛ, ତୁମେ ତାହା ପାଇବ," ତାହା ସହିତ ଲାଗି ରହିଥାଆନ୍ତୁ । ସେହି ପ୍ରକାରେ ହିଁ ତାହା କରାଯାଏ; କେବଳ ଗୋଟିଏ ମିଶନରୁ ଅନ୍ୟ ମିଶନ ପର୍ଯ୍ୟନ୍ତ ଯିବା ନୁହେଁ, ମଣ୍ଡଳୀରୁ ମଣ୍ଡଳୀ ପର୍ଯ୍ୟନ୍ତ, ଅଭିଯାନରୁ ଅଭିଯାନ ପର୍ଯ୍ୟନ୍ତ ଯିବା ନୁହେଁ ।

492 କାହିଁକି, ସେମାନେ ତ ଏହି ଆରୋଗ୍ୟତା ଅଭିଯାନଗୁଡ଼ିକୁ ଏକ ନିର୍ବୋଧ ରୁଣ୍ଡ ପରି କରି ଦେଇଛନ୍ତି । ନିଶ୍ଚିତ ଭାବରେ, ସେମାନେ କରି ଦେଇଛନ୍ତି । ଏହା ଏପରି ଏକ ସ୍ଥାନରେ ପରିଣତ ହୋଇଯାଇଛି ଯେଉଁଠାରେକି, ବୁଦ୍ଧିମାନ ଲୋକମାନେ, ସେମାନେ ଚାରିପାଖିକୁ ଅନାନ୍ତି ଏବଂ ସେମାନେ ଆଶ୍ଚର୍ଯ୍ୟ କରିଥାଆନ୍ତି ଯେ ଏହା ସବୁ କଅଣ ଅଟେ । ସେଠାରେ, ପରମେଶ୍ୱର ସେହି ଜିନିଷଗୁଡିକୁ ଚାହାଁନ୍ତି ନାହିଁ । ଆରୋଗ୍ୟତା କେବଳ ଅଭିଯାନଗୁଡିକରେ ହେବା ଆବଶ୍ୟକ ନୁହେଁ । ଆରୋଗ୍ୟତା ତ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ ରହିବା ଉଚିତ, ଏହି ସମସ୍ତ ବରଦାନଗୁଡ଼ିକ କାର୍ଯ୍ୟକାରୀ ହେବା ଉଚିତ । ମାତ୍ର ସେହି ବରଦାନଗୁଡ଼ିକରେ ବିହନ ଭାବୀ ରହିଯାଆନ୍ତୁ ନାହିଁ । ବରଦାନ ପ୍ରତି କୌଣସି ଧ୍ୟାନ ଦିଅନ୍ତୁ ନାହିଁ । ଯଦି ପରମେଶ୍ୱର ଆପଣଙ୍କୁ କୌଣସି ବିଷୟ ପାଇଁ ବ୍ୟବହାର କରିବାକୁ ଚାହାଁନ୍ତି, ତାହାହେଲେ ସେ ତାହା କରିବେ । ମାତ୍ର, ଦାତାଙ୍କୁ ଲକ୍ଷ୍ୟ ରଖିଥାଆନ୍ତୁ ।

493 ମାର୍ଟିନ ଲୁଥର୍, ଥରେ ପରଭାଷାରେ କଥା କହିବା ପରେ, ତାଙ୍କୁ ପଚରାଗଲା ଯେ ସେ କାହିଁକି ଏହାକୁ ପ୍ରଚାର କରୁନାହାଁନ୍ତି, ସେ କହିଲେ, "ଯଦି ମୁଁ ତାହା ପ୍ରଚାର କରିବି, ମୋର ଲୋକମାନେ ଦାତା ବଦଳରେ ସେହି ବରଦାନ ପଛରେ ଚାଲିଯିବେ ।" ତାହା ଠିକ୍ ଅଟେ ।

494 ମୁଡି, ଥରେ, କଥା କହୁଥିଲେ, ଏବଂ ଆରମ୍ଭ କଲେ, ଯେତେବେଳେ ସେ ପ୍ରେରଣା ଅଧୀନରେ ଥାଇ ପ୍ରଚାର କରୁଥିଲେ, ସେ ପରଭାଷାରେ କଥା କହିଥିଲେ । ସେ କହିଲେ, "ହେ ପରମେଶ୍ୱର, ନିର୍ବୋଧ ଶବ୍ଦଗୁଡ଼ିକ ଉଚ୍ଚାରଣ କରୁଥିବା ପାଇଁ ମୋତେ କ୍ଷମା କର ।" ନିଶ୍ଚିତ ଭାବରେ । ବୁଝିଲେ? ଏବଂ ସେମାନଙ୍କଠାରେ ସେହି ଜିନିଷଗୁଡ଼ିକ ରହିଥିଲା । ଆମେ ସେହି ଜିନିଷଗୁଡିକୁ ବିଶ୍ୱାସ କରୁ, ମାତ୍ର ସେଗୁଡିକୁ ସେମାନଙ୍କର ଯଥା ସ୍ଥାନରେ ରଖାଯିବା ଆବଶ୍ୟକ । ଏବଂ ସେଗୁଡିକୁ ପ୍ରମାଣ ଭାବରେ ରଖାଯିବା ଉଚିତ୍ ନୁହେଁ ।

495 ବାଇବଲରେ ଏପରି ଗୋଟିଏ ବି ଜିନିଷ ବାକି ନାହିଁ, କେବଳ ଆତ୍ମାଙ୍କର ଫଳଗୁଡିକୁ ଛାଡ଼ି ଦେଲେ, ଯାହାକୁ "ପବିତ୍ରଆତ୍ମାଙ୍କର ପ୍ରମାଣ" ବୋଲି କୁହାଯାଏ । କୌଣସି ବି ସ୍ଥାନ ଖୋଜନ୍ତୁ ଯେଉଁଠାରେ ଯୀଶୁ ଏପରି କହିଥିଲେ । ହଁ, ଆଜ୍ଞା । ପବିତ୍ରଆତ୍ମାଙ୍କର ପ୍ରମାଣ ହେଉଛି ଆତ୍ମାର ଫଳ । ଯୀଶୁ ଏପରି କହିଥିଲେ, "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଜାଣିବ ।" "ଏବଂ ଆତ୍ମାର ଫଳ ହେଉଛି ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଉତ୍ତମତା, ଶାନ୍ତି, ଭଦ୍ରତା, ନମ୍ରତା । ଏବଂ ଶତ୍ରୁର ଫଳ ହେଉଛି ଶତ୍ରୁତା, ଘୃଣା, ଦୁଷ୍ଟତା, ଝଗଡା, ଏବଂ ଇତ୍ୟାଦି ସବୁ; ତାହା ହେଉଛି ଶତ୍ରୁର ଫଳ ।" ତେଣୁ, ଆପଣ ଯେଉଁ ପ୍ରକାରେ ନିଜର ଜୀବନଯାପନ କରୁଅଛନ୍ତି ତଦ୍ଦ୍ୱାରା ଆପଣ ନିଜର ବିଚାର କରିପାରନ୍ତି, ଯେ ଆପଣ ପରମେଶ୍ୱରଙ୍କ ସହିତ କେଉଁଠାରେ ଛିଡା ହୋଇଛନ୍ତି । ଯଦି ଆପଣଙ୍କର ସମ୍ପୂର୍ଣ୍ଣ ହୃଦୟ ତାହାଙ୍କ ସହିତ ପ୍ରେମରେ ଅଛି, ଏବଂ ଆପଣ ତାହାଙ୍କୁ ପ୍ରେମ କରନ୍ତି ଏବଂ ଭଦ୍ର ଅଟନ୍ତି, ଏବଂ ପ୍ରତିଦିନ ତାହାଙ୍କ ସହିତ ଜୀବନ ଯାପନ କରନ୍ତି, ତେବେ ଆପଣ ଜାଣନ୍ତି ଯେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି । ଯଦି ଏହା ନୁହେଁ, ଏବଂ ଆପଣ ଅନ୍ୟଥା କିଛି

ଅଟନ୍ତି, ତାହାହେଲେ ଆପଣ କେବଳ ଜଣେ ଖ୍ରୀଷ୍ଟିଆନ ଭାବରେ ନକଲ କରୁଛନ୍ତି । ତାହା ଠିକ୍ ଅଟେ । ଯାହାକି, ସମସ୍ତ ଶାରୀରିକ ନକଲ ନିଶ୍ଚିତ ଭାବରେ ପ୍ରକାଶ ପାଇବ । ଆମେ ତାହା ଜାଣୁ ।

496 ତେଣୁ, ସେହି ପ୍ରକାରର ଏକ ଜୀବନଯାପନ କରନ୍ତୁ ନାହିଁ, ଆପଣଙ୍କୁ ତାହା କରିବାର କୌଣସି ଆବଶ୍ୟକତା ନାହିଁ । ଯେତେବେଳେ ଉପରିସ୍ଥ ସମସ୍ତ ଆକାଶ ଉତ୍ତମ ଏବଂ ବାସ୍ତବରେ ପରିପୂର୍ଣ୍ଣ ଅଟେ, ତାହାହେଲେ ଆପଣ କାହିଁକି ଏକ ବିକଳ୍ପ ଗ୍ରହଣ କରିବେ? ନିଶ୍ଚିତ ଭାବରେ । ମୋତେ ପରମେଶ୍ୱରଙ୍କୁ ଗ୍ରହଣ କରିବାକୁ ଦିଅନ୍ତୁ, ତାହାହିଁ ଅଟେ ଯାହାକି ମୁଁ ଚାହେଁ । ଆମେନ୍ ।

497 ତେବେ, କଅଣ କେହି ପ୍ରାର୍ଥନା କରିବାକୁ ଆସିଲେ କି? ଯଦି ଆପଣ ଆସିଛନ୍ତି, ତେବେ ନିଜର ହାତ ଉଠାନ୍ତୁ । ଆଜି ସକାଳେ ଆମର ଆରୋଗ୍ୟ ସେବା ହୋଇଥିଲା । ମୁଁ ଭାବୁଛି ତେବେ…ଏହି ମହିଳା ଏଠାରେ? ଠିକ୍ ଅଛି, ଭଉଣୀ, ତାହାହେଲେ କଅଣ ଆପଣ ଆଗକୁ ଆସିବେ କି? ଏବଂ ଆମର ଭାଇ, ପ୍ରାଚୀନ, ଏଠାରେ, ଅଭିଷେକ ପାଇଁ ଆସନ୍ତୁ । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

…ମୋ ଉପରେ ଉଜ୍ଜ୍ୱଳ କର;
ଓଃ, ମୋ ଉପରେ ଉଜ୍ଜ୍ୱଳ କର, ହେ ପ୍ରଭୁ, ମୋ ଉପରେ ଜ୍ୟୋତି
କର,
ସେହି ଆଲୋକଗୃହରୁ ଆଲୋକ ମୋ ଉପରେ ଉଜ୍ଜ୍ୱଳ ହେଉ ।

498 କଅଣ ସେ ଅଦ୍ଭୁତ ନୁହଁନ୍ତି କି? ଆସନ୍ତୁ ଆମେମାନେ କେବଳ ନିଜର ମସ୍ତକଗୁଡିକୁ, ବର୍ତ୍ତମାନ ନୀରବ ଭାବରେ ନତ କରିବା । ଏବଂ, ପୁନର୍ବାର, *ମୋ ଉପରେ ଉଜ୍ଜ୍ୱଳ କର* । ତେବେ, ବର୍ତ୍ତମାନ, ସମସ୍ତେ ଆସନ୍ତୁ, ତାହା, "ଉଜ୍ଜ୍ୱଳ…" ବର୍ତ୍ତମାନ ନିଜ ପ୍ରାଣରେ ତାହାଙ୍କୁ କେବଳ ଉପାସନା କରନ୍ତୁ, ଦେଖନ୍ତୁ, ନୀରବ ଭାବରେ ରହି । ଆରୋଗ୍ୟ ସେବା ଆସୁଅଛି । ବାର୍ତ୍ତା ସମାପ୍ତ ହୋଇଅଛି । ଆସନ୍ତୁ ଉପାସନା କରିବା ।

ସେହି ଆଲୋକଗୃହରୁ ଆଲୋକ ମୋ ଉପରେ ଉଜ୍ଜ୍ୱଳ ହେଉ;
ଓଃ, ମୋ ଉପରେ ଉଜ୍ଜ୍ୱଳ କର, ହେ ପ୍ରଭୁ, ମୋ ଉପରେ ଜ୍ୟୋତି
କର ।
ସେହି ଆଲୋକଗୃହରୁ ଆଲୋକ ମୋ ଉପରେ ଉଜ୍ଜ୍ୱଳ ହେଉ ।

କେବଳ ଯୀଶୁଙ୍କ ପରି ହେବା, ଯୀଶୁଙ୍କ ପରି ହେବା, (ଓଃ!)
ପୃଥିବୀରେ ମୁଁ ତାହାଙ୍କ ପରି ହେବାକୁ ଇଚ୍ଛା କରେ;
ପୃଥିବୀରୁ ମହିମା ପର୍ଯ୍ୟନ୍ତ ସମଗ୍ର ଜୀବନର ଯାତ୍ରାରେ,
ମୁଁ କେବଳ ତାହାଙ୍କ ପରି ହେବାକୁ ପ୍ରାର୍ଥନା କରେ ।

ଆମେ ଜ୍ୟୋତିରେ ଚାଲିବୁ, ଏପରି ଏକ ସୁନ୍ଦର ଜ୍ୟୋତିରେ,

ସେଠାକୁ ଆସ ଯେଉଁଠାରେ ଦୟା କାକର ଉଜ୍ଜ୍ୱଳ;
ଦିନରାତି, ଆମ ଚାରିପାଖରେ ଉଜ୍ଜ୍ୱଳ କର,
ଯୀଶୁ, ଜଗତର ଜ୍ୟୋତି ।

ଜ୍ୟୋତିର ସମସ୍ତ ସାଧୁଗଣ ଏହା ଦାବି କରନ୍ତି,
ଯୀଶୁ, ଜଗତର ଜ୍ୟୋତି,
ତେବେ ସ୍ୱର୍ଗର ଘଣ୍ଟିଗୁଡ଼ିକ ବାଜିବ,
ଯୀଶୁ, ର ଜ୍ୟୋତି...

ହେ ପ୍ରଭୁ, ଯେତେବେଳେ ଆମେମାନେ ତୁମକୁ ଉପାସନା କରୁଅଛୁ, ଆମକୁ ଗ୍ରହଣ କର ।

ଆମେ ଜ୍ୟୋତି, ସୁନ୍ଦର ଜ୍ୟୋତିରେ ଗମନାଗମନ କରିବୁ,
ସେଠାକୁ ଆସ ଯେଉଁଠାରେ ଦୟା କାକର ଉଜ୍ଜ୍ୱଳ;
ଦିନରାତି ଆମ ଚାରିପାଖରେ ଉଜ୍ଜ୍ୱଳ କର,
ଯୀଶୁ ଜଗତର ଜ୍ୟୋତି ।

499 କଅଣ ଆପଣ କେବଳ ସେହି ହୃଦୟର ଢଳାଯିବାକୁ ଭଲ ପାଆନ୍ତି ନାହିଁ କି? କଅଣ ଆପଣ ଭଲ ଅନୁଭବ କରୁଛନ୍ତି କି? ନିଜର ହାତ ଉଠାନ୍ତୁ, କୁହନ୍ତୁ । ସେହି ପୁରୁଣା-କାଳିଆ ଗୀତଗୁଡ଼ିକ ବିଷୟରେ କିଛି ଗୋଟାଏ ଅଛି, ସେହି ପୁରୁଣା-ସମୟର ଭଜନ, ଏହି ସମସ୍ତ ନୂତନ ଜାଗତିକ ଗୀତଗୁଡ଼ିକ ଅପେକ୍ଷା ମୁଁ ତ ସେହିସବୁକୁ ବରଂ ନେବି ଓ ଖ୍ରୀଷ୍ଟିୟାନ ମଣ୍ଡଳୀଗୁଡ଼ିକରେ ରଖିବି । ମୁଁ ସେହି ପୁରୁଣା ସମୟକୁ ପସନ୍ଦ କରେ, ମୋତେ ଭଲ ଲାଗେ ।

ଯୀଶୁ, ମୋତେ କ୍ରୁଶ ନିକଟରେ ରଖ, (ମୋର ପ୍ରଭୁ!)
ସେଠାରେ ଏକ ବହୁମୂଲ୍ୟ ନିର୍ଝର ଅଛି,
ସମସ୍ତଙ୍କ ପାଇଁ ମାଗଣା, ଏକ ଆରୋଗ୍ୟକାରୀ ନିର୍ଝର,
କାଲବରୀ ଝରଣାଠାରୁ ପ୍ରବାହିତ ହୁଏ ।

ସେହି କ୍ରୁଶରେ, ସେହି କ୍ରୁଶରେ,
ଓଃ, ମୋର ଗୌରବ ସର୍ବଦା ହୁଅ ।
ଯେପର୍ଯ୍ୟନ୍ତ କି ମୋର ଉଲ୍ଲସିତ ପ୍ରାଣ ନ ପାଇଯିବ
ନଦୀ ଆରପାର୍ଶ୍ୱରେ ବିଶ୍ରାମ ।

500 ଯେତେବେଳେ ତାହା ଗାନ କରାଯାଏ ମୁଁ ଏହି ଜଗତରୁ ଅତି ସହଜରେ ଚାଲି ଯାଇପାରେ, କଅଣ ଆପଣ ପାରିବେ ନାହିଁ କି? କେତେ ଅଦ୍ଭୁତ! କଅଣ ଏହା ସବୁ ସମାଧାନ ହୋଇଯାଇଛି କି? ଆପଣ ଜାଣନ୍ତି, ମୁଁ ଖୁସି ଯେ ମୁଁ ଏହା ସମସ୍ତ ସମାଧାନ କରିସାରିଛି, କଅଣ ଆପଣ ନୁହଁନ୍ତି କି? ସେହି ପୁରୁଣା ହିସାବ ଖାତା ସବୁ, ବହୁ ସମୟ ପୂର୍ବରୁ ସମାଧାନ ହୋଇ ସାରିଛି । ମୁ ତାହାଙ୍କୁ କହିଲି, "ପ୍ରଭୁ, ମୁଁ ନଦୀ କୂଳରେ କୌଣସି ଅସୁବିଧା ଚାହେଁ ନାହିଁ ।

ମୁଁ—ମୁଁ ବର୍ତ୍ତମାନ ହିଁ ସୁନିଶ୍ଚିତ ହେବାକୁ ଚାହେଁ।” ମୁଁ ତାହାଙ୍କୁ ଜାଣିବାକୁ ଚାହେଁ। ମୁଁ ତାହାଙ୍କୁ ଜାଣିବାକୁ ଚାହେଁ।

501 ଆମ ସମସ୍ତଙ୍କ ସମ୍ମୁଖରେ ଏକ ବଡ଼, ଅନ୍ଧାରୁଆ ଗର୍ତ୍ତ ରଖା ହୋଇଅଛି। ଆମେମାନେ ସେହି ପଥ ଅଭିମୁଖେ ଅଛୁ। ପ୍ରତ୍ୟେକ ଥର ଯେତେବେଳେ ଆମର ହୃଦୟ ସ୍ପନ୍ଦନ କରେ, ଆମେ ନିକଟତର ଏବଂ ଅଧିକ ନିକଟତର ହୋଇଥାଉ। ମାତ୍ର ଯେତେବେଳେ ମୁଁ ସେଠାରେ ପହଞ୍ଚେ, ମୁଁ ଜଣେ ଭୀରୁ ଲୋକ ପରି ପାଟିତୁଣ୍ଡ କରିବାକୁ ଚାହେଁ ନାହିଁ, ମୁଁ ତ ତାହାଙ୍କ ଧାର୍ମିକତାର ପୋଷାକରେ ନିଜକୁ ପରିହିତ କରିବାକୁ ଚାହେଁ, ଏହା ଜାଣି, ଏଥି ଭିତରେ ପ୍ରବେଶ କରିବାକୁ ଚାହେଁ, ଯେ, “ମୁଁ ତାହାଙ୍କୁ ତାଙ୍କ ପୁନରୁତ୍ଥାନର ଶକ୍ତିରେ ଜାଣେ।” ଏପରିକି, ଯେତେବେଳେ ସେ ଡାକିବେ, ମୁଁ ମୃତମାନଙ୍କ ମଧ୍ୟରୁ ବାହାରି ଆସିବି।

ମୋର...

502 *ମୋର ବିଶ୍ୱାସ ତୁମ ଆଡ଼କୁ ଦେଖେ*, ଆସନ୍ତୁ ତେବେ ଏହାକୁ ଗାଇବା।

ମୋର ବିଶ୍ୱାସ ତୁମ ଆଡ଼କୁ ଦେଖେ,
ହେ କାଲବରୀର ମେଷଶାବକ,
ହେ ଦିବ୍ୟ ତ୍ରାଣକର୍ତ୍ତା;
ତେବେ ମୁଁ ପ୍ରାର୍ଥନା କଲାବେଳେ ମୋହର ଶୁଣ,
ମୋର ସମସ୍ତ ପାପକୁ ଦୂରେଇ ନିଅ,
କିଅବା ମୋତେ କଦାପି ଭ୍ରାନ୍ତ ହେବାକୁ ଦିଅ ନାହିଁ
ତୁମ ପାଖରୁ।

503 ତେବେ, ହେ ମହାନ ଗୁରୁ, ଯେପରିକି ତୁମେ ଆମକୁ ତୁମର ଚମତ୍କାର ବାକ୍ୟରେ ଶିକ୍ଷା ଦେଇଅଛ, ଆମର ହୃଦୟଗୁଡିକ ଉର୍ଦ୍ଧାନ୍ତିକରଣର ଅନୁଗ୍ରହ ସହିତ, କେବଳ ଥରି ଉଠୁଛି, ଏହା ଜାଣିବା ହେତୁ ଯେ ଆମେମାନେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛୁ। ଆମ ପ୍ରଭୁ ଯୀଶୁଙ୍କ ସମସ୍ତ ମଙ୍ଗଳଦାନ ଦ୍ୱାରା, ଯିଏକି ଆମକୁ ଡାକିଅଛନ୍ତି, ଏବଂ ନିଜ ରକ୍ତରେ ଆମକୁ ଧୌତ କରିଅଛନ୍ତି, ଏବଂ ସେ ଆମମାନଙ୍କୁ ନିଖୁଣ, ନିର୍ଦୋଷ ଭାବରେ, ପରମେଶ୍ୱରଙ୍କ ସିଂହାସନ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି, କାରଣ ସେ ଆମର ପାପଗୁଡିକୁ ନେଇ ନେଲେ। ଆମର ଆଉ କୌଣସି ପାପ ନାହିଁ। “ପରମେଶ୍ୱର ଆମ ସମସ୍ତଙ୍କର ଅଧର୍ମକୁ ତାହାଙ୍କ ଉପରେ ଦେଇ ଦେଲେ, ଏବଂ ସେ ଆମର ଅପରାଧଗୁଡିକ ପାଇଁ ଘାତ କରାଗଲେ।” ଓଃ, ଆମେ ତାହାଙ୍କୁ କିପରି ପ୍ରେମ କରୁ, ପରମେଶ୍ୱରଙ୍କ ସେହି ମହାନ ମେଷଶାବକକୁ!

504 ଏବଂ ପିତା, ଆମେମାନେ ପ୍ରାର୍ଥନା କରୁଛୁ, ଯେ ତୁମେ ଆମକୁ ଉଚ୍ଚାରଣ, ଅଭିବ୍ୟକ୍ତି ଦେବ, ଯାହା ଆମେ ଅନ୍ୟମାନଙ୍କୁ କହିପାରୁ, ଯେପରିକି ସେମାନେ ମଧ୍ୟ, ତାହାଙ୍କୁ

ଜାଣିପାରିବେ, ଏବଂ ତାହାଙ୍କୁ ପ୍ରେମ କରିପାରିବେ, କାରଣ ସେ ସେମାନଙ୍କୁ ପ୍ରେମ କରନ୍ତି । ଆମକୁ ଏହି ଅନୁଗ୍ରହ ପ୍ରଦାନ କର ।

ଏବଂ ପିତା, ସେହି ନବଜାତ ଶିଶୁମାନଙ୍କ ପାଇଁ ତୁମର ଧନ୍ୟବାଦ ହେଉ ଯେଉଁମାନେକି ଏବେ ହିଁ ପରମେଶ୍ୱରଙ୍କ ରାଜ୍ୟକୁ ଆସିଅଛନ୍ତି । ଏହା ହେଉ ଯେ ସେମାନେ କୌଣସି ସ୍ଥାନରେ ଏକ ଉତ୍ତମ ମଣ୍ଡଳୀ ଘର ପାଇପାରନ୍ତି, ଏବଂ ସେଠାରେ ତୁମର ସେବା କରିପାରନ୍ତି ଯେପର୍ଯ୍ୟନ୍ତକି ମୃତ୍ୟୁ ସେମାନଙ୍କୁ ଦୁଃଖ ଏବଂ ଯନ୍ତ୍ରଣାର ଏହି ପୁରୁଣା ଦେହରୁ ମୁକ୍ତ ନ କରିଦିଏ, ଏବଂ ସେମାନଙ୍କୁ ନିଖୁଣ, ନିର୍ଦ୍ଦୋଷ ଭାବରେ, ତାହାଙ୍କ ସମ୍ମୁଖରେ, ଅନନ୍ତ ଜୀବନ ସହିତ, ଉପସ୍ଥାପନ ନ କରି ଦିଏ । କାରଣ ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ । ଆମେନ୍ ।

57-0908E ଏବ୍ରୀ, ଅଧ୍ୟାୟ ଛଅ #2

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।


ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:


VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org